# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ନଭେମ୍ବର ୫ /୨୦୧୮ (୧୬+୪ ପୃଷ୍ଠା) Rayagada, Monday, November 5 / 2018 ★

୮ମ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP
GROUP
Quality Since 1965
MADHUBAN
Safal
PAN MASALA
NO TOBACCO, NO NICOTINE ADDED
4.5g.
₹5/- ରେ ଡବଲ
ଡୋଜ୍‌ର ମଜା
Happy Diwali
Safal
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ନଭେମ୍ବର ୫ /୨୦୧୮ | Rayagada, Monday, November 5 / 2018 | ପୃଷ୍ଠା-୧



**ଲିଲିମାଙ୍କୁ ଏକଲବ୍ୟ ପୁରସ୍କାର**
ଭାରତୀୟ ମହିଳା ହକି ତାରକା ଓଡ଼ିଶାର ଲିଲିମା ମିଞ୍ଜ ରବିବାର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୧୨

୦୭

**ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏ.ଆର. ରହମାନ୍**
ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମାନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି।



### ଶୁଭେଚ୍ଛା।

'ଧରିତ୍ରୀ'ର ଦକ୍ଷିଣ ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆମର ଅଗଣିତ ପାଠିକା ପାଠକ, ଏଜେଣ୍ଟ, ବିତରକ, ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା।

### ଆଜିର ସମ୍ପାଦକୀୟ

**ଏରୋସ୍ପେସ ସ୍ୱପ୍ନ**

### ଆଜିର ମନ୍ତବ୍ୟ

"ଲୋକେ ହିଂସା ପରିତ୍ୟାଗ କରି ନିଜ ହୃଦୟରେ ରାମମନ୍ଦିର ନିର୍ମାଣ କରିବା ଉଚିତ।
–ଶଶି ଥରୁର, କଂଗ୍ରେସ ଏମ୍‌ପି

### କିଛି ତଥ୍ୟ

୨୦୧୭–୧୮ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ବାବଦକୁ ମୋଟ୍ ୪୧,୧୪୭ କୋଟି ଟଙ୍କା ପ୍ରଦାନ କରିଛନ୍ତି।
– ଅର୍ଥ ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 04.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 68 | 116 | 126 |
| DKL | 69 | 118 | 128 |
| BDK | 68 | 116 | 126 |
| BLS | 68 | 116 | 126 |
| ANG | 70 | 119 | 129 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers

■ ଭାରତୀୟ ଯବାନଙ୍କ ମୁଣ୍ଡ ଗଣୁଛି ଆଇଏସ୍‌ଆଇ

# ନେପାଳ କାନ୍ଧରେ ଲଶ୍କର ବନ୍ଧୁକ

ନୂଆଦିଲ୍ଲୀ,୪।୧୧

ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାବେଳେ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଜମ୍ମୁ–କଶ୍ମୀରରେ ଅସ୍ଥିରତା ସୃଷ୍ଟିରେ ବ୍ୟସ୍ତ। ଏଭଳି ସମୟରେ ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ନେପାଳ କାନ୍ଧରେ ବନ୍ଧୁକ ରଖି ଭାରତୀୟ ଯବାନଙ୍କ ମୁଣ୍ଡ ଗଡ଼ାଇବାକୁ ରଚିଛି ସାଂଘାତିକ ଷଡ଼ଯନ୍ତ୍ର। ଏଥିରେ ନିୟୋଜିତ ହୋଇଛି ପଡ଼ୋଶୀ ଦେଶର ସବୁଠୁ ବିପଜ୍ଜନକ ଆତଙ୍କବାଦୀ ସଙ୍ଗଠନ ଲଶ୍କର–ଇ–ତୋଇବା(ଏଲ୍‌ଇଟି)। ଭାରତ ମାଟିରେ ଆତଙ୍କବାଦୀ ଆକ୍ରମଣ ଘଟାଇ ଅଧିକରୁ ଅଧିକ ଲୋକଙ୍କ ଜୀବନ ନେବା ପାଇଁ ଆଇଏସ୍‌ଆଇ–ଏଲ୍‌ଇଟି ଛନ୍ଦିଛନ୍ତି ମୃତ୍ୟୁର ନାଗଫାଶ। ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଏହି ଘାତକ ଚକ୍ରାନ୍ତ ସମ୍ପର୍କରେ ରିପୋର୍ଟ ପ୍ରଘଟ ହେବା ପରେ ତତ୍ପରତା ପ୍ରକାଶ କରିଛି ସୁରକ୍ଷା ବଳ।

ସଦ୍ୟ ପ୍ରକାଶିତ ଗୋଇନ୍ଦା ରିପୋର୍ଟ ମୁତାବକ, ଜମ୍ମୁ–କଶ୍ମୀରର ରାଜଧାନୀ ଶ୍ରୀନଗର ପରେ ନେପାଳର ରାଜଧାନୀ କାଠମାଣ୍ଡୁ ଆଇଏସ୍‌ଆଇ ପାଇଁ ପାଲଟିଛି ଆତଙ୍କବାଦ ରପ୍ତାନିର ନୂଆ ପ୍ରୟୋଗଶାଳା। ଆଇଏସ୍‌ଆଇ କାଠମାଣ୍ଡୁରେ ଆତଙ୍କବାଦୀଙ୍କୁ ନିୟୋଜିତ କରି ଭାରତୀୟ ସୁରକ୍ଷା ବଳକୁ ଟାର୍ଗେଟ କରିବାକୁ ଯୋଜନା ଚଳାଇଛି। ଏଥିରେ କାଠମାଣ୍ଡୁସ୍ଥିତ ପାକିସ୍ତାନ ଦୂତାବାସର କେତେଜଣ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି। ଲଶ୍କର ନେପାଳରେ ତା'ର କେତୋଟି ଶାଖା ଗଠନ କରିଛି। ସେଠାରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦିଆଯାଉଛି। ନୂଆକରି ନିଯୁକ୍ତି ପାଉଥିବା ଯୁବକଙ୍କୁ ପାକିସ୍ତାନୀ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଥିବାବେଳେ ଆଇଏସ୍‌ଆଇ ସେମାନଙ୍କୁ ଆତଙ୍କବାଦର ତାଲିମ ପାଇଁ ଅର୍ଥ ଯୋଗାଣ କରୁଛି। ଏଥିରେ ପାକିସ୍ତାନୀ ଦୂତାବାସର ସକ୍ରିୟ ଭୂମିକା ସାମ୍ନାକୁ ଆସିଛି। କାଠମାଣ୍ଡୁରେ ଆଇଏସ୍‌ଆଇ ପକ୍ଷରୁ କେତୋଟି ଇସ୍‌ଲାମିକ୍ ଏନ୍‌ଜିଓ ଖୋଲାଯାଇଛି। ଉକ୍ତ ଏନ୍‌ଜିଓଗୁଡ଼ିକୁ ଲଶ୍କର ଆତଙ୍କବାଦୀମାନେ ପରିଚାଳିତ କରୁଛନ୍ତି। କାଠମାଣ୍ଡୁସ୍ଥିତ ପାକିସ୍ତାନୀ ଦୂତାବାସରେ କାର୍ଯ୍ୟରତ ୨ ଜଣ ଆଇଏସ୍‌ଆଇ ଏଜେଣ୍ଟ ନିକଟରେ ନେପାଳର ମୋରାଗ ଜିଲାସ୍ଥିତ ବିରାଟନଗର ଗସ୍ତ କରିଥିଲେ। ସେମାନେ ଲଶ୍କର ଆତଙ୍କବାଦୀଙ୍କ ସହ ମିଶି ନାନା ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ଅନ୍ୟପକ୍ଷରେ ଭାରତ–ନେପାଳ ସୀମାରେ ସେଭଳି ବଡ଼ଧରଣର ପ୍ରତିବନ୍ଧକ ନାହିଁ। ତେଣୁ ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ଜାତୀୟ ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ଅନେକ ସମୟରେ ଚିନ୍ତାବ୍ୟକ୍ତ କରିଛି। କାରଣ ପାକିସ୍ତାନ ନିଜ ଦୂତାବାସ ଜରିଆରେ ବାଂଲାଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିଛି। ପାକିସ୍ତାନୀ ଦୂତାବାସଗୁଡ଼ିକର ଅଧିକାରୀଙ୍କ ଆତଙ୍କବାଦୀ ଗତିବିଧି ସମ୍ପର୍କରେ ଏକାଧିକ ନଜିର ରହିଛି। ଭାରତରେ ବଡ଼ଧରଣର ଆକ୍ରମଣ ଘଟାଇବା ପାଇଁ ସେମାନେ ଲଗାତର ଆତଙ୍କବାଦୀଙ୍କୁ ଭେଟି ଉସୁକାଉଥିବା ଜଣାପଡ଼ିଛି। ଏହାକୁ ନେଇ ନିକଟରେ ଭାରତୀୟ ସୁରକ୍ଷା ସଂସ୍ଥାଗୁଡ଼ିକ ନିଜ ଉଚ୍ଚାଯୁକ୍ତଙ୍କ ଜରିଆରେ ପାକିସ୍ତାନ ନିକଟରେ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣେ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଶ୍ରୀନଗର ସମେତ ଜମ୍ମୁ–କଶ୍ମୀରର ଅଧିକାଂଶ ସ୍ଥାନରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନେଟ୍‌ୱର୍କ ସକ୍ରିୟ ଥିବାବେଳେ ବାଂଲାଦେଶ ପରେ ନେପାଳକୁ ମଝିରେ ରଖି ଭାରତ ସହ ଖେଳ ଖେଳିବାକୁ ଉଦ୍ୟମ ଆରମ୍ଭ କରିଛି ପାକିସ୍ତାନ। ନେପାଳ ଭାରତର ଏକ ବନ୍ଧୁରାଷ୍ଟ୍ର ହୋଇଥିବାରୁ ନିଜ ଭୂଖଣ୍ଡରୁ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନ ହଟାଇଲେ ଆଗକୁ ନୂଆଦିଲ୍ଲୀ–କାଠମାଣ୍ଡୁ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। କାରଣ ପାକିସ୍ତାନ ଏବେ ନେପାଳ କାନ୍ଧରେ ବନ୍ଧୁକ ରଖି ଭାରତୀୟ ଯବାନଙ୍କୁ ଟାର୍ଗେଟ କରିବାକୁ ଏକ ସୁବିଧାଜନକ ଉପାୟ ବୋଲି ଧରିନେଇଛି।

■ ବଦ୍ରିନାଥରେ ବରଫପାତ

# ଫସିଲେ ଭୋଗରାଇର ୩୩ ତୀର୍ଥଯାତ୍ରୀ

## ଉଦ୍ଧାର ହେଲେ ଭଞ୍ଜନଗରର ୪୨ ଜଣ

ଭୋଗରାଇ/ଭଞ୍ଜନଗର, ୪।୧୧(ଡି.ଏନ.ଏ.)

ଉତ୍ତରାଖଣ୍ଡର ବଦ୍ରିନାଥ ଓ ଆଖପାଖ ଅଞ୍ଚଳରେ ପ୍ରବଳ ବରଫପାତ ହୋଇଛି। ଫଳରେ ସ୍ଥାନେ ସ୍ଥାନେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଫସିରହିଛନ୍ତି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ୩୩ଜଣ ତୀର୍ଥଯାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ତୀର୍ଥଯାତ୍ରୀ ରବିବାର କୌଣସି ପ୍ରକାରେ ତାଙ୍କ ପରିବାରକୁ ଫୋନ ଯୋଗେ ଜଣାଇବା ପରେ ଅନ୍ୟ ପରିବାରର ଲୋକମାନେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ହେଲେ ତୀର୍ଥଯାତ୍ରୀଙ୍କ ସହିତ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ନାନା ଦୁଶ୍ଚିନ୍ତାରେ ରହିବା ସହ ପ୍ରଶାସନକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ବଦ୍ରିନାଥଙ୍କ ଦର୍ଶନ ସାରି ଫେରିବା ବେଳେ ବରଫପାତ ଯୋଗୁ ଏକ ଧର୍ମଶାଳାରେ ପ୍ରାୟ ୨୪ ଘଣ୍ଟା ଖାଦ୍ୟ ନ ପାଇ ଫସିରହିଥିଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ୪୨ ତୀର୍ଥଯାତ୍ରୀ। ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସେଠାକାର ସରକାରଙ୍କ ସହଯୋଗରେ ସେମାନେ ରବିବାର ଉଦ୍ଧାର ହୋଇଛନ୍ତି। ☞ପୃଷ୍ଠା–୨

## ଦାରିଙ୍ଗବାଡ଼ିରେ ତାପମାତ୍ରା ୧୬ ଡିଗ୍ରୀ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ପୂର୍ବ ଆସାମ ଉପରେ ରହିଛି। ଓଡ଼ିଶାରେ ଏହାର ପ୍ରଭାବ ଦେଖାଯିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିରେ ୧୬ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ତାଳଚେରରେ ସର୍ବୋଚ୍ଚ ତାପମାତ୍ରା ୩୫.୧ ଡିଗ୍ରୀ ସେଲ୍‌ସିୟସ ରହିଛି। ନଭେମ୍ବର ପ୍ରଥମ ସପ୍ତାହ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶୀତ ପ୍ରକୋପ ଅନୁଭୂତ ହୋଇନାହିଁ।

## ଉଜୁଡ଼ିଲା ୬୦ ଏକର ଧାନଚାଷ ଚିନ୍ତାରେ ବୈକୁଣ୍ଠପୁରବାସୀ

କୋଟପାଡ଼,୪।୧୧(ଡି.ଏନ୍,ଏ.)

ଉଜୁଡ଼ି ଯାଇଛି ଧାନଚାଷ। ଏକର କି ଦୁଇ ଏକର ନୁହେଁ, ପୂରା ୬୦ରୁ ଊର୍ଦ୍ଧ୍ୱ ଏକର ଧାନଚାଷ ନଷ୍ଟ ହୋଇଛି। ଏଥିପାଇଁ ଏବେ ଚାଷୀ ଚିତ୍କାର କରୁଛନ୍ତି। ଉଜୁଡ଼ା ଧାନଖେତ ନିକଟରେ ଚାଷୀ ହତାଶରେ ମୁଣ୍ଡରେ ହାତ ଦେଉଛନ୍ତି। ଏ ଅଞ୍ଚଳକୁ ମରୁଡ଼ି ଘୋଷଣା କରି ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି। କୋରାପୁଟ ଜିଲା କୋଟପାଡ଼ ବ୍ଲକ୍ ବଡ଼ାସନା ପଞ୍ଚାୟତ ଅଞ୍ଚଳରେ କୋଲାବ ☞ପୃଷ୍ଠା–୨



ଉଜୁଡ଼ି ଯାଇଥିବା ଧାନଖେତ ।



Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. Offer valid only in Odisha. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.
HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp
Hero GoodLife | Hero MILEAGE THODA EXTRA KILOMETERS PER LITRE | Paytm mall ₹5000/- ର ଲାଭ | HeroFinCorp.
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ – 7799766350. ଶ୍ରୀ କାଲେଶ୍ୱର ହୀରୋ – 7799766372. ଜୟପୁର: ସୁପ୍ରିମ ହୀରୋ – 7799766340. ଫୁଲବାଣୀ: ନାରାୟଣୀ ହୀରୋ – 7799766373. ରାୟଗଡ଼ା: ଅଜୀତ ହୀରୋ – 7799766358. ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ – 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ – 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍‌ସ – 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ – 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ – 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଟିକୁନ୍
ପରିବାରବର୍ଗ


ଜୟଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

## SALE

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

real estate

## SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Duplex house for sale near Patia Chowk, land 2000 sqft., construction 2200 sqft. price: 1 crore. 6371468770, 9438299105. D-65156

1260 sqft. gharabari residential yellowzone plot at Pokhariput, Bhubaneswar Rs. 24,50,000/-. Contact: 7504392698. D-65157

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area, Price: 77 lakh, Bank finance available. 9078151122. D-65158

ଭୁବନେଶ୍ୱର ମହାରାଜା Engineering କଲେଜ backsideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9853426050, 9861219987. D-9255

୫ଗୁଣ୍ଠ ଗୃହୋପଯୋଗୀ ସରଧାପୁର ସ୍କୁଲ ନିକଟ ୫୮୫ଡି ତରତୁଆ ମୌଜା ରାସ୍ତା ଥାଇ ତୁରନ୍ତ ବିକ୍ରୟ, ଯୋଗାଯୋଗ। 8249545416. D-9259

**IDCO.GA plots suitable land size any project Bhubaneswar. 8599059704.** D-62912

1BHK flat at Hitech plaza 2/3 BHK flat ready to move near Mancheswar Rly. Station, 2 nos. 3BHK flat at GGP, Jagannathnagar, BBSR. 7008493205, 9437009889. D-9266

construction

Construct your building in finished house contact: 9937064680. D-27282

to-let

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

packers & movers

Samal Packer Movers provide household shifting in reasonable price. 9437035016. D-63864

healthcare

New new openeing full body massage ledies, gents. 7438851534, 7609923705. D-38539

## AFFIDAVIT

By virtue of an affidavit sworn in the Court of Executive Magistrate Dhamnagar I Sudarsan Behera S/D/ of Dhaneswar Behera changed my name from Sudarsan Behera to Harekrushna Behera. Henceforth I will be known as Harekrushna Behera for all purposes. D-9278

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



(ଆଶି)
**ଦେବାଂଶି ନନ୍ଦ**
ଗ୍ରାମ-ତର୍ତ୍ତଙ୍ଗ, ଜଗତ୍‌ସିଂହପୁର

ଜନ୍ମଦିନର ଶୁଭେଚ୍ଛା ସହ: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଏହି କୁନି ଝିଅଟି ଉପରେ ଢାଳି ହେଉ। ଠାକୁର ତୋର ଭବିଷ୍ୟତ ମଙ୍ଗଳ କରନ୍ତୁ। ଜେଜେ ବାପା, ଜେଜେମା, ଅଜା, ଆଈ, ବଡବାପା, ବଡମାମା, ପାପା, ମାମା, ଲୁବୁନ ଓ ପରିବାରବର୍ଗ। ଧ-୯୨୭୯

## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



**ଦିବ୍ୟରଞ୍ଜନ (ପୁପୁନ୍)**
ଦୁଗଲ, ସତ୍ୟବାଦୀ

ତୁମର ପ୍ରଥମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀଗୋପିନାଥ, ଶ୍ରୀରାଧା ରାଣୀଙ୍କ ନିକଟରେ ତୋର ଶୁଭ ମନାସୀ, ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାବା, ମା, ପରିବାର ଓ ବନ୍ଧୁବର୍ଗ। ଧ-୩୪୮୯

# ଚାଷୀ ଆନ୍ଦୋଳନ ରୋକିବାକୁ ୧୪୪
# ଆନ୍ଦୋଳନ ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଦେଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ପୁଣି ରାସ୍ତାକୁ ଓହ୍ଲାଇଛି ନବନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିଠାରେ ଚାଷୀ ମହାସମାବେଶର ଡାକରା ଦିଆଯାଇଛି। ମାତ୍ର ଏଥିପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରି ନାହାନ୍ତି। ଫଳରେ ରାଜଧାନୀ ଆସୁଥିବା ଚାଷୀଙ୍କୁ ପୋଲିସ୍ ରାସ୍ତାରେ ଅଟକାଇ ରଖିଛି। ବାଲୁଗାଁ ଏବଂ କଟକ ଆଡୁ ପଦଯାତ୍ରାରେ ଆସୁଥିବା ଚାଷୀଙ୍କୁ ଆଇନ ଶୃଙ୍ଖଳା ବାହାନାରେ ମଧ୍ୟ ରାସ୍ତାରେ ପୋଲିସ ଅଟକାଇବା ସହ ୧୪୪ଧାରା ଜାରି କରିଛି। ମହାସମାବେଶକୁ ଆଖି ଆଗରେ ରଖି ୨୫ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ ଚାଷୀଙ୍କ ଏହି ଆନ୍ଦୋଳନରେ ଉଭୟ କଂଗ୍ରେସ ଏବଂ ଭାଜପା ଟିମ୍ ସାମିଲ ହୋଇ ଫାଇଦା ଉଠାଇବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ମହାସମାବେଶ ପାଇଁ ସରକାର ଅନୁମତି ପ୍ରଦାନ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ହଜାର ହଜାର ଚାଷୀଙ୍କ ଆଗମନ ଏବଂ ବିରୋଧୀଙ୍କ ଷଡ଼ଯନ୍ତ୍ରକୁ ନିଷ୍କ୍ରିୟ କରିବା ଲାଗି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ନବ ନିର୍ମାଣ କୃଷକ ସଙ୍ଗଠନ ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଆମେ ୩୬ଲକ୍ଷ ଚାଷୀଙ୍କ ପାଇଁ ୨୧ ହଜାର କୋଟି ଟଙ୍କା ଭତ୍ତା ବାବଦ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରୁଛୁ। ଯଦି ରାଜ୍ୟ ସରକାର ଏହି ଦାବି ପାଳନ କରି ଅଧ୍ୟାଦେଶ ଜାରି କରନ୍ତି ଏବଂ ନୀତିଗତଭାବେ ୩ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଘୋଷଣା କରନ୍ତି ତେବେ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ବୋଲି ଅକ୍ଷୟ କହିଛନ୍ତି।

ଆଲୋଚନା ପରେ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଆମେ ଆନ୍ଦୋଳନ ସ୍ଥଗିତ ପାଇଁ ଚାଷୀଙ୍କୁ ପ୍ରସ୍ତାବ ଦେଇଛୁ। ସଙ୍ଗଠନ ପକ୍ଷରୁ ଆସି ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା କରନ୍ତୁ। ପୂର୍ବରୁ ଚାଷୀଙ୍କ ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ମଧ୍ୟ କେନ୍ଦ୍ର ସରକାର ସହ ବହୁବାର ଆଲୋଚନା କରିଛନ୍ତି। ଏବେ ସଙ୍ଗଠନ ସଦସ୍ୟମାନେ ଆନ୍ଦୋଳନ ପ୍ରତ୍ୟାହୃତ କରି ମନ୍ତ୍ରୀସ୍ତରୀୟ କମିଟି ନିକଟରେ ନିଜ ଦାବି ସମ୍ପର୍କରେ ମତ ରଖନ୍ତୁ। ସେମାନେ ଚାଷୀଙ୍କ ପାଇଁ ଯେଉଁ ଭତ୍ତା ଘୋଷଣା କରିବାକୁ କହୁଛନ୍ତି ସେଥିପାଇଁ ଅଧ୍ୟାଦେଶ ଜାରି କରାଯାଇପାରିବ ନାହିଁ। ଏନେଇ କ୍ୟାବିନେଟ୍ ମଞ୍ଜୁରୀ ଆବଶ୍ୟକ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାପରେ ନିଷ୍ପତ୍ତି ନିଆଯିବ ବୋଲି ଶଶିଭୂଷଣ କହିଛନ୍ତି।

ସୂଚନାଯୋଗ୍ୟ ଯେ, ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ନଭେମ୍ବର ୫ରେ ଲୋୟର ପିଏମ୍‌ଜିଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ମହାସମାବେଶ ହେବାର କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ମାତ୍ର ରାଜ୍ୟ ସରକାର ଏଥିପାଇଁ ଅନୁମତି ନ ଦେବା ସତ୍ତ୍ୱେ ଚାଷୀମାନେ ଭୁବନେଶ୍ୱର ନିକଟରେ ପହଞ୍ଚିଛନ୍ତି। ତେବେ ଖୋର୍ଦ୍ଧା ଆଡୁ ଆସିଥିବା ଚାଷୀଙ୍କୁ ତମାଣ୍ଡୋଠାରେ ପୋଲିସ ଅଟକାଇ ସ୍ଥାନୀୟ ଷ୍ଟାଡିୟମ ପରିସରରେ ରଖିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସେହିପରି କଟକ ଆଡୁ ଆସୁଥିବା ଚାଷୀମାନଙ୍କୁ ପୋଲିସ ହଂସପାଳ ଛକଠାରେ ଅଟକାଇ ରଖିଛି। ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି।

ଅନ୍ୟପଟେ ଖୋର୍ଦ୍ଧା ଆଡୁ ରାଲିରେ ଆସୁଥିବା ୪ହଜାର ଚାଷୀଙ୍କୁ ତମାଣ୍ଡୋଠାରେ ଅଟକ ରଖାଯାଇଛି। କଟକ ଆଡୁ ଆସୁଥିବା ୪ହଜାର ଚାଷୀଙ୍କୁ ହଂସପାଳ ନିକଟରେ ଅଟକ ରଖାଯାଇଛି। ତମାଣ୍ଡୋରେ ୮ପ୍ଲାଟୁନ ପୋଲିସ ଫୋର୍ସ ସେମାନଙ୍କୁ ଜଗି ରହିଛନ୍ତି। ନହରକଣ୍ଟାଠାରେ ୨୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଏପରି କି ସହର ମଧ୍ୟରେ ପୋଲିସ ୧୪୪ଧାରା ଜାରି କରିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଏବଂ ଡିସିପି ଅନୁପ ସାହୁ ଘଟଣାସ୍ଥଳକୁ ଯାଇ ଚାଷୀମାନଙ୍କୁ ବୁଝାଶୁଝା କରିଛନ୍ତି। ଘଟଣା ଉପରେ କଡ଼ା ନଜର ରଖାଯାଇଛି। ଆନ୍ଦୋଳନକାରୀ ଚାଷୀ ସହର ଭିତରକୁ ଯିବାକୁ ଅନୁମତି ଦିଆଯାଇ ନାହିଁ। ଯଦି କେହି ସହର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

# ସାମୂହିକ ବିକାଶରେ ବାସ୍ତବ ଲକ୍ଷ୍ୟ ହାସଲ କରିହେବ

ରାଉରକେଲା ଅଫିସ,୪।୧୧

## ୨୪ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ରାଉରକେଲାର ବିକାଶ ପାଇଁ ରାଜ୍ୟ ସରକାର ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ରାଜ୍ୟବାସୀଙ୍କ ସାମୂହିକ ବିକାଶରେ ହିଁ ବାସ୍ତବ ଲକ୍ଷ୍ୟ ହାସଲ କରାଯାଇ ପାରିବ ବୋଲି ରବିବାର ସ୍ଥାନୀୟ ଉଦିତନଗର ପଡ଼ିଆରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଆୟୋଜିତ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରବିବାର ଦିନିକିଆ ରାଉରକେଲା ଗସ୍ତରେ ଆସି ପ୍ରଥମେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଓଡ଼ିଶା ଓ ନିଉ ସାଉଥ ୱେଲ୍ସ ମଧ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ପରେ ସେ ଉଦିତନଗର ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗଦେଇ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିପିୟୁଟିର ଆଲୋକୀକରଣ, ପାନପୋଷ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ସ୍ମାର୍ଟ ରୋଡ୍ ନିର୍ମାଣ, ଉଦିତନଗର ନେତାଜୀ ପାର୍କ, ସଞ୍ଜୀବନୀ ପାର୍କ, ରୋଟାରି ପାର୍କର ଉନ୍ନତୀକରଣ, ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ବହୁତଳ ବିଶିଷ୍ଟ କାର୍ ପାର୍କିଂ ସ୍ଥଳ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ସେହିପରି ଛେଣ୍ଡ, କୋଏଲନଗର, ସେକ୍ଟର-୬ ଆଦି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବାସନ୍ତୀ କଲୋନୀ ପାର୍କ (ସିଏଲ୍/୩୪), ବାସନ୍ତୀ କଲୋନୀ ପାର୍କ (ଏଫ୍‌ଏଲ୍/୧୭) ଓ କୋଏଲନଗରଠାରେ ଦୁଇଟି ପାର୍କ ସମେତ ଅନ୍ୟ କେତେକ ପ୍ରକଳ୍ପର ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ। ଏଥିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଧାୟକ ସୁବ୍ରତ ତରାଇ, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ, ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଆର୍‌ଏମ୍‌ସି କମିଶନର ରଶ୍ମିତା ପଣ୍ଡା, ଏଡିଏମ୍ ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

### ଶ୍ରାଦ୍ଧ ଉପଲକ୍ଷେ



**ସ୍ୱର୍ଗତା ପାର୍ବତୀ ରଥ**
ସ୍ୱାମୀ ସ୍ୱର୍ଗତ ଶ୍ରୀଧର ରଥ
ବୀରରାମଚନ୍ଦ୍ରପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ପୁତ୍ର-କାଶୀନାଥ ରଥ।
ଧ-୯୨୪୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ. ଡା. ଗୋକୁଳାନନ୍ଦ ପଟ୍ଟନାୟକ
ପଲାଶପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ : ୦୬.୦୮.୧୯୪୧
ତିରୋଧାନ : ୧୭.୧୦.୨୦୧୭
(କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ରୋଗୀ ସେବା ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ - ପରିବାରବର୍ଗ ଓ ବନ୍ଧୁବର୍ଗ
ଧ-୬୪୭୩୯

ପ୍ରଥମ ପୃଷ୍ଠାରୁ...

## ଉଜୁଡ଼ିଲା ୬୦ ଏକର ଧାନଚାଷ...

ଡ୍ୟାମ ବିସ୍ଥାପିତ ଏବଂ ପରେ କଲୋନୀ ନଂ ୪ରେ ଥଇଥାନ ହୋଇଥିବା ବୈକୁଣ୍ଠପୁରବାସୀଙ୍କ ଚାଷ ଏପରି ହୋଇଛି।

୧୯୫୫ରୁ ଜୟପୁରସ୍ଥିତ କୋଲାବ ଡ୍ୟାମ୍ ନିର୍ମାଣ ସମୟରେ ଅଞ୍ଚଳର କେତେକ ଗ୍ରାମ ଉଚ୍ଛେଦ କରାଯାଇ ସେଠାରେ ବସବାସ କରୁଥିବା ଲୋକଙ୍କୁ ଥଇଥାନ କରିବା ପାଇଁ କଲୋନୀ ନଂ ୪ ବର୍ତ୍ତମାନ ଯାହାର ନାମ ବୈକୁଣ୍ଠପୁରକୁ ସ୍ଥାନାନ୍ତର କରାଯାଇଥିଲା। ଏହି ବୈକୁଣ୍ଠପୁର ଅଞ୍ଚଳରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଧାନଚାଷ ନଷ୍ଟ ହୋଇଯାଇଛି। ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଲୋକମାନେ କେବଳ ଧାନ ଚାଷ ଉପରେ ନିର୍ଭର କରନ୍ତି। ଏବେ ଚାଷ ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ଉକ୍ତ ଗ୍ରାମରେ ୬୦ ଏକରରୁ ଊର୍ଦ୍ଧ୍ୱ ଏକରରେ ଧାନଚାଷ ନଷ୍ଟ ହୋଇଛି। ପ୍ରତ୍ୟେକ ବର୍ଷ ଚାଷ ପାଇଁ କେନାଲ ପାଣି ଛଡାଯାଇଥିବା ବେଳେ ଉକ୍ତ ଅଞ୍ଚଳରେ କେନାଲ ନିର୍ମାଣ ହୋଇଥିଲେ ସୁଦ୍ଧା ନିର୍ମାଣ ଦିନଠାରୁ ଆଜି ଯାଏ ଚାଷ ଜମିକୁ ପାଣି ଛାଡା ଯାଇନାହିଁ। ଫଳରେ ଚାଷଜମି ନଷ୍ଟ ହୋଇଛି। ଏପରିକି ଏଅଞ୍ଚଳରେ ପାନୀୟଜଳ ସମସ୍ୟା ମଧ୍ୟ ଲାଗି ରହିଛି। ଏନେଇ ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ବାସିନ୍ଦା ଅଭିଯୋଗ କରିଛନ୍ତି। ସରକାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ପରେ ଆମେ ଭିଟାମାଟି ଛାଡିଲୁ। ଏବେ କିନ୍ତୁ ପ୍ରଶାସନ ଆମକୁ ଅଣଦେଖା କରୁଛି ବୋଲି ବାସିନ୍ଦା ଅଭିଯୋଗ କରିଛନ୍ତି। ସରକାର କେବେ ଆମ୍ଭମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏବେ ଧାନଚାଷ ବ୍ୟାପକଭାବେ ନଷ୍ଟ ହୋଇଥିବାରୁ ଏ ଅଞ୍ଚଳକୁ ମରୁଡ଼ି ଘୋଷଣା କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଫସିଲେ ଭୋଗରାଇର...

ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକର କମର୍ଦ୍ଦା, ରାଣୀଗୋଡ଼ା, ଦାହୁଣଦା ଆଦି ଗ୍ରାମର ୫୫ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର ଏକ ଘରୋଇ ବସ୍ ଦଶହରା ରାତିରେ ଉତ୍ତରଭାରତ ପରିଭ୍ରମଣରେ ଯାଇଥିଲା। ବଦ୍ରିନାଥ ପାହାଡ଼ ଉପରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବାକୁ ୩୩ଜଣ ଯାତ୍ରୀ ରାଜି ହୋଇଥିଲେ। ଅନ୍ୟ ୨୨ଜଣ ପାହାଡ଼ ତଳେ ଅପେକ୍ଷା କରି ରହିଥିଲେ। ୩୩ ତୀର୍ଥଯାତ୍ରୀଙ୍କୁ ନେଇ ବସ୍ ବଦ୍ରିନାଥ ରାସ୍ତାରେ ଯାଉଥିବାବେଳେ ବରଫପାତ ହେବାରୁ ଗାଡ଼ି ସେଠାରେ ଫସି ରହିଛି। ଖବର ଲେଖା ହେବାବେଳକୁ ତୀର୍ଥଯାତ୍ରୀମାନେ ବଦ୍ରିନାଥ ପାହାଡ଼ ରାସ୍ତାର ଏକ ଆର୍ମି କ୍ୟାମ୍ପରେ ରହିଥିବା ସୂଚନା ମିଳିଛି।

ସେହିପରି ଭଞ୍ଜନଗର ଆରସିରୋଡ଼, ସୁବୁଦ୍ଧିସାହି, ବାଉଁଶଲୁଣ୍ଠି, କୁଲାଡ଼, ବେଲଗୁଣ୍ଠା ଆଦି ସ୍ଥାନର ୪୨ଜଣ ଗତ ୨୬ ତାରିଖରୁ ତୀର୍ଥ କରିବାକୁ ଯାଇଥିଲେ। ଶନିବାର ବଦ୍ରିନାଥଙ୍କ ଦର୍ଶନ ସାରିବା ପରେ ବସ୍ ଯୋଗେ କେଦାରନାଥ ଫେରୁଥିବା ବେଳେ ବାଟରେ ପ୍ରବଳ ବରଫପାତ ହୋଇଥିଲା। ଫଳରେ ଯାତ୍ରୀମାନେ ଏକ ଧର୍ମଶାଳାରେ ଆଶ୍ରୟ ନେଇଥିଲେ। ଗମନାଗମନ ବନ୍ଦ ଯୋଗୁ ସେଠାରେ ଖାଇବାକୁ ପାଇ ନ ଥିଲେ। ରବିବାର ତୀର୍ଥଯାତ୍ରୀଙ୍କ ପରିବାର ଲୋକେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜିଙ୍କୁ ଭେଟି ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତରାଖଣ୍ଡ ସରକାରଙ୍କ ସହଯୋଗ ଲୋଡ଼ାଯାଇଥିଲା। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ ଯୋଗେ ସହାୟତା ପାଇଁ ନିବେଦନ କରିଥିଲେ। ରବିବାର ପୂର୍ବାହ୍ନରେ ବରଫପାତ ବନ୍ଦ ହେବା ପରେ ଅପରାହ୍ନ ପ୍ରାୟ ୨ଟାରେ ସେଠାକାର ଏକ ମେଡିକାଲ ଟିମ୍ ଓ ପୋଲିସ ସହ ତୀର୍ଥଯାତ୍ରୀମାନେ ୩ ଫୁଟ ଉଚ୍ଚ ବରଫରେ ଚାଲି ଚାଲି ଆସିଥିଲେ। ୫୦୦ ମିଟର ଆସିବା ପରେ ୨ଟି ବସ୍‌ରେ ସେମାନେ ପୂର୍ବରୁ ରହୁଥିବା ହୋଟେଲକୁ ଫେରିଥିଲେ। ଏପଟେ ଉଦ୍ଧାର ଖବର ପହଞ୍ଚିବା ପରେ ପରିବାର ଲୋକେ ଖୁସି ଅନୁଭବ କରିଛନ୍ତି। ହେଲେ ୨ଜଣ ବୟସ୍କ ତୀର୍ଥଯାତ୍ରୀ ଅସୁସ୍ଥ ଅନୁଭବ କରିଥିବା ଜଣାପଡ଼ିଛି। ସେହିପରି ବେଲଗୁଣ୍ଠାର ଜଣେ ମହିଳା ବରଫରେ ଚାଲିଚାଲି ଆସୁଥିବାବେଳେ ତଳେ ପଡ଼ି ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ରବିବାର ସନ୍ଧ୍ୟାରେ ସେମାନେ ହୋଟେଲରେ ବିଶ୍ରାମ ନେଇଥିଲେ। ସୋମବାର ସକାଳେ ସେମାନେ କେଦାରନାଥ ଅଭିମୁଖେ ବାହାରିବେ ବୋଲି ଜଣାପଡ଼ିଛି। ତୀର୍ଥଯାତ୍ରୀ ଭାଗ୍ୟଲକ୍ଷ୍ମୀ ଚୌଧୁରୀଙ୍କ ସହ ଫୋନରେ କଥା ହେବା ସମୟରେ ସେ କହିଛନ୍ତି ଯେ, ସେଠାକାର ପ୍ରଶାସନ ରାସ୍ତା ସଫା କରି ଆମକୁ ଏବଂ ଅନ୍ୟ ଅଞ୍ଚଳର ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କଲେ, ତାହା ଆମ ପାଇଁ ବଡ଼କଥା। କିନ୍ତୁ ଖାଇବା, ପିଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏପରି କି ଜଣେ ପୋଲିସ କର୍ମଚାରୀ ଖାଇବା, ପିଇବା ଦେବା ପାଇଁ ଟଙ୍କା ମାଗିଥିଲେ। ହେଲେ ଯେଉଁଠି ଆମେ ଅଟକିଥିଲୁ ସେଠି ଜଣେ ଦୋକାନୀ ଚା, ପାଣି ଦେଇଥିଲେ। ଆମେ ହୋଟେଲକୁ ଫେରିବା ପରେ ରୋଷେଇ କରି ଖାଇଥିଲୁ ବୋଲି ଭାଗ୍ୟଲକ୍ଷ୍ମୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ କାମଗୁଡିକ ଟିକିଏ ବିଳମ୍ବ ଓ ଝମେଲା ମଧ୍ୟରେ ସମ୍ପନ୍ନ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଦୂରଯାତ୍ରା କରିବାର ସୁଯୋଗ ପାଇବେ।

**ବୃଷ**
ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ହଜି ଯିବାର ସମ୍ଭାବନା ରହିଛି।

**ମିଥୁନ**
ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଜଣେ ବନ୍ଧୁଙ୍କ ଦ୍ୱାରା ପାରିବାରିକ କଳହର ସମାଧାନ ହୋଇପାରେ।

**ସିଂହ**
ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସ୍‌ରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା**
ଯାତ୍ରା କାଳରେ କୌଣସି ଖଳ ଲୋକମାନଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ସଭା ସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଜୟପ୍ରାପ୍ତି ଯୋଗ ରହିଛି।

**ତୁଳା**
ବିରକ୍ତି ପ୍ରକାଶ କରିବା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଆତ୍ମୀୟମାନଙ୍କ ସହାୟତାରେ ସାମାଜିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଧାତୁ ଅଳଙ୍କାରାଦି କ୍ରୟ କରିବାର ଯୋଗ ରହିଛି।

**ବିଛା**
ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**
ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଜି ଦିନଟିରେ ଯାନ ବାହନରେ ସତର୍କତା ରକ୍ଷା କରନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇ ପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଅଭିଳଷିତ ଜିନିଷ ପାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପ୍ରକାଶନ, ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ**
ବହୁତ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପରୋକ୍ଷ ଶତ୍ରୁତା ଲାଗି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ**
ବନ୍ଧୁମାନଙ୍କ ସହାୟତାରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ସୋମବାର, ଧନ୍ୱନ୍ତରୀ ଜୟନ୍ତୀ, ଧନ-ତେରସ୍, (ଲକ୍ଷ୍ମୀପୂଜା), ଯମଦୀପ ଦାନ, ନଭେମ୍ବର ୫ ତାରିଖ, ରାଶି ନକ୍ଷତ୍ର- ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୨ମି. ମଧ୍ୟେ ଘ୧।୨୦ମି. ଗତେ, ଘ୨।୪୪ମି. ମଧ୍ୟେ ଘ୪।୨୭ମି. ଗତେ, ଘ୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୪୫ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧।୩୪ମି. ଗତେ ଘ୧।୦୮ମି. ମଧ୍ୟେ, ଘ୨।୩୧ମି. ଗତେ ଘ୩।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୭ମି. ଗତେ ଘ୮।୪୧ମି. ମଧ୍ୟେ ରାହୁକାଳ।



ମାଓବାଦୀଙ୍କୁ ବିପ୍ଳବୀ କହି କଂଗ୍ରେସର ବରିଷ୍ଠ ନେତା ହରଡ଼ଘଣାରେ ପଡ଼ିଛନ୍ତି। ଏକ ବୈଠକରେ ରବିବାର ଉତ୍ତରପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜ ବବର ନିଜ ଅଧିକାର ପାଇଁ ଛତିଶଗଡ଼ରେ ମାଓବାଦୀମାନେ ଲଢ଼େଇ କରୁଥିବା କହିଛନ୍ତି। ନିଜ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିଙ୍କୁ ବିପ୍ଳବୀ କୁହାଯାଇଥାଏ ବୋଲି ସେ କହିଛନ୍ତି। ରାଜ ବବରଙ୍କ ଏଭଳି ମନ୍ତବ୍ୟ କଂଗ୍ରେସ ପାଇଁ ଏକ ସମସ୍ୟା ସୃଷ୍ଟି କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ

ପୁରୀ ଅଫିସ,୪।୧୧: ପୁଣି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଶ୍ରୀମନ୍ଦିରର ବେଢ଼ା ଭିତର ଫଟୋ। ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସବୁକ ଆକାଉଣ୍ଟରେ ରହିଥିବା ଏହି ଫଟୋ ଶ୍ରୀମନ୍ଦିର ଭିତର ସାତ ପାହଚ ନିକଟରେ ଉଠାଯାଇଥିବା ଜଣାପଡୁଛି। ଗତ ୩ ତାରିଖରେ ଲୁଥ୍ରାଙ୍କ ଫେସ୍‌ବୁକ ପେଜ୍‌ରେ ଏହା ପୋଷ୍ଟ ହୋଇଛି। ଲୁଥ୍ରା ଇଣ୍ଡିଗୋ ଏୟାର ଲାଇନ୍ସ କ୍ୟାବିନ କ୍ରୁ ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୋଷ୍ଟରେ ଉଲ୍ଲେଖ ରହିଛି। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଥିବା ସତ୍ତ୍ୱେ ଲୁଥ୍ରା କିଭଳି ଏହି ଫଟୋ ଉଠାଇ ପୋଷ୍ଟ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେ ହେଉଛି। ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ ବାହାରେ ବୁଲୁଛି। ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶିପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ।

## ବରଗଡ଼ ବାଘ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ

# କଲରାପତରିଆ ନୁହେଁ, ମହାବଳ

ଭୁବନେଶ୍ୱର(ବ୍ୟୁରୋ)/ବରଗଡ଼ ଅଫିସ୍, ୪।୧୧

**ଧରାପଡ଼ିଲା ସତ**

- ବିଦ୍ୟୁତ୍ ତାର ବିଛାଇ ଶିକାର କରାଯାଇଥିଲା
- ୨ ବନ କର୍ମଚାରୀ ନିଲମ୍ବିତ
- ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍, ଏନ୍‌ଟିସିଏ

ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ଯେଉଁ ବାଘଟି ମରିଥିଲା ତାହା କଲରାପତରିଆ ନ ଥିଲା। ସେଇଟି ଏକ ମହାବଳ ଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା ସ୍ୱୀକାର କରିଛନ୍ତି। ଫଳରେ ବାଘ ମୃତ୍ୟୁ ଘଟଣାରୁ ପରଦା ହଟିବା ସହ କଲରାପତରିଆ ବାଘ ମରିଛି ବୋଲି ବନ ବିଭାଗ ଯେଉଁ ଭୁଲ ତଥ୍ୟ ଦେଇଥିଲା ତାହାର ମଧ ପର୍ଦ୍ଦାଫାଶ ହୋଇଛି।

ଶନିବାର ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ପଞ୍ଝା, ନିଶ ଏବଂ ନଖ ମିଳିଥିଲା। ଏହି ଘଟଣାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭଟଲି ଥାନା ଖଜୁରିଆ ଗ୍ରାମର ସତ୍ୟବାନ ସାହୁ, ସୁଶୀଳ ଭୁଏ, ଗୌରୀ ମିର୍ଦ୍ଧା ଏବଂ ଜେକ୍ରିଆ ଟିଡୁ। ସେମାନେ ଗିରଫ ହେବା ପରେ ମୃତ ବାଘର ପ୍ରଜାତିକୁ ଲୁଚାଇବା ନେଇ ବନ ବିଭାଗ ଚଳାଇଥିବା ଅପଚେଷ୍ଟାର ଗୁମର ଫିଟିଛି। ମୃତ ବାଘଟି ମହାବଳ ଥିଲା ବୋଲି ଅଭିଯୁକ୍ତମାନେ ମାନିଛନ୍ତି। ବିଦ୍ୟୁତ ତାର ଯନ୍ତାରେ ବାଘକୁ ଶିକାର କରାଯାଇଥିବା ବନ ବିଭାଗ ତଦନ୍ତରୁ ଜଣାପଡ଼ିଛି। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଘଟି ମୃତ୍ୟୁମୁଖରେ ପଡ଼ିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ କହିଛନ୍ତି। ଏହି ଘଟଣାରେ ଜଣେ ଫରେଷ୍ଟ ଗାର୍ଡ ଏବଂ ଅନ୍ୟ ଜଣେ ଫରେଷ୍ଟରଙ୍କୁ ନିଲମ୍ବନ କରାଯାଇଛି।

ଅଭିଯୁକ୍ତମାନଙ୍କ ବୟାନ ମୁତାବକ, ଗତ ଅକ୍ଟୋବର ୧୩ତାରିଖ ରାତି ପ୍ରାୟ ୮ଟାରେ ସେମାନେ ଘଟଣାସ୍ଥଳ ନିକଟ କୁଇବାହାଲ ଗ୍ରାମର ଏକ ଚାଷଜମିରୁ ଦେବ୍ରିଗଡ଼ ଅଭୟାରଣ୍ୟ ପଟକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରରୁ ସଂଯୋଗ କରି ଜିଆଇ ତାର ବିଛାଇଥିଲେ। ପରଦିନ ଭୋର ୪ଟାରେ ସେଠାରେ ଏକ ମହାବଳ ବାଘ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ମୃତ ବାଘର ପଞ୍ଝା, ନିଶ, ଦାନ୍ତ ଆଦି କାଢ଼ି ନେଇ ମୃତଦେହକୁ ଭାରରେ ବୋହି ଆଣି କିଛି ଦୂରରେ ପୋତିଦେଇଥିଲେ। ଘଟଣାସ୍ଥଳରୁ ପୂର୍ବରୁ ୪ଟି ବାଘଦାନ୍ତ, ରକ୍ତଭିଜା ଭାର ଜବତ୍ ହୋଇଥିବାବେଳେ ଗିରଫ ପରେ ଅଭିଯୁକ୍ତଙ୍କ ପାଖରୁ ପଞ୍ଝା, ୭ଟି ବାଘନିଶ ଜବତ ହୋଇଛି।

ଡିଏଫ୍‌ଓ କହିଛନ୍ତି, ଅଭିଯୁକ୍ତଙ୍କ ବୟାନ ଓ ଜବତ ଅଂଶବିଶେଷରୁ ମୃତବାଘଟି ମହାବଳ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ୨ଟି ବାଘର ଫଟୋ ଦେଖାଯାଇଥିଲା ଏବଂ ସେମାନେ ସେଥିରୁ ମହାବଳ ବାଘର ଫଟୋକୁ ଦେଖାଇ ସେହି ପ୍ରଜାତିର ବାଘକୁ ମାରିଥିବା କହିଥିଲେ। ମାତ୍ର ମୃତ ବାଘଟି କେଉଁ ପ୍ରଜାତିର ଥିଲା, ତାହାକୁ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ), ଡେରାଡୁନ ଏବଂ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସେସ୍(ଏନ୍‌ସିବିଏସ୍) ସ୍ପଷ୍ଟ କରିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ନାଗପୁରର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ହେମନ୍ତ କାମ୍‌ଡି ରବିବାର ଓଡ଼ିଶାରେ ପହଞ୍ଚିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚର ଏକ ଟିମ୍ ମଧ ତଦନ୍ତ ପାଇଁ ରବିବାର ସନ୍ଧ୍ୟାରେ ବରଗଡ଼ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଗତ ରବିବାର ବାଘ ଶିକାର ସମ୍ପର୍କରେ ଗୁପ୍ତ ଖବର ପାଇ ଘଟଣାସ୍ଥଳକୁ ଯିବା ପରେ ଏହା ଲୋକଲୋଚନକୁ ଆସିଥିଲା। ବରଗଡ଼ ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍ ଯେଉଁଭଳି ଅପରାଧ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ଶୁଭେନ୍ଦୁ କହିଛନ୍ତି।

**ବନ ବିଭାଗ ଭୂମିକାକୁ ନେଇ ଚର୍ଚ୍ଚା**

ବିଭାଗୀୟ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୃତ ବାଘଟି କଲରାପତରିଆ ବୋଲି କହିଥିଲେ। କାରଣ ସ୍ଥାନୀୟ ବନ ବିଭାଗ ମନ୍ତ୍ରୀଙ୍କୁ ଯାହା ରିପୋର୍ଟ ଦେଇଥିଲା ସେ ଗଣମାଧ୍ୟମକୁ ତାହା କହିଥିଲେ। ତେବେ ଏଠାରେ ବନ ବିଭାଗର ଭୂମିକାକୁ ନେଇ ନାନା ଆଲୋଚନା ହେଉଛି। ପୂର୍ବରୁ ଚୁପ୍ ରହୁଥିବା ସ୍ଥାନୀୟ ବନ ବିଭାଗ ବିନା ତଦନ୍ତରେ କିପରି ମୃତ ବାଘକୁ କଲରାପତରିଆ ବୋଲି କହିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବନ ବିଭାଗ କର୍ମଚାରୀ ଓ ଅଧିକାରୀମାନେ ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଅପଚେଷ୍ଟା କରିଥିଲେ। କିନ୍ତୁ ଯେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଗଲା ସେତେବେଳେ ସେମାନେ ଫଶିଯିବା ଭୟ ଘାରିଲା। ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ୩ ଜଣଙ୍କୁ ଗିରଫ କରିବା ପରେ ବାଘ ମୃତ୍ୟୁ ଘଟଣାରେ ବି ଅନୁରୂପ ବିପଦ ଆସିବ ବୋଲି ଆଶଙ୍କା କରାଯାଇଥିଲା। ସେପଟେ ଏନଟିସିଏ ଏବଂ ଡବ୍ଲ୍ୟୁଆଇଆଇ ମଧ ହସ୍ତକ୍ଷେପ କରିଥିଲା। ତେଣୁ ବନ ବିଭାଗ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଖସିଗଲା ସୁନ୍ଦରୀ, ଟ୍ରାଙ୍କୁଲାଇଜିଂ ବିଫଳ

ବନ୍ତଲା, ୪।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ସୃଷ୍ଟି କରିଥିବା ବାନ୍ଧବଗଡ଼ର ବାଘୁଣୀ 'ସୁନ୍ଦରୀ'କୁ ହାତୀ ସହାୟତାରେ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବିଫଳ ହୋଇଛି। ରବିବାର ସକାଳେ ମକ୍‌ଡ୍ରିଲ ପରେ ବାଘୁଣୀକୁ ଠାବ କରାଯାଇ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବେଳେ ଏହା ଖସିଯାଇଥିବା ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି. ପ୍ରକାଶ କରିଛନ୍ତି। ଶନିବାର ଭୋର ୪ ଟାରେ ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲା ଚନ୍ଦକା ଅଭୟାରଣ୍ୟର କୁମ୍‌କି ହାତୀ 'ଯଶୋଦା'। ରବିବାର ସକାଳ ୫ ଟାରେ ଟ୍ରାଙ୍କୁଲାଇଜିଂ ପାଇଁ ମକଡ୍ରିଲ କରାଯାଇଥିଲା। ପରେ ଟିକରପଡ଼ା ରେଞ୍ଜ ମଝିପଡା ରିଜର୍ଭ ଜଙ୍ଗଲ କଦଳୀ ଖୋଲା ଗେମ ଟ୍ୟାଙ୍କ ପଞ୍ଚାବିରୋଡ଼ଠାରେ ବାଘୁଣୀକୁ ଠାବ କରାଯାଇ ସେଠାକୁ ଯଶୋଦାକୁ ନିଆ ଯାଇଥିଲା। ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥାନ ଡେରାଡୁନର ବିଶେଷଜ୍ଞ ଡ. କେ ରମେଶ ସାତକୋଶିଆରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶରେ ଉଦ୍ୟମ ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ଯଶୋଦା ସୁନ୍ଦରୀ ପାଖରେ ପହଞ୍ଚିଥିଲା। ମାହୁନ୍ତଙ୍କ ସହ ସାତକୋଶିଆ ଡାକ୍ତର କିଶୋର କୁମାର ସାହୁ ଟ୍ରାଙ୍କୁଲାଇଜ କରିବା ପାଇଁ ଯାଇଥିଲେ। ହେଲେ ଏହି ଉଦ୍ୟମ ମଧ ବିଫଳ ହୋଇଥିବା ଜଣାପଡିଛି। ଉକ୍ତ ସ୍ଥାନରେ ଡବ୍ଲ୍ୟୁଆଇଆଇ ଟିମ୍‌ର ଡ. ସ୍ୱରୂପ ସାହୁ, ନନ୍ଦନକାନନ ଡାକ୍ତର ଶରତ ସାହୁ, ବାନ୍ଧବଗଡ଼ ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପର ବିଶେଷଜ୍ଞ ଡ. ସନ୍ଦୀପ ଅଗ୍ରୱାଲ ଓ ଅଖିଲେଶ ମିଶ୍ର, ସାତକୋଶିଆ ଡିଏଫ୍‌ଓ, ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ଏସ୍. କେ. ସ୍ୱାଇଁ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଉପସ୍ଥିତ ଥିଲେ।




**'କାଦମ୍ବିନୀ ସାରସ୍ୱତ ସମ୍ମାନ-୨୦୧୯' ନିମନ୍ତେ ପୁସ୍ତକ ଆହ୍ୱାନ**

ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ପାଇଁ ସମର୍ପିତ ପ୍ରତିଷ୍ଠିତ ତଥା ବହୁଳ ପ୍ରସାରିତ ସର୍ବପ୍ରଥମ ଫିଚରଧର୍ମୀ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ **'କାଦମ୍ବିନୀ ସାରସ୍ୱତ ସମ୍ମାନ'** ନିମନ୍ତେ ପୁସ୍ତକ ଆହ୍ୱାନ କରାଯାଉଛି। ସାରସ୍ୱତ ସ୍ରଷ୍ଟାମାନଙ୍କୁ ଅନୁରୋଧ, ସେମାନେ ତାଙ୍କର ୨୦୧୬, ୨୦୧୭ ଓ ୨୦୧୮ ମସିହାରେ ପ୍ରକାଶିତ ପୁସ୍ତକର ପ୍ରଥମ ସଂସ୍କରଣର ତିନିକିତା ସହ ନିଜ ସଂପର୍କରେ ଅନ୍ୟାନ୍ୟ ସମସ୍ତ ବିବରଣୀ ନଭେମ୍ବର ୧୫ ତାରିଖ ସୁଦ୍ଧା ପ୍ରେରଣ କରି ଆବେଦନ କରିପାରିବେ। ଏହି ସମ୍ମାନ ସଂପର୍କିତ ଆମ ବିଚାରକମଣ୍ଡଳୀଙ୍କ ନିର୍ଣ୍ଣୟ ହିଁ ଶେଷ ନିଷ୍ପତ୍ତି। ଏ ସଂପର୍କରେ ସପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ **'କାଦମ୍ବିନୀ'**ର ଅକ୍ଟୋବର ଓ ନଭେମ୍ବର ୨୦୧୮ ସଂଖ୍ୟା ସମେତ ଏହାର ୱେବ୍‌ସାଇଟ୍ www.kadambini.org ଦେଖି ପାରିବେ।

**ଆମ ଠିକଣା:** କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧ ଦୂରଭାଷ: ୦୬୭୪-୨୭୪୦୫୧୯ /୨୭୪୧୨୬୦, ମୋ: ୭୦୭୭୭୦୪୧୧୯
E-mail: kadambini.odia@gmail.com
Website: www.kadambini.org

ଓଡ଼ିଶା ଆମ ଗୌରବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ** ପକ୍ଷରୁ
ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି, ପ୍ରତାପ ନଗରୀ, କଟକର ସହଯୋଗରେ

**ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଉତ୍ସବ**

**ତା. ୫ ଓ ୬ ରିଖ, ନଭେମ୍ବର, ୨୦୧୮**
**ସ୍ଥାନ : ମା' ଧାକୁଲେଇ ପୀଠ, ପ୍ରତାପ ନଗରୀ, କଟକ**

**୦୫.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ବିଶିଷ୍ଟ ଅତିଥି : **ଶ୍ରୀଯୁକ୍ତ ଚନ୍ଦ୍ର ସାରଥି ବେହେରା**
ମାନ୍ୟବର ମନ୍ତ୍ରୀ, କ୍ରୀଡା ଓ ଯୁବବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି : **ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଡ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
**ଶ୍ରୀଯୁକ୍ତ ବନମାଳୀ ଦାସ**
ସଂପାଦକ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, କଟକ ଜିଲ୍ଲା ଶାଖା

**୦୬.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**
ମାନ୍ୟବର ଲୋକସଭା ସାଂସଦ, କଟକ
ସମ୍ମାନନୀୟ ଅତିଥି : **ଶ୍ରୀମତୀ ମିନାକ୍ଷୀ ବେହେରା**
ନଗରପାଳ, କଟକ ମହାନଗର ନିଗମ, କଟକ
**ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଟକ
**ଡଃ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
**ଶ୍ରୀ ବିଷ୍ଣୁ ଚରଣ ମହାପାତ୍ର**
ସଭାପତି, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, ଭୁବନେଶ୍ୱର

**ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।**

**ଡ. ବିଜୟ କୁମାର ଜେନା, ସଚିବ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର**



ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି । ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ଚୂଡାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ । ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ ।

–ଶ୍ରୀମା

# ଏରୋସ୍ପେସ୍ ସ୍ୱପ୍ନ

ମହାକାଶ ଓ ପ୍ରତିରକ୍ଷା ସଂକ୍ରାନ୍ତ ସାମଗ୍ରୀ କିଣା କ୍ଷେତ୍ରରେ ଭାରତ ଅନ୍ୟ ରାଷ୍ଟ୍ର ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହେଉଥିବା ଯନ୍ତ୍ରପାତି ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାରୁ ଦେଶ ଭିତରେ ଏ ସମ୍ବନ୍ଧୀୟ ଅଧିକ ଶିଳ୍ପ ଗଢ଼ିବା ଲାଗି କେତେକ ସ୍ତରରେ ଉଦ୍ୟମ ହେଉଛି । କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ସେଭଳି କିଛି ବିଶେଷ ସଫଳତା ମିଳିନାହିଁ । ଏଭଳି ସ୍ଥଳେ ଓଡ଼ିଶା ସରକାର 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ ଜରିଆରେ ମହାକାଶ ଓ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ର ସକାଶେ ଦରକାର ସାମଗ୍ରୀ ପାଇଁ ୟୁନିଟ୍ ସ୍ଥାପନ ଲାଗି ଆହ୍ୱାନ ଦେବା ନିଶ୍ଚିତ ଭାବେ ଉତ୍ସାହଜନକ ।

ତେବେ ପ୍ରାରମ୍ଭରେ ମନେରଖିବାକୁ ହେବ ଯେ, ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ସାମାଜିକ ସ୍ତରରେ, ଏ ପର୍ଯ୍ୟନ୍ତ ଶିଳ୍ପର ଗୁରୁତ୍ୱ ଜନସାଧାରଣଙ୍କ ମଧ୍ୟରେ ଗଢ଼ି ଉଠିନାହିଁ । ତାହାର ମୁଖ୍ୟ କାରଣ ହେଉଛି, ଏପର୍ଯ୍ୟନ୍ତ ରାଜ୍ୟକୁ ଯେତୋଟି ବୃହତ୍ ଶିଳ୍ପ ଆସିଛି, ସେଗୁଡ଼ିକ ମଧ୍ୟରୁ ପ୍ରାୟ ସବୁତକ ଖଣିଜ ପଦାର୍ଥଭିତ୍ତିକ । ଉଦାହରଣ ସ୍ୱରୂପ ଇସ୍ପାତ, ଆଲୁମିନିୟମ୍, ଶକ୍ତି କିମ୍ବା କ୍ରୋମ୍ ଉପରେ ନିର୍ଭରଶୀଳ । ଏତଦ୍‌ବ୍ୟତୀତ ଯେଉଁ କେତୋଟି ବୃହତ୍ ଶିଳ୍ପ ଏହି ରାଜ୍ୟରେ ସଫଳତା ହାସଲ କରିଛି, ସେହିସବୁ ଶିଳ୍ପର ମାଲିକାନା ସବୁବେଳେ ଚେଷ୍ଟିତ ରହି ଆସିଛି ଯେ, ସ୍ଥାନୀୟ ଯୁବତୀଯୁବକଙ୍କୁ ସର୍ବନିମ୍ନ ସ୍ତରରେ ଚାକିରି ଦେବା ବ୍ୟତୀତ ଅନ୍ୟ କୌଣସି ଭାବେ କୌଶଳୀ ବା ଦକ୍ଷ କରାଇବେ ନାହିଁ । ଯାହାଫଳରେ ଓଡ଼ିଶାର ଯୁବପିଢ଼ି ଅଧାପନ୍ତରିଆ ଆଇଟିଆଇ ପାସ୍ କରି ଭାବିନେଉଛନ୍ତି ଯେ ସେମାନେ ଯୋଗ୍ୟ ହୋଇଗଲେଣି । ଅନ୍ୟପଟେ ରାଜ୍ୟର ଜମି, ଜଳ ଏବଂ ଖଣିଜ ସମ୍ପଦ ଲୁଟିବା ସହିତ ଏହି ଶିଳ୍ପଗୁଡ଼ିକ ଜଙ୍ଗଲ ଏବଂ ପରିବେଶ ଧ୍ୱଂସ କରିଚାଲିଛନ୍ତି । ଏଭଳି ପ୍ରଚ୍ଛଦପଟରେ ଯେତେବେଳେ ଏରୋସ୍ପେସ୍ ବା ମହାକାଶ ଏବଂ ଡିଫେନ୍ସ ବା ପ୍ରତିରକ୍ଷା ଭଳି ଅତି ଉଚ୍ଚକୋଟୀର ହାଇ ପ୍ରିସିଶନ ଶିଳ୍ପ ଆଣିବାର ସ୍ୱପ୍ନ ଦେଖାଯାଉଛି, ସେଥିରେ ମନେରଖିବାକୁ ହେବ ଯେ ସ୍ଥାନୀୟ ଯୁବଶକ୍ତିର ସେହି ସବୁ ଶିଳ୍ପରେ କୌଣସି ସ୍ଥାନ ରହିବ ନାହିଁ । ଏହିସବୁ ଶିଳ୍ପ ପ୍ରତିଷ୍ଠା କରିପାରୁଥିବା ବଡ଼ କମ୍ପାନୀଗୁଡ଼ିକ ଓଡ଼ିଶା ଭଳି ରାଜ୍ୟରେ ସେମାନଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବେ ନାହିଁ । ଏହାର ଅର୍ଥ ହେଲା, ସେସବୁ କମ୍ପାନୀ ତାଙ୍କର ଟିକସ ଓଡ଼ିଶାରେ ଦେବେ ନାହିଁ । ଏଥିରୁ ବୁଝିବାକୁ ହେବ ଯେ, କେନ୍ଦ୍ରୀୟ ରାଜସ୍ୱରେ ରାଜ୍ୟର ଭାଗ ମଧ୍ୟ ବୃଦ୍ଧିପାଇବ ନାହିଁ । ଅନ୍ୟପଟେ ଜମି, ବିଦ୍ୟୁତ୍ ଶକ୍ତି, ଜଳ, ଜିଏସ୍‌ଟି ଇତ୍ୟାଦିରେ ଏହିସବୁ କାରଖାନା ଓଡ଼ିଶାରୁ ଅନେକ ରିହାତି(ସବ୍‌ସିଡି) ନିଶ୍ଚିତ ଭାବେ ନେବେ । ଅପରପକ୍ଷେ ଏହିଭଳି ଉଚ୍ଚ ବୈଷୟିକ ଜ୍ଞାନକୌଶଳ ସମ୍ପୃକ୍ତ ଥିବା ଶିଳ୍ପର ଉପର ବା ତଳ ମୁଣ୍ଡରେ କ୍ଷୁଦ୍ର କିମ୍ବା ମଧ୍ୟମ ଶିଳ୍ପର କୌଣସି ଭୂମିକା ରହିବ ନାହିଁ । ଏହାଦ୍ୱାରା ଓଡ଼ିଆ ଉଦ୍ୟୋଗୀଙ୍କର ମଧ୍ୟ କୌଣସି ଆବିର୍ଭାବ ହେବ ନାହିଁ ।

ଓଡ଼ିଶାର ଭିତ୍ତିଭୂମି ଏବଂ ସାମାଜିକ ପରିସ୍ଥିତିକୁ ଦେଖିଲେ ଆମ ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେବାକଥା ଲଘୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ସ୍ଥାପନ । ଏହି ଶିଳ୍ପଗୁଡ଼ିକ କୃଷିଭିତ୍ତିକ ହୋଇପାରେ କିମ୍ବା ଅନ୍ୟ ବୃହତ୍ ଶିଳ୍ପକୁ ଯୋଗାଇଲା ଭଳି ସାମଗ୍ରୀ ଉତ୍ପାଦନ କରିପାରେ । ପ୍ରତ୍ୟେକ ଗ୍ରାମରେ ଗୋଟିଏ ସାମଗ୍ରୀ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖାଯାଇଥିଲେ ଏହି ରାଜ୍ୟର ଉନ୍ନତି ଆଖିଦୃଶିଆ ହୋଇପାରନ୍ତା । ଏଠାରେ ଢେଙ୍କାନାଳ ଜିଲା ଆମ୍ବ ଉତ୍ପାଦନକୁ ଉଦାହରଣ ଭାବେ ନିଆଯାଇପାରେ । ସେହି ଫଳକୁ ସଂରକ୍ଷିତ ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଯଥା ଶୀତଳଭଣ୍ଡାର ସୃଷ୍ଟି କରାଯାଇ ତାହାର ବିଦେଶକୁ ରପ୍ତାନି ବ୍ୟବସ୍ଥା କରାଯାଇପାରନ୍ତା । ସେହିଭଳି କନ୍ଧମାଳର ହଳଦୀ, କଳାହାଣ୍ଡି ଓ ସମ୍ବଲପୁରର ବାସମତୀ ଚାଉଳ, କୋରାପୁଟର କଫିଭଳି ପ୍ରାୟ ପ୍ରତ୍ୟେକ ଜିଲାରେ ଥିବା ନିଜସ୍ୱ ସାମଗ୍ରୀ କେବଳ କ୍ଷେତରୁ ସିଧାସଳଖ ଅନ୍ୟ ରାଜ୍ୟକୁ ଚାଲିଯାଉଛି । ତାହାର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶେଷରେ ପ୍ୟାକିଂ କରାଯାଇ ବିଦେଶକୁ ପଠାଇବାର ବ୍ୟବସ୍ଥା କରିବାର କାହାରି ଚିନ୍ତା ନାହିଁ ।

ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରହିଥିବା ସରକାରୀ ବ୍ୟବସ୍ଥା କେବଳ ବୃହତ୍ କମ୍ପାନୀମାନଙ୍କ ପ୍ରତି ଧ୍ୟାନ ଦେଉଥିବା ବେଳେ ରାଜ୍ୟର ଉଦ୍ୟୋଗୀମାନଙ୍କୁ ନିରୁତ୍ସାହିତ କରିବା ପାଇଁ ଆଗଭର ହେଉଛି । ଅନେକ ହଜାର ଏକର ଜମି ବଡ଼ ଶିଳ୍ପପତିଙ୍କୁ ଦେଇ ଦେବେ ପଛେ, ୩ରୁ ୫ ଏକର ଜମି ସ୍ଥାନୀୟ ଉଦ୍ୟୋଗୀଙ୍କୁ ଦେବା ପାଇଁ କେବେହେଲେ ଆଗ୍ରହ ପ୍ରକାଶ କରିବେ ନାହିଁ । ଏହିଭଳି ନକାରାତ୍ମକ ଆଭିମୁଖ୍ୟ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୦୧୬ ନଭେମ୍ବରର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇର ଜିଏସ୍‌ଟି ବ୍ୟବସ୍ଥା ରାଜ୍ୟର କ୍ଷୁଦ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ହତ୍ୟା କରିସାରିଲାଣି । ଏବେ ମେକ୍ ଇନ୍ ଓଡ଼ିଶା ସ୍ୱପ୍ନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କହିଲା ବେଳକୁ ମନରେ ବ୍ୟସ୍ତତା ମଧ୍ୟ ପ୍ରକାଶ ପାଉଛି । ସମସ୍ତଙ୍କୁ ମନେରଖିବାକୁ ହେବ ଯେଉଁ ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରମଶକ୍ତିକୁ ସୁହାଇଲା ଭଳି ଶିଳ୍ପ ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ସ୍ଥାପନ କରିବାରେ ସରକାର ପ୍ରୋତ୍ସାହନ ଦେବେ ନାହିଁ, ସେ ପର୍ଯ୍ୟନ୍ତ ଏହିସବୁ ଧ୍ୱନି କେବଳ ଧୂଆଁବାଣ ହୋଇ ରହିଯିବ ।

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ–ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି !
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | C | 3 | | | 2 | | | 1 | | | 5 |
| | | | | 6 | A | | | | | | | | | 0 |
| | | | | | 7 | | | | B | | D | | | C |
| | A | 8 | | | | | 6 | | | | | | | |
| 1 | E | 9 | | 2 | | | | | | 5 | | 4 | 3 | 6 |
| 5 | | 3 | | 4 | | A | | | 1 | | C | 6 | | |
| | 9 | C | | A | | E | | | 3 | | | | | 2 |
| | | | B | | | | | | | | | | E | 7 |
| 7 | | | C | 9 | | | | 1 | D | A | | | | |
| 8 | | A | | E | | 5 | | | | 2 | 7 | | 4 | D |
| | | D | | | 1 | B | C | | | | | 3 | 0 | |
| A | B | 6 | | | | 3 | | 9 | | 4 | | | | |
| | 8 | | | | | | 4 | | | | 0 | | | B |
| | | 5 | 4 | 7 | | | | | | | E | | 9 | 1 |
| 9 | | 1 | | | | | | 5 | C | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 2 | 8 | 1 | C | B | A | E | 3 | 4 | D | 0 | 7 | 9 |
| 4 | C | A | 3 | 5 | 7 | 9 | 2 | 6 | 0 | B | 8 | D | 1 | E |
| 1 | E | 8 | B | 2 | 4 | 0 | 7 | D | 9 | A | 6 | 5 | C | 3 |
| D | 7 | 3 | 0 | 9 | 6 | 5 | 4 | 1 | E | C | 2 | B | 8 | A |
| B | 9 | 0 | A | D | E | 3 | 8 | C | 5 | 1 | 7 | 4 | 6 | 2 |
| C | 0 | 1 | D | E | 5 | 2 | 3 | 9 | A | 6 | 4 | 7 | B | 8 |
| 6 | 2 | 9 | C | 7 | 8 | 4 | E | B | 1 | 0 | 5 | 3 | A | D |
| E | 5 | B | 1 | 6 | 0 | 8 | D | A | 7 | 3 | 9 | C | 2 | 4 |
| A | 4 | D | 9 | 3 | 2 | 1 | 6 | 7 | B | 8 | C | E | 0 | 5 |
| 8 | 3 | 7 | 4 | B | A | C | 0 | 5 | D | 2 | E | 1 | 9 | 6 |
| 9 | 1 | 5 | 2 | 4 | 3 | E | C | 0 | 8 | 7 | A | 6 | D | B |
| 2 | D | E | 6 | 8 | 1 | A | B | 4 | C | 5 | 0 | 9 | 3 | 7 |
| 3 | A | 4 | 5 | C | 9 | 7 | 1 | 2 | 6 | D | B | 8 | E | 0 |
| 7 | 8 | 6 | E | 0 | B | D | 5 | 3 | 2 | 9 | 1 | A | 4 | C |
| 0 | B | C | 7 | A | D | 6 | 9 | 8 | 4 | E | 3 | 2 | 5 | 1 |

ଗତକାଲିର ଉତ୍ତର

# ରାସ୍ତାର ଅନେକ ବାପା



ବୈଷ୍ଣବ ଚରଣ ମହାନ୍ତି

ନିୟମଭଙ୍ଗକାରୀଙ୍କୁ ରାସ୍ତାର ନିୟମ ସମ୍ବନ୍ଧରେ ସଚେତନ କରିବାକୁ ଯାଇ ଅଭିନେତା ଅକ୍ଷୟ କୁମାର ଏକ ବିଜ୍ଞାପନରେ କହିବାର ଦେଖାଯାଉଛି– 'ରାସ୍ତା କିସିକେ ବାପ୍‌କି ନେହିଁ (ରାସ୍ତା କାହା ବାପାର ନୁହେଁ) ।' ରାସ୍ତା କାହା ବାପାର ନ ହୋଇପାରେ, ରାସ୍ତାର କିନ୍ତୁ ଅନେକ ବାପା । ଅନେକ ଅର୍ଥ ଏଠାରେ ଦୁଇ, ଚାରି କି ଶହେ ହଜାରେ ନୁହଁ, ରାସ୍ତାର ବାପାଙ୍କ ସଂଖ୍ୟା ଲକ୍ଷେ କି କୋଟିଏରୁ ବି ଅଧିକ ହେବ । ସେମାନଙ୍କ ଭିତରୁ ରାସ୍ତାର ଏକ ନମ୍ବର ବାପା ହେଉଛନ୍ତି ନେତାଜାତୀୟ ନରମାନେ । ରାସ୍ତା ଉପରେ ସର୍ବାଧିକ ବାପାତ୍ୱ ଜାହିର କରନ୍ତି ଆମ ନେତାମାନେ । ଗଜା ବୟସରୁ ଯୋଉ ଲୋକର ବ୍ୟକ୍ତିତ୍ୱରେ ନେତୃତ୍ୱ ଗଜୁରେ, ସେ ଆଗ ପଳେଇ ଆସେ ରାସ୍ତା ଉପରକୁ ଆପଣା ନେତୃତ୍ୱର ଗଜାକୁ ଶସ୍ୟଳ କରି ବଢ଼େଇବା ପାଇଁ । ରାସ୍ତାରୋକୋରୁ ଆରମ୍ଭ ହୁଏ ଗଜାନେତାଙ୍କ ନେତୃତ୍ୱର ଖଡ଼ିପାଠ । ବୁଢ଼ା ନେତାମାନେ ଆଗରେ ଚାଲନ୍ତି ସ୍ଲୋଗାନ ଦେଇ– 'ଆମର ଦାବି ପୂରଣ ହେଉ...' ; କୁଜି ନେତା, କରମା ନେତାମାନେ ପଛରୁ ପାଳି ଧରନ୍ତି– 'ପୂରଣ ହେଉ...ପୂରଣ ହେଉ' ; ପୁଣି ବୁଢ଼ାନେତା ଚିତ୍କାର ଛନ୍ଦରେ ରଡ଼ି କରନ୍ତି– 'ଯଦି ନ ହେବ, ନିଆଁ ଜଳିବ' ; ଗଜାନେତା କଣ୍ଠଫଟେଇ ସ୍ୱର ତୋଳନ୍ତି– 'ନିଆଁ ଜଳିବ... ନିଆଁ ଜଳିବ...' ।

ନିଆଁ ଜାଳନ୍ତି ଏମାନେ ରାସ୍ତାର ଛାତି ଉପରେ ଟାୟାର ରଖି । ରାସ୍ତାରେ ଏମାନେ ତାଣ୍ଡବ ରଚନ୍ତି, କଂସ ଲୀଳା, ରାବଣ ଲୀଳା, ଶୁମ୍ଭନିଶୁମ୍ଭ ଲୀଳା କରନ୍ତି । ଦି'ଚକିଆର ପମ୍ପ ଖୋଲନ୍ତି, ଚାରିଚକିଆର କାଚକୁ ବାଡ଼େଇ ଭାଙ୍ଗନ୍ତି । ରାସ୍ତାକଡ଼ ଦୋକାନ ବଜାର ଖୋଲାଥିଲେ ଏମାନେ ଲୁଟ୍ କରନ୍ତି, ଜିନିଷପତ୍ର କାଢ଼ି ରାସ୍ତାକୁ ଫିଙ୍ଗନ୍ତି । ଏମାନଙ୍କ କିଳିକିଳା ରଡ଼ିରେ ରାସ୍ତା କମ୍ପମାନ ହୁଏ । ସାଧାରଣ ଜନତା ହୀନସ୍ତା ହୁଅନ୍ତି, ନିରୀହ ଲୋକେ ଏମାନଙ୍କଠାରୁ ମାଡ଼ ଖାଆନ୍ତି, ରୋଗୀ ଡାକ୍ତରଖାନା ଯାଇ ନ ପାରି ମରେ । ସବୁଯାକ ଅଶୋଭନୀୟ କାମ କରି ଏମାନେ କହନ୍ତି ଆମେ ଶୋଭାଯାତ୍ରା କରୁଛୁ । ରାସ୍ତାକଡ଼ରୁ ଢେଲା ଗୋଟେଇ ଏମାନେ ପୋଲିସ ଉପରକୁ ଫିଙ୍ଗନ୍ତି । ତଥାପି ପୋଲିସ ଆସି ବାପଲୋ ଧନଲୋ କହି ଏମାନଙ୍କୁ ବୁଝାଏ । ଅତି ଉଦ୍‌ବାର୍ଯ୍ୟ ହେଲେ ଦି'ଚାରି ପାହାର ଦିଏ ; ଶେଷକୁ ଗିରଫ କରି ଗାଡ଼ିରେ ପୂରେଇବା ବେଳକୁ ଏମାନେ ଆରମ୍ଭ କରନ୍ତି ଯେତେକଯାକ ନାଟ ନବରଙ୍ଗ । ପ୍ରସୂତି ଶୂଳ ଖାଇଲା ଭଳି କିଏ ଗୋଡ଼କୁ ଫରକଟେଇ ଭୂଇଁ ଅଣ୍ଡାଳିବସେ ତ କିଏ ଲମ୍ବଜାଲ ହେଇ ରାସ୍ତାଟା ଉପରେ ମୁର୍ଦ୍ଦାର ଭଳି ଶୋଇଯାଏ । ଝିଅ ବିଦାବେଳେ ଆଗେ ଭାଇମାନେ ଭଉଣୀକି ଯେମିତି ଟେକିନେଇ ସବାରିରେ ପୂରଉଥିଲେ, ପୋଲିସଭାଇମାନେ ସେମିତି ନେତାମାନଙ୍କୁ ଟେକିନେଇ ଭ୍ୟାନ୍‌ରେ ଭର୍ତ୍ତିକରନ୍ତି । ତା'ଛଡ଼ା ବେଳେବେଳେ ରାସ୍ତାକଡ଼ରେ ନେତାପ୍ରାୟୋଜିତ ବିଭିନ୍ନ ଅନୁଷ୍ଠାନ, ସଂଘ, ସଂଗଠନ ଅନଶନ ଛୁଙ୍ଗୀ ଓ ସତ୍ୟାଗ୍ରହ ଚାଳିଆମାନ କରି ଅଖଣ୍ଡ କୀର୍ତ୍ତନ ଶୈଳୀରେ ଦିବାରାତ୍ର ଅଖଣ୍ଡ ସ୍ଲୋଗାନ ଦେଇ ରାସ୍ତାରେ ଯାଉଥିବା ପଥଚାରୀଙ୍କ କାନ ତାବ୍‌ଦା କରନ୍ତି ଏମାନେ । କେତେକ ପ୍ରତିବାଦ ସ୍ୱରୂପ ପଥଚାରୀଙ୍କ ଜୋତା ପାଲିସ କରନ୍ତି ତ କେତେକ ରାସ୍ତା ଉପରେ ମାଣ ବସେଇ ଲକ୍ଷ୍ମୀପୂଜା, ଖୁଦୁରୁକୁଣୀ ପୂଜା କରନ୍ତି, କେତେକ ଅଣ୍ଟାରେ ହାତଦେଇ ରାସ୍ତାମଝିରେ ମାଇଗୁଲିଆ ନାଚ ବି ନାଚନ୍ତି ତ ଆଉ କେତେକ ଜନଗର୍ଜନ କରନ୍ତି । ଦାବି ପୂରଣ ପାଇଁ କେତେକ ମାସ ମାସ ଧରି ଖରାବର୍ଷା, ଶୀତକାକରକୁ ବେଖାତିର କରି ରାସ୍ତା ଅବରୋଧ କରି ଶୋଇ ରହନ୍ତି । ଏମାନେ ସବୁ ରାସ୍ତାର ରାଜନୈତିକ ଦଳୋଦ୍ଭବ ବାପା, ସଂଘୀୟ ବାପା, ଅନୁଷ୍ଠାନୀୟ ବାପା ।

ରାସ୍ତାର ଧର୍ମୀୟ ବାପାମାନେ କିନ୍ତୁ ରାସ୍ତାଟା ଉପରେ ତଥାକଥିତ ଧର୍ମାନୁଷ୍ଠାନମାନ ଗଢ଼ି କୋଉଠି ଅନ୍ନପ୍ରସାଦ ବେପାର କରନ୍ତି ତ କୋଉଠି ଚିଲମସେବା କରନ୍ତି । ଏବେ ବାବାମାତାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବା ସାଙ୍ଗକୁ ସେମାନଙ୍କ ଭକ୍ତଙ୍କ ସଂଖ୍ୟା, ଆଶ୍ରମ, ମଠ, ମନ୍ଦିର ସଂଖ୍ୟା ବି ବଢ଼ୁଛି । ଭକ୍ତଙ୍କ ଗମନାଗମନର ସୁବିଧା ଦୃଷ୍ଟିରୁ ଏ ସବୁ ଅନୁଷ୍ଠାନ ରାସ୍ତାକୁ ଲାଗି ଗଢ଼ିଉଠିବା ସହିତ ରାସ୍ତାରୁ କିଛି ମଧ୍ୟ ଏମାନେ ମାଡ଼ିବସୁଛନ୍ତି । କିଛି ନ ହେଲେ ରାସ୍ତା ଉପରେ ଗାଡ଼ି ମୋଟର ଥୋଇ ରାସ୍ତା ଅବରୋଧ କରିବାକୁ କେହି ଏବେ ବେଆଇନ ମଣୁନାହାନ୍ତି । ଶ୍ରାବଣ ମାସରେ ତ କାଉଡ଼ିଆମାନେ କାବୁକରି ବସୁଛନ୍ତି ସବୁ ରାସ୍ତାଘାଟ । ରାସ୍ତାକଡ଼ ବାଉଁଶଭାଡ଼ିରେ ବାହୁଙ୍ଗି ରଖି, ରାସ୍ତାକଡ଼ର ତମ୍ବୁତଳେ ଭାତଡାଲ୍‌ମା ଖାଇ ତାଣ୍ଡବନାଚ ନାଚି, ରାସ୍ତାରେ ଅଇଁଠାପତର ପକେଇ, ରାସ୍ତାକଡ଼ରେ ପେଟସଫା କରି ଏମାନେ ରାସ୍ତାକୁ ଗନ୍ଧିଆ କରନ୍ତି, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ପରାହତ କରନ୍ତି । 'ଗଣେଶ ଫାଦର୍ ପାର୍ କରେଗା, ପାର୍ବତୀ ହଜ୍‌ବ୍ୟାଣ୍ଡ୍ ପାର୍ କରେଗା, ଭୋଲାବାବା ପାର୍ କରେଗା' କୁହାଟ ସାଙ୍ଗକୁ 'ଆମକୁ ବାଟ ଛାଡ଼ରେ, ଆମେ ତ କାଉଡ଼ିବାଲା...' ଚିତ୍କାରିଆ ଗୀତରେ ରାସ୍ତାରେ ଯାଉଥିବା ଲୋକେ ଆମ୍ବୁଲାନ୍ସକୁ ବାଟ ନ ଛାଡ଼ନ୍ତୁ ପଛେ ୟାଙ୍କୁ ବାଟ ଛାଡ଼ିବାକୁ ବାଧ୍ୟ । ବାଟଓଷା, ବାଟମଙ୍ଗଳା ଓଷା, ଅଷ୍ଟପ୍ରହର, ରାହାସ, କଳସ ଶୋଭାଯାତ୍ରା, ମେଢ଼ ବିସର୍ଜନ, ଭସାଣିରେ ମହିଷାସୁରିଆ ନାଚ, ବରଯାତ୍ରୀଙ୍କ ବାତମରା ନାଚ ଆଦି ଯେତେସବୁ ଧାର୍ମିକ ଉତ୍ପାତ, ସାଂସ୍କୃତିକ ଅସାମାଜିକତା ସବୁ ହୁଏ ରାସ୍ତା ଉପରେ ।

ଏଥର ଆସିବା ରାସ୍ତାର ବ୍ୟବସାୟିକ ବାପାମାନଙ୍କ ପାଖକୁ । ରାସ୍ତା ଭୂମିଷ୍ଠ ହେବାର ବହୁ ପୂର୍ବରୁ ଆରମ୍ଭ ହେଇଯାଏ ବ୍ୟବସାୟିକ ଗୋଟିଚାଳନା । ରାଜନୈତିକ, ଦାପ୍ତରିକ ବାପାମାନଙ୍କ ସାଙ୍ଗକୁ ଦାଦାମାନେ ମଧ୍ୟ ଆସନ୍ନଭୂମିଷ୍ଠ ରାସ୍ତାର ବାପାହେଇ ଠିଆ ହୁଅନ୍ତି ; ଟେଣ୍ଡର ଫିକ୍ସିଂ ହୁଏ, ନେତାଜାତୀୟ ନରମାନେ, ମନ୍ତ୍ରିଜାତୀୟ ମଣିଷମାନେ ତାଙ୍କ ସିଂହଭାଗ ଆଗ ନେଇଯାଆନ୍ତି । ଦପ୍ତରର ଅବାବୁମାନେ ତାଙ୍କ ବକ୍ସିସ୍, ସାନବାବୁମାନେ ତାଙ୍କ ପାନଖିଆ, ବଡ଼ବାବୁମାନେ ଅଣ୍ଟାଗୁଞ୍ଜା, ତହୁଁ ବଡ଼ବାବୁ ଓ ଅତି ବଡ଼ବାବୁମାନେ ସେମାନଙ୍କ ପିସି ନେଇଯାଆନ୍ତି, ଦାଦାମାନେ ତାଙ୍କ ବଟି ଆଦାୟ କରିନିଅନ୍ତି । ରାସ୍ତାକଡ଼ ଗ୍ରାମର ଗ୍ରାମକମିଟି, ପୂଜାକମିଟି, ଯୁବକସଂଘ, କ୍ରିକେଟ୍ କ୍ଲବ୍, ମନ୍ଦିରନିର୍ମାଣ କମିଟି, ମଦୁଆ ମହାସଂଘ ଆସି ଠିକାଦାରଙ୍କଠାରୁ ଚାନ୍ଦା ଆଦାୟ କରି ନିଅନ୍ତି । ଠିକାଦାରଙ୍କ ଢୋଲ ଭିତରର ମୂଷାମାନେ ବି ବାଲି, ସିମେଣ୍ଟ ଆଣିବା ବେଳେ କିଛି ବାଟମାରଣା କରନ୍ତି । ଏମିତି ଏମିତି ଶହେରୁ ଷାଠିଏ ଭାଗ ଭାଗବଣ୍ଟରାରେ ପଳେଇଗଲା ପରେ ଆରମ୍ଭ ହୁଏ ରାସ୍ତା ଭୂମିଷ୍ଠ ହେବାର ପର୍ବ । ଶେଷକୁ ଧଡ଼ିଆ ଧେଡ଼ଙ୍ଗ ନିର୍ଜୀବ, ଦୁର୍ବଳ ହୋଇ ଭୂମିଷ୍ଠ ହୁଏ ରାସ୍ତାଟି । ରାସ୍ତା ପାଇଁ ଏତେ ଶ୍ରାଦ୍ଧ ହୋଇସାରିବା ପରେ ବି ଶେଷ ମାପଚୁପ ଓ ବିଲ୍ ବେଳକୁ ଲେପଭାଗ ଦେବାକୁ ପଡ଼େ ରାସ୍ତାମପାଳି, ବିଲ୍‌ପାସାଳି ବାବୁଙ୍କୁ ।

ରାସ୍ତା ଭୂମିଷ୍ଠ ହେବା ପରେ ବାସହୀନ ବିପିଏଲ୍ ବାପାମାନେ ବସ୍ତି କରନ୍ତି ସହରର ରାସ୍ତାକଡ଼ରେ । ରାସ୍ତାକଡ଼ ପାଲଟେ ସେମାନଙ୍କ ପାଇଁ ମୁକ୍ତାକାଶ ମଳତ୍ୟାଗର ମହାତୀର୍ଥ, ତାଙ୍କ ଛେଳିମେଣ୍ଢା, ଗାଈମଇଁଷିଙ୍କ ଗୁହାଳ । ନେତାମାନେ ସେମାନଙ୍କ ଦୁଃଖ ଦେଖି କୁନ୍ଥେଇ କାନ୍ଦନ୍ତି, ଆଉ ନିଜ ଦଳ ପାଇଁ ଭୋଟ୍ ଗୋଟେଇ ବାନ୍ଧନ୍ତି । ଡାଳଚେର ମେଲେଇଥିବା ରାସ୍ତାକଡ଼ର ବିରାଟ ଗଛସବୁକୁ ସରକାର ସହଜରେ କାଟିଦେଇ ପାରନ୍ତି, କିନ୍ତୁ ରାସ୍ତାକଡ଼ରେ ଚେର ଲାଗିଯାଇଥିବା ବସ୍ତିକୁ ଉଚ୍ଛେଦ କରିବା ସହଜ ହୁଏନାହିଁ । ବସ୍ତି ଭିତରେ ଦି'ଚାରିଟା ଚାଳିଆ କରି ଭଡ଼ା ଦେଇଥିବା ଦାଦା ନେତା ସାଜନ୍ତି, ରାସ୍ତାରୋକୋ କରନ୍ତି । ସେଥିପାଇଁ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରିବାକୁ ତାଙ୍କ ଜିନିଷପତ୍ର ସ୍ଥାନାନ୍ତର ପାଇଁ ମାଗଣା ଟ୍ରକ୍ ଯୋଗାଇବା ସହିତ ଅସ୍ଥାୟୀ ଘର ଲାଗି ଟଙ୍କା, ସ୍ଥାୟୀ ଘର ଯୋଗାଇବା ବନ୍ଦୋବସ୍ତ କରିବାକୁ ପଡ଼େ । ଅଥଚ ରାଜଧାନୀରେ ନିଜ ଜାଗା ଉପରେ ଅନୁମୋଦିତ ନକ୍ସାରୁ ଫୁଟେ ବଢ଼େଇକି ଘର କରିଥିଲେ ବିଡିଏ ହଜାର ହଜାର ଟଙ୍କା ଘରମାଲିକଠୁ ଜରିମାନା ଆଦାୟ କରେ ।

ରାସ୍ତା ହେବା ପରେ କିଏ ରାସ୍ତା ଉପରକୁ ମଡ଼େଇ ଘର କରେ ତ କିଏ ରାସ୍ତା ଉପରେ ଉଠାଦୋକାନ କରେ, କିଏ କ୍ୟାବିନ ପକାଏ ତ କିଏ ରାସ୍ତାକୁ କାଟି ପାଣି ମାହାରା କରେ ଏବଂ ପ୍ରାୟ ଅନେକେ ନିଜ ଘରର ଅଳିଆକୁ ଆଣି ରାସ୍ତା ଉପରେ ଫୋପାଡ଼ନ୍ତି । ଏ ବହୁବାବୁଆ ରାସ୍ତା ଉପରେ ସମସ୍ତେ ବାପାତ୍ୱ ଜାହିର କରନ୍ତି । ଏଣୁ ଦେଖିବାକୁ ଗଲେ ଏ ଦେଶଟା, ଏ ରାଜ୍ୟଟା ସତରେ ରାସ୍ତା ପାଇଁ ଖାଲି ବାପାମୟ, ବାପାମୟ ।

'ଆମଘର', ୧୨–ମୈତ୍ରୀ ଜନପଦ, ନହରକଣ୍ଟା, ଭୁବନେଶ୍ୱର, ମୋ–୭୦୨୦୧୬୮୧୧୮

# ବାଣ ଓ ବାଜା: ନ୍ୟାୟାଳୟଙ୍କ ତାଗିଦ



ଡ. ରମେଶ ଚନ୍ଦ୍ର ପରିଡ଼ା

ପର୍ବପର୍ବାଣି ବା ଉତ୍ସବକୁ ଅଧିକ ଉପଭୋଗ୍ୟ କରିବା ଆଳରେ ବାଣ ଫୁଟାଇବା ଏବଂ ଉଚ୍ଚ ଧ୍ୱନିସମ୍ପନ୍ନ ବାଜା ବଜାଇବା ଆମର ଏକ ଅଭ୍ୟାସ ଓ ପରମ୍ପରାରେ ପରିଣତ ହୋଇଯାଇଛି । ଭୟଙ୍କର ବାୟୁ ଏବଂ ଧ୍ୱନି ପ୍ରଦୂଷଣକାରୀ ହୋଇଥିଲେ ମଧ୍ୟ ଆମେ ତାକୁ ଛାଡିବାକୁ ନାରାଜ । ତେବେ ସୁଖର କଥା ଯେ, ଏହି ଅବିବେକିତା ପିଠିରେ ଚାବୁକ ମାରି ସମଗ୍ର ଦେଶରେ ଏହା ଉପରେ କଟକଣା ଜାରି କରିଛନ୍ତି ଉଚ୍ଚତମ ନ୍ୟାୟାଳୟ । ୨୦୧୫ ମସିହାରେ ପୃଥିବୀର ବାୟୁ ପ୍ରଦୂଷଣର ରାଜଧାନୀ ରୂପେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ତିନିଜଣ ଅବୋଧ ଶିଶୁ ବଞ୍ଚିବା ପାଇଁ ତାଙ୍କର ସୁସ୍ଥ ପରିବେଶଟିଏ ଲୋଡ଼ା ବୋଲି ଦର୍ଶାଇ ସେମାନଙ୍କ ପିତାଙ୍କ ମାଧ୍ୟମରେ ଏହାର ଦ୍ୱାରସ୍ଥ ହୋଇଥିଲେ । ତାହାରି ଉପରେ ବିଚାର କରି ଏ ରାୟଟି ପ୍ରକାଶ ପାଇଛି ।

ଏଥିପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ମତାମତ ଲୋଡ଼ିଥିଲେ । ମନ୍ତ୍ରଣାଳୟ ପ୍ରଦାନ କରିଥିବା ମତାମତ ହେଉଛି– ସାଧାରଣ ବାଣରେ ନିମ୍ନମାନର କଞ୍ଚାମାଲ ବ୍ୟବହୃତ ହେଉଛି । ଏହା ଅର୍ଦ୍ଧ କିମ୍ବା ଆଂଶିକ ଦଗ୍ଧ ହୋଇ ବାୟୁରେ ଭାସମାନ କଣିକା ସୃଷ୍ଟି କରୁଛି । ଏଣୁ ଏହାର ପ୍ରତିକାର କରାଯାଉ । ଫଟକାମାନଙ୍କରେ ଆର୍ଦ୍ରତା ଦୂରକାରୀ ରୂପେ ପାଉଁଶ ଭଳି ପଦାର୍ଥ ବଦଳରେ କୋଇଲା ଗୁଣ୍ଡ ବ୍ୟବହାର ଲାଗି ନିର୍ଦ୍ଦେଶ ଦିଆଯାଉ । ଏହାଦ୍ୱାରା ବାୟୁରେ ଭାସମାନ କଣିକା ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହୋଇପାରିବ । କେତେକ ବାଣରୁ ଅଧିକ ନିର୍ଗମନ ହୋଇଥାଏ । ଏହାକୁ ଚିହ୍ନଟ କରି ବାରଣ କରାଯାଉ ଏବଂ କମ୍ ନିର୍ଗମନ ଘଟାଉଥିବା ବାଣକୁ ଅନୁମତି ମିଳୁ । କେବଳ ଅନୁମତିପ୍ରାପ୍ତ ରସାୟନରେ ପ୍ରସ୍ତୁତ ବାଣ ବ୍ୟବହାର ଲାଗି ଅନୁମତି ଦିଆଯାଉ । ହାନିକାରକ ହୋଇଥିବା ଉଚ୍ଚ ଡେସିବଲଯୁକ୍ତ ଫଟକାମାନ ନିଷେଧ କରାଯାଉ । ବାଣରେ ବ୍ୟବହୃତ ବିବିଧ ଧାତବ ପଦାର୍ଥ, ବିଶେଷକରି ରଙ୍ଗ ସୃଷ୍ଟିକାରୀ ବେରିୟମ୍ ଇତ୍ୟାଦିକୁ ବାରଣ କରାଯାଉ ।

ଏହାକୁ ଭିତ୍ତିକରି ନ୍ୟାୟାଧୀଶ ଏ.କେ. ସିକ୍ରି ଓ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଣଫୁଟା ଓ ବାଜା ଉପରେ କଟକଣାମାନ ଜାରି କରିଛନ୍ତି । ଏଥିରେ ସୂଚିତ କରାଯାଇଛି ଯେ ଆବେଦନକାରୀଙ୍କ ପ୍ରାର୍ଥନା ଏବଂ ବାଣ ବ୍ୟବସାୟୀ ତଥା ଜନସାଧାରଣଙ୍କ ଧାର୍ମିକ ଭାବନା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ହେଲେ ବାଣଫୁଟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସମ୍ଭବ ନୁହେଁ । ତେବେ ଏଥିପାଇଁ ନିମ୍ନ କେତୋଟି ମାର୍ଗଦର୍ଶିକାକୁ କଡାକଡି ଭାବେ ପାଳନ କରିବାକୁ ହେବ । ଦୀପାବଳିରେ ରାତି ୮ରୁ ୧୦ଟା ମଧ୍ୟରେ ଏବଂ ଖ୍ରୀଷ୍ଟମାସ ଓ ନବବର୍ଷରେ ରାତ୍ର ୧୨.୫୫ରୁ ୧.୩୦ ମଧ୍ୟରେ ହିଁ କେବଳ ବାଣ ଫୁଟାଯାଇପାରିବ । ରଙ୍ଗିନ ବାଣରେ ବେରିୟମ୍ ଭଳି ଧାତବ ପଦାର୍ଥ ବ୍ୟବହାର ହେବନାହିଁ । କ୍ରମାଗତ ଦୀର୍ଘ ସମୟ ଧରି ଏବଂ ଉଚ୍ଚ ଧ୍ୱନି କରି ଫୁଟୁଥିବା ଫଟକା ଫୁଟାଯିବ ନାହିଁ । ବାଣଗୁଡିକର ମାନ ଠିକ୍ ଅଛି କି ନାହିଁ ତାହା ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂସ୍ଥା ପରୀକ୍ଷା କରି ଅନୁମତି ପ୍ରଦାନ କରିବ । ଅନ୍‌ଲାଇନରେ ବାଣ ବିକ୍ରୟ ହୋଇପାରିବନାହିଁ । କେବଳ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ହିଁ ଏହା ତିଆରି ଏବଂ ବିକ୍ରି କରିପାରିବେ । ଏ ସବୁ କଟକଣା ଯେପରି ଠିକ୍‌ରୂପେ ପାଳନ କରାଯାଏ, ତାହା ଦେଖିବା ଦାୟିତ୍ୱ ସ୍ଥାନୀୟ ପୋଲିସର ।

ବିଗତ ବର୍ଷ ଦିଲ୍ଲୀରେ ଦୀପାବଳି ସମେତ ତିନିଦିନ ଧରି ବାଣ ବିକ୍ରି ବନ୍ଦ ରଖିବାକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ତେବେ ପରେ ଜଣାପଡିଲା ଯେ, ପ୍ରତିବର୍ଷ ଯେତିକି ବାଣ ଫୁଟାଯାଉଥିଲା ସେତିକି ଫୁଟାଯାଇଛି । ଏହାର ପରିମାଣ ଥିଲା ୫୦ ଲକ୍ଷ କିଲୋଗ୍ରାମ୍ । ତହିଁରୁ ଅଧିକାଂଶ ବିକ୍ରି ହୋଇଥିଲା କଳାବଜାରରେ । ଫଳରେ ବାୟୁ ପ୍ରଦୂଷଣର ମାତ୍ରା ଅତି ଉଚ୍ଚସ୍ତର ସ୍ପର୍ଶ କଲା । ଅତଏବ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ କୌଣସିମତେ ଫଳବତୀ ହେଲାନାହିଁ ।

ଚଳିତ ବର୍ଷ ଦୁର୍ଗାପୂଜାରେ ମଧ୍ୟ ସେଠାରେ ଘଟିଥିଲା ସେହିପରି ଘଟଣା । ଏହି ଅବସରରେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଥିଲା ବିଗତ ୪ ବର୍ଷ ତୁଳନାରେ ସର୍ବାଧିକ । ଏଠାରେ ଯାହା ଘଟୁଛି ସାରା ଦେଶର ଅନ୍ୟାନ୍ୟ ସହରାଞ୍ଚଳମାନଙ୍କରେ ବି ଅଳ୍ପ ବହୁତ ଘଟୁଛି । ଏପରି ସ୍ଥଳେ, ବର୍ତ୍ତମାନର ନିର୍ଦ୍ଦେଶ କେତେଦୂର ଫଳପ୍ରଦ ହେବ ତାହା ସମୟ ହିଁ କହିବ ।

ବାଣର ମୁଖ୍ୟ ଉପାଦାନଗୁଡିକ ହେଲା ଅଙ୍ଗାର, ଗନ୍ଧକ, ଆଲୁମିନିୟମ, ଫସ୍‌ଫରସ, ପଟାସିୟମ୍ ନାଇଟ୍ରେଟ୍, ବେରିୟମ୍ ନାଇଟ୍ରେଟ୍ ଇତ୍ୟାଦିର ଗୁଣ୍ଡ ଏବଂ ଏହାର ଶିଖାକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରିବାକୁ ସେଥିସହିତ ଯୋଗ କରାଯାଇଥାଏ ସୋଡିୟମ୍, ତମ୍ବା, ଷ୍ଟ୍ରୋଞ୍ଚିୟମ୍, ମ୍ୟାଗ୍ନେସିୟମ୍, ଟାଇଟାନିୟମ, କ୍ୟାଲ୍‌ସିୟମ୍ ଆଦି ଧାତୁମାନଙ୍କ ଲବଣ । ଏଣୁ ତାହା ଫୁଟିଲେ ତହିଁରୁ ନିର୍ଗତ ହୁଏ ସୂକ୍ଷ୍ମାତିସୂକ୍ଷ୍ମ ବାୟୁରେ ଭାସମାନ କଣିକା ସହିତ ବିଷାକ୍ତ ବାଷ୍ପ । ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡିକର ଅତ୍ୟନ୍ତ କୁପ୍ରଭାବ ରହିଛି ।

ଏହା ବ୍ୟତୀତ ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି, ଯାହାକି ସହନୀୟ ସୀମା (୫୦ରୁ ୬୦ ଡେସିବଲ)ଠାରୁ ଅନେକ ବେଶି । ପର୍ବପର୍ବାଣିରେ ଏଥିସହିତ ବ୍ୟବହାର ହେଉଥିବା ଉଚ୍ଚ ଧ୍ୱନିକାରୀ ବାଦ୍ୟଯନ୍ତ୍ର (୯୦ରୁ ୧୪୦ ଡେସିବଲ) ଏବଂ ଡାକବାଜି ଯନ୍ତ୍ର (୧୦୦ରୁ ୧୩୦ ଡେସିବଲ) ଘୋର ଧ୍ୱନି ପ୍ରଦୂଷଣ ଘଟାନ୍ତି । ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, କଲିକତା ଆଦି ନଗରୀମାନଙ୍କରେ ଏବଂ ଏପରି କି ଆମ କଟକରେ ମଧ୍ୟ ଏହାର ସ୍ତର ଅନେକ ସମୟରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ । ଆମ ସ୍ମୃତି ଓ ଶ୍ରବଣ ଶକ୍ତିଠାରୁ ଆରମ୍ଭ କରି ହୃତ୍‌ପିଣ୍ଡର କ୍ରିୟାକଳାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ଉପରେ ଏହାର କୁପ୍ରଭାବ ଅତି ଗମ୍ଭୀର । ଏଣୁ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଆମଠାରେ ଚେତନାର ଉଦ୍ରେକ କରୁ । ଆମେ ପର୍ବପର୍ବାଣି ପାଳନ ସମୟରେ ବାଣ ଓ ଉଚ୍ଚ ଧ୍ୱନିକାରୀ ବାଦ୍ୟରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ଆବଶ୍ୟକ ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

## ଏଇ ଭାରତରେ

ମାନବ ସେବା ହେଉଛି ମାଧବ ସେବା । ପୀଡ଼ିତ ମାନବର ସେବା କରିବା ଫଳରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିହୁଏ । ଏଭଳି ଆଦର୍ଶର ଉଦାହରଣ ଦେଇଛନ୍ତି ୬୭ବର୍ଷୀୟା ବନ୍ଦନା ଗୁପ୍ତା । ସେ ଭି. କେୟାର ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା । ଶନିବାର ମୁମ୍ବାଇ ନଗରୀର ୫୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଆବଶ୍ୟକ ଉପହାର ପ୍ରଦାନ କରିଛନ୍ତି । ଏହା ରୋଗୀଙ୍କ ପ୍ରତି ଦିୱାଲି ଭେଟି ବୋଲି କୁହାଯାଉଛି । ସେ କେତେକ ଅଭିନେତା ଅଭିନେତ୍ରୀଙ୍କ ସହିତ ହସ୍ପିଟାଲ ଯାଇ ରୋଗୀ ଏବଂ ସେମାନଙ୍କ ଆତ୍ମୀୟଙ୍କୁ ଭେଟିଥିଲେ । ପ୍ରତିଟି ଉପହାର ବ୍ୟାଗ୍‌ରେ ଥିଲା ଚାମଚ, ପ୍ଲେଟ୍ ସମେତ କିଛି ଖାଦ୍ୟଦ୍ରବ୍ୟ । ନାନାବତୀ, ଲୀଳାବତୀ, ବ୍ରିଚ୍‌କ୍ୟାଣ୍ଡି ଏବଂ ଯଶଲୋକ ହସ୍ପିଟାଲ୍ ରୋଗୀଙ୍କୁ ସମ ପରିମାଣର ଉପହାର ମଧ୍ୟ ଦିଆଯାଇଥିଲା । ଅଭିନେତା ଓ ଅଭିନେତ୍ରୀ ସେମାନଙ୍କ ଦୁଃଖରେ ଭାଗୀଦାର ହେଉଥିବାର ଜାଣି ସେମାନେ ଖୁବ୍ ଖୁସି ପ୍ରକାଶ କରିଥିଲେ । ବନ୍ଦନା ଗୁପ୍ତାଙ୍କୁ ୪୨ବର୍ଷ ହୋଇଥିବା ବେଳେ କ୍ୟାନ୍‌ସରରେ ପୀଡିତ ଥିଲେ । ସେ ଚିକିତ୍ସାଧୀନ ଥିବାବେଳେ ରୋଗୀମାନେ ବାହାର ଲୋକଙ୍କ ସ୍ନେହ ସଦିଚ୍ଛା ଆବଶ୍ୟକ କରୁଥିବା ସେ ଅନୁଭବ କରୁଥିଲେ । ତେଣୁ ସେ ଆରୋଗ୍ୟ ହୋଇଯିବାର କିଛିଦିନ ପରେ ଭି. କେୟାର ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନ ଡାକ୍ତରୀ ଚିକିତ୍ସା ବାହାରେ ରୋଗୀ ଏବଂ ସେମାନଙ୍କ ପରିବାରଙ୍କୁ ଆବେଗିକ ସହାୟତା ଯୋଗାଇ ଦେଇଆସୁଛି । ବିଗତ ୨୫ବର୍ଷ ମଧ୍ୟରେ ୧ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ସରଞ୍ଜାମ, ଆର୍ଥିକ ସହାୟତା ଓ ପରାମର୍ଶ ଦେଇଆସୁଛି । ଏହି ପ୍ରତିଷ୍ଠାନର ସେବା ଓ ସହାୟତାରେ କ୍ୟାନସର ରୋଗୀଙ୍କ ମୁହଁରେ ହସ ଫୁଟିପାରିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୩

- ଓଡ଼ିଶା ପ୍ରମୋଦ କର ସଂଶୋଧନ ବିଲ୍ ୧୯୯୩ ବିଧାନସଭାରେ ଅନୁମୋଦନ ।
- ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ତାଙ୍କ ପ୍ରତିଶ୍ରୁତି ତଥା ବୁଝାମଣାରୁ ସେ ଓହରିଯାଇ ନାହାନ୍ତି ବୋଲି କାପାରୋ ଶିଳ୍ପଗୋଷ୍ଠୀର ଅଧ୍ୟକ୍ଷ ସ୍ୱରାଜ ପଲ ସ୍ପଷ୍ଟ କରିଦେଇଛନ୍ତି ।

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮– ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ୍ ନାୟାର ଭାଜପାରେ ଯୋଗ ଦେଲେ ।

୨୯– ଇଣ୍ଡୋନେସିଆରେ ଯାତ୍ରୀବାହୀ ଲାୟନ ଏୟାର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିବା ଫଳରେ ୧୮୯ ଜଣଙ୍କ ମୃତ୍ୟୁ ଘଟିଛି ।

୩୦– ଭାରତ ଗସ୍ତରେ ଆସିଥିବା ଇଟାଲି ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଭେଟିବା ଅବସରରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।

୩୧– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଲୋକାର୍ପିତ ।

ନଭେମ୍ବର ୧–ଝାରସୁଗୁଡ଼ାରେ ନିର୍ବନିର୍ମିତ ବିମାନବନ୍ଦର 'ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର' ଭାବେ ନାମିତ ହେଲା ।

୨– ଆତଙ୍କବାଦୀ ସଂଗଠନ ଲଶ୍କର–ଇ–ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାଉଦ୍ଦିନଙ୍କ ବିରୋଧରେ ଏନ୍‌ଆଇଏ କୋର୍ଟ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିଛନ୍ତି ।

## ଆମ ସମସ୍ୟା

### ମୋ ଗାଁ ବିକାଶ ଯୋଜନା

ମହାଶୟ,

କଟକ ସଦରରେ ଥିବା ତେଇଶିଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ଯଶପଡ଼ା ଗ୍ରାମପଞ୍ଚାୟତକୁ ମୋ ଗାଁ ବିକାଶ ଯୋଜନାରେ ସଂଶ୍ଳିଷ୍ଟ କରାଯାଇ ଅର୍ଥ ପ୍ରଦାନ କରାଯାଇଛି । କିନ୍ତୁ ଅନ୍ୟ ବାଇଶିଟି ଗ୍ରାମପଞ୍ଚାୟତକୁ ତୁରନ୍ତ ସମାନ ଧାରାରେ ନିଆଯାଉ । ଯାହାଫଳରେ ବିକାଶର ଧାରା ସମତୁଲ ହୋଇ ରହିପାରିବ ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

### ସ୍ୱର୍ଗଦ୍ୱାରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ

ପୁରୀ ସ୍ୱର୍ଗଦ୍ୱାର ହେଲା ମୁକ୍ତିର ଦ୍ୱାର । ପ୍ରତିଦିନ ଏଠାରେ ଶହ ଶହ ମୃତଦେହ ଦାହ ହେଉଛି । ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଏଠାରେ ଶବ ଦାହ କରୁଛନ୍ତି । ଏଥିପାଇଁ ବି ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି । କିନ୍ତୁ ଦୁଃଖର କଥା, ପୁରୀ ସ୍ୱର୍ଗଦ୍ୱାରରେ ପିଇବା ପାଣିର ବ୍ୟବସ୍ଥା ନାହିଁ । ଏଠାରେ ପ୍ରଚଣ୍ଡ ଖରାବେଳେ ଲୋକମାନେ ଶୋଷରେ ତହଲବିକଳ ହେଉଛନ୍ତି । ତେଣୁ ପୌରସଂସ୍ଥା ତରଫରୁ ଏଠାରେ ତୁରନ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଉ ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ଜିଆଇଇଟିରେ ଜାତୀୟସ୍ତରୀୟ କର୍ମଶାଳା

ଗୁଣପୁର,୪।୧୧(ଡି,ଏନ.ଏ): ରାୟଗଡା ଜିଲା ଗୁଣପୁର ଜିଆଇଇଟିଠାରେ ୨ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସିଭିଲ ଇଂଜିନିୟର ବିଭାଗ ପକ୍ଷରୁ ରିସେଣ୍ଟ ଆଡଭାନସ ଇନ ସିଭିଲ ଇଂଜିନିୟର ସନ୍ଦର୍ଭ କୁ ନେଇ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିର ସୁରେନ୍ଦ୍ର ସାଏ ଯାନ୍ତ୍ରୀକ ମହାବିଦ୍ୟାଳୟ ବୁର୍ଲାର ପ୍ରଫେସର ଡ.ପ୍ରକାଶଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସିଭିଲ ଇଂଜିନିୟରଙ୍କ ଦାୟିତ୍ୱ ସଂପର୍କରେ କହିଥିଲେ । ସମ୍ମାନିତ ଅତିଥି ଭାବେ ସୁଧାଂଶୁଶେଖର ଦାସ ଯୋଗଦେଇ ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ଇଂଜିନିୟରଙ୍କ ଭୂମିକା ଓ କାର୍ଯ୍ୟ ଶୈଳୀ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଦେବବ୍ରତ ଗିରି ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ନିର୍ମାଣ କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ । କଲେଜ ପ୍ରିନସପାଲ ଡ.କେ.ସେନ୍ଥିଲ କୁମାର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ସିଭିଲ ବିଭାଗ ମୁଖ୍ୟ ପ୍ରଫେସର ଆଶିସ କୁମାର ସାମଲ ସ୍ୱାଗତ ଭାଷଣ ଏବଂ ଅଧାପକ ପରେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ରଶ୍ମିତାଙ୍କୁ ଚିକିତ୍ସାର ହାତ ବଢ଼ାଇଲା ମିସ୍‌ନାରୀ ଅଫ୍ ଚାରିଟି

## ବୁର୍ଲାସ୍ଥିତ ମାନସିକ ରୋଗ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯିବ

ପଦ୍ମପୁର, ୪।୧୧ (ଡି.ଏନ୍.ଏ.)

ମାନସିକ ସନ୍ତୁଳନ ହରାଇ ରଶ୍ମିତା ରାୟଗଡା ଜିଲା ପଦ୍ମପୁର ଅଞ୍ଚଳରେ କିଛି ମାସ ଧରି ଅସହାୟ ଅବସ୍ଥାରେ ଘୁରି ବୁଲୁଥିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ସମ୍ବଲପୁର କୁଲୁସ୍କାନିସ୍ଥିତ ମିସ୍‌ନାରୀ ଅଫ୍ ଚାରିଟ୍ ସଂସ୍ଥା ରଶ୍ମିତାଙ୍କୁ ସହାୟତାର ହାତ ବଢାଇଛି। ତାଙ୍କର ସମସ୍ତ ଚିକିତ୍ସା ସଂସ୍ଥା ପକ୍ଷରୁ କରାଯିବ ବୋଲି ସୂଚନା ମିଳିଛି।

ଗୁଡାରୀ ବ୍ଲକ ସାନହୁମା ପଞ୍ଚାୟତ କୁରେଇଗୁଡା ଗ୍ରାମର ରଶ୍ମିତା ମାଣ୍ଡାଙ୍ଗି ଗତବର୍ଷ ପଦ୍ମପୁର ବ୍ଲକ ଗୁଡାଆବନ୍ଧ ଗ୍ରାମର ଇଲିକା ରଘୁଙ୍କୁ ବିବାହ କରିଥିଲେ। ବାହାଘରର କିଛି ମାସ ପରେ ରଶ୍ମିତାଙ୍କ ସ୍ୱଭାବରେ ପରିବର୍ତ୍ତନକୁ ହେବାକୁ ଲାଗିଥିଲା। ରଘୁ ରଶ୍ମିତାଙ୍କ ସ୍ୱଭାବରେ ପରିବର୍ତ୍ତନକୁ ଦେଖିବା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ନ ଦେଇ ଦାଦନ ଖଟିବାକୁ ବାହାରକୁ ଚାଲି ଯାଇଥିଲେ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଶାଶୁଘର ଲୋକେ ତାଙ୍କର ଚିକିତ୍ସା କରାଇ ପାରି ନ ଥିଲେ। ଇତିମଧ୍ୟରେ ରଶ୍ମିତା ମାନସିକ ସନ୍ତୁଳନ ହରାଇ ପଦ୍ମପୁର ଅଞ୍ଚଳରେ ବୁଲିବା ଆରମ୍ଭ କରିଥିଲେ। ରଶ୍ମିତାଙ୍କ ସମ୍ପର୍କରେ ସ୍ଥାନୀୟ ଅସହାୟ ସେବା ସଂଘର ଅକ୍ଷୟ କୁମାର ପଣ୍ଡା ଓ ଭରତ କୁମାର ମିଶ୍ର ଗୁଣପୁରର ତତ୍କାଳୀନ ଉପଜିଲାପାଳ ଅମ୍ରିତ ରୁତୁରାଜଙ୍କୁ ଜଣାଇଥିଲେ। ଏ ନେଇ ଗତ ୨୬ ତାରିଖରେ 'ଧରିତ୍ରୀ'ରେ ଏକ ଖବର ପ୍ରକାଶ ପାଇଥିଲା। ପରେ ସର୍ବଭାରତୀୟ ମାନବିକ ଅଧିକାର ମଞ୍ଚ (ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟସ୍ କାଉନ୍‌ସିଲ)ସମ୍ପାଦକ ଦେବାଶିଷ ମହାନ୍ତି ଆମ ପଦ୍ମପୁର ପ୍ରତିନିଧିଙ୍କୁ ଫୋନ୍ ଯୋଗେ ଜଣାଇଥିଲେ।



ରଶ୍ମିତାଙ୍କ ସହ ମିସ୍‌ନାରୀ ଅଫ୍ ଚାରିଟି ସଂସ୍ଥାର କର୍ମକର୍ତ୍ତା ଓ ଅନ୍ୟମାନେ।

### ଧରିତ୍ରୀ ପ୍ରଭାବ

ଆମ ପ୍ରତିନିଧି ଓ ସ୍ଥାନୀୟ ବସନ୍ତ ଦେବୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀ ଏହି ଘଟଣା ସମ୍ପର୍କରେ ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅସିମା ରାଓଙ୍କୁ ଜଣାଇଥିଲେ। ପରେ ରାଓ, ପଦ୍ମପୁର ବିଡ଼ିଓ ଅଗସ୍ତି ପ୍ରଧାନ ଓ ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନଙ୍କୁ ଅବଗତ କରାଇ ସମ୍ପୃକ୍ତ ମିଶିନାରୀ ଅଫ୍ ଚାରିଟି ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଖବରଦାତାମାନେ ଜିଲାପାଳ ଗୁହା ପୁନମ ତାପସ କୁମାର ଓ ଏସ୍‌ପି ରାହୁଲ ପି.ଆର., ସିଡିଏମ୍‌ଓ ଶିବ ପ୍ରସାଦ ପାଢ଼ୀ ଓ ପଦ୍ମପୁର ବ୍ଲକ ଅଧକ୍ଷ ରମାକାନ୍ତ ମାଝିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧରିତ୍ରୀର ଖବର ପ୍ରକାଶ ପରେ ସମ୍ବଲପୁରର ମିଶିନାରି ଅଫ୍ ଚାରିଟ୍ ସଂସ୍ଥା ରଶ୍ମିତାଙ୍କ ଚିକିତ୍ସା ଦାୟିତ୍ୱ ନେଇଛି ବୋଲି ଏହି ସମୟରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଅସିମା ରାଓ ସୂଚନା ଦେଇଥିଲେ। ଏଭଳି ସଂସ୍ଥାର ଆଗ୍ରହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସବୁଜ ସଙ୍କେତ ଦେବା ପରେ ଶନିବାର ବିଡ଼ିଓ ପ୍ରଧାନ, ପଦ୍ମପୁର ଥାନା ଏଏସ୍‌ଆଇ୍ ସ୍ନେହାଂଶୁ ଶେଖର ପାଢ଼ୀ, ବ୍ଲକ ଅଧକ୍ଷ ରମାକାନ୍ତ ମାଝି, ଶିକ୍ଷାବିତ୍ ଶତପଥୀଙ୍କ ଗହଣରେ କାଗଜପତ୍ର ପ୍ରସ୍ତୁତ କରାଯାଇଥିଲା। ପରେ ସମ୍ବଲପୁର ଆସିଥିବା କୁଲ୍‌ସ୍ଥାନିସ୍ଥିତ ମିଶିନାରି ଅଫ୍ ଚାରିଟି ସଂସ୍ଥାର ବିପିନ ବିହାରୀ ପଣ୍ଡା ଓ ଇଣ୍ଟର ନ୍ୟାଶନାଲ ହ୍ୟୁମାନ୍ ରାଇଟ୍‌ସର ସମ୍ପାଦକ ତଥା ଆଡଭୋକେଟ ଦେବାଶିଷ ମହାନ୍ତି ବ୍ଲକ କାର୍ଯ୍ୟାଳୟରୁ ରଶ୍ମିତାଙ୍କୁ ସମ୍ବଲପୁର ନେଇଥିଲେ। ବୁର୍ଲାସ୍ଥିତ ମାନସିକ ରୋଗ ଚିକିତ୍ସା କେନ୍ଦ୍ରରେ ରଶ୍ମିତାଙ୍କ ଚିକିତ୍ସା ସହ ରକ୍ଷଣାବେକ୍ଷଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି ।


# ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

ଗୁଣପୁର,୪।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଭିଭାବିକା ସରୋଜିନୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟ ପଙ୍କଜ ସାହୁ ସଂଯୋଜନା କରିଥିଲେ। ଆଚାର୍ଯ୍ୟ କିଶୋରଚନ୍ଦ୍ର ସାହୁ ଆମ୍ଭର ଲକ୍ଷ୍ୟ ପଠନ କରିଥିବାବେଳେ ପରିତ୍ରାଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟତମ ଅଭିଭାବିକା ପ୍ରତିଭା ରଥ ଆଜିର ସମାଜରେ ଶିଶୁଙ୍କ ନିମନ୍ତେ ମା'ଙ୍କର ତଥା ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହାକି ଶିଶୁର ଭବିଷ୍ୟତ ଗଠନ ସହାୟକ ହେବ ବୋଲି କହିଥିଲେ । ଶେଷରେ ମାତୃ ଭାରତୀ ଗଠନ କରାଯାଇଥିଲା । ସେଥିରେ କବିତା ଚୌଧୁରୀ ଅଧକ୍ଷା, ବନ୍ଦନା କୁମାରୀ ପଣ୍ଡା ଉପାଧକ୍ଷ ଏବଂ ମନ୍ତ୍ରୀ ଭାବେ ଚନ୍ଦ୍ରାବତୀ ଶବର ମନୋନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଲଳିତ ବୈଦ୍ୟଭୂଷଣ ଏବଂ ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ଯୋଗଦେଇ ତଦାରଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ପ୍ରାରମ୍ଭଠାରୁ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମା'ମାନେ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମାତୃ ମଣ୍ଡଳୀ।





ଯୋଗଗୁରୁ ରାମଦେବଙ୍କ ବିବାଦୀୟ ମନ୍ତବ୍ୟ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା। ରବିବାର ହରିଦ୍ୱାରରେ ଆୟୋଜିତ ଏକ ସଭାରେ ସେ କହିଛନ୍ତି ଯେ, ଦେଶର ଜନସଂଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାବେଳେ ବିବାହ ନ କରି କୁମାରୀ କିମ୍ବା କୁମାର ରହୁଥିବା ଲୋକଙ୍କୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଅପରପକ୍ଷରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ପାଇଁ ସେମାନଙ୍କର ଭୋଟଦାନ ଅଧିକାର ଛଡ଼ାଇ ନିଆଯାଉ। ରାମଦେବଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରୁ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।



## ସଂକ୍ଷେପରେ

### ବେକାରି ସମସ୍ୟାରେ ଆଜି ବିଜେଡି, ଭାଜପାର ପ୍ରତିବାଦ

- ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇବ ଭାଜପା
- କେନ୍ଦ୍ରୀୟ ପିଏସ୍‌ୟୁ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)-ବେକାରି ସମସ୍ୟାକୁ ଢାଲକରି ଉଭୟ ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ରଣହୁଙ୍କାର ଡାକରା ଦେଇଛନ୍ତି। ଉଭୟ ଦଳ ଯୁବପିଢ଼ିଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରଣନୀତି ଆପଣାଇଛନ୍ତି। ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇ ପ୍ରତିବାଦ କରିବାକୁ ଘୋଷଣା କରାଯାଇଛି। ସେହିପରି ବିଜୁ ଯୁବ ଜନତା ଦଳ ପକ୍ଷରୁ ମଧ ବେକାରି ସମସ୍ୟାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ୍ୟର ସମସ୍ତ କେନ୍ଦ୍ରୀୟ ପିଏସ୍‌ୟୁ ସମ୍ମୁଖରେ ୩ଦିନିଆ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ସୂଚନା ଦିଆଯାଇଛି।

### ରାଶନ କାର୍ଡ ବଣ୍ଟନ



ରାମନାଗୁଡା, ୪।୧୧ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ପାରିଖିଡ଼ି ଗ୍ରାମରେ ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ୍ ଯୋଜନାରେ ରାଶନ କାର୍ଡ ବଣ୍ଟନ କରାଯାଇଛି। ସମଗ୍ର ରାମନାଗୁଡା ବ୍ଲକର ୧୨ଟି ପଞ୍ଚାୟତ ମୋଟ ୭୨୧ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଯଦି କୌଣସି ହିତାଧିକାରୀ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବେ ଆଗାମୀ ଦିନରେ ତାଙ୍କର ସୁବିଧା କରାଯିବ ବୋଲି ବାଣିଜ୍ୟ ନିରୀକ୍ଷକ ରୀତା ବେହେରା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧକ୍ଷ ସୂର୍ଯ୍ୟ ରାଓ କୁମ୍ବିରିକା, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ନିର୍ବାହୀ ଅଧିକାରୀ ପ୍ରଧାନ ଶବର, ଜିଏଲ୍‌ଏସ୍ ଦିଲୀପ କୁମାର ପଣ୍ଡା, ଯୋଗାଣ ସହାୟକ ଶିବପ୍ରସାଦ ଧୋବା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାଏବ ସରପଞ୍ଚ ବୁଧ ମାଣ୍ଡାଙ୍ଗି ଧନ୍ୟବାଦ ଦେଇଥିଲେ।

# ସିଆରସିସିଙ୍କ ବ୍ୟବହାରରେ ଅତିଷ୍ଠ ଶିକ୍ଷକ

## ବହିଷ୍କାର ପାଇଁ ବିଇଓଙ୍କୁ ଅଭିଯୋଗପତ୍ର

ପଟ୍ଟାଙ୍ଗି,୪।୧୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନସ୍ଥ ପୁକାଲି କ୍ଲଷ୍ଟରରେ ଘଟିଛି ଅଭାବନୀୟ ଘଟଣା। ଏହାକୁ ନେଇ ଉକ୍ତ କ୍ଲଷ୍ଟରର ୧୮ଟି ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏକାଠି ହୋଇ ବ୍ଲକ ଶିକ୍ଷା ଅଧିକାରୀ ସୁରଞ୍ଜନ ବାଗଙ୍କୁ ସାକ୍ଷାତ କରି ସିଆରସିସି ଦୁର୍ଯ୍ୟୋଧନ ଦାଶଙ୍କ ବିରୋଧରେ ଅଭିଯୋଗ ପତ୍ର ଦେଇଛନ୍ତି। ତାଙ୍କୁ ପଦରୁ ବହିଷ୍କାର କରିବା ପାଇଁ ଦାବି ହୋଇଛି। ଏହାକୁ ଅଣଦେଖା କଲେ ସମସ୍ତେ ନିଜ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି କହିଛନ୍ତି।

ନିୟମ ଅନୁଯାୟୀ ଜଣେ ସିଆରସିସି ମାସକୁ ୧୫ ଦିନ ସମସ୍ତ ବିଦ୍ୟାଳୟକୁ ଗସ୍ତକରି ଶିକ୍ଷା ବ୍ୟବସ୍ଥା ତଦାରଖ କରିବା ସହ ଅବଶିଷ୍ଟ ୧୫ ଦିନ ନିଜ କାର୍ଯ୍ୟରତ ବିଦ୍ୟାଳୟରେ ପାଠ ପଢ଼ାଇବା କଥା। କିନ୍ତୁ ସିଆରସିସି ଦାଶ ଉକ୍ତ ନିୟମାବଳୀ ଉଲ୍ଲଂଘନ କରି ବ୍ୟକ୍ତିଗତ ଉଦ୍ଦେଶ୍ୟ ରଖି ଯେଉଁ ବିଦ୍ୟାଳୟରେ ଜଣେରୁ ଦୁଇ ଜଣ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି, ସେହି ବିଦ୍ୟାଳୟକୁ ଘନଘନ ଗସ୍ତ କରି ବିଭିନ୍ନ ଆଳରେ ଅସଭ୍ୟ ଇଙ୍ଗିତ କରୁଛନ୍ତି। ଯେଉଁ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସିପାରୁ ନାହାନ୍ତି, ସେମାନେ ଅର୍ଥ ଦେଲେ କାର୍ଯ୍ୟାନୁଷ୍ଠାନ ନେବିନାହିଁ। ଏହିପରି ସିଆରସିସି ସବୁବେଳେ ଧମକ ଚମକ ଦେଉଥିବା ବେଳେ ତାଙ୍କ ପ୍ରସ୍ତାବ ରେ ଅରାଜି ହେଲେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ଉଠିଛି। ଅନ୍ୟ ପକ୍ଷରେ ଏହିପରି ଅଭିଯୋଗ ନେଇ ସିଆରସିସି ଦାଶ ନିଜ ପଦରୁ ଇସ୍ତଫା ପାଇଁ ଏକ ଲିଖିତ ଦରଖାସ୍ତ ବ୍ଲକ ଶିକ୍ଷା ଅଧିକାରୀ ବାଗଙ୍କ ଜରିଆରେ ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକଙ୍କ ଉଦ୍ଦେଶ୍ୟରେ ଗତ ୨୯ ତାରିଖରୁ ପଠାଇଛନ୍ତି। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ବଡ଼ବାବୁ ନାହାନ୍ତି ଆଳ ଦେଖାଇ ଉକ୍ତ ଇସ୍ତଫା ପତ୍ରକୁ ଜିଲାସ୍ତରକୁ ପଠାଯାଇ ନାହିଁ। ପରେ ସିଆରସିସିଙ୍କ ଇସ୍ତଫା ପତ୍ରକୁ ତରବରିଆ ଭାବେ ବ୍ଲକ ଶିକ୍ଷା ଅଧିକାରୀ ବାଗ ୦୨/୧୧/୨୦୧୮ରେ ଚିଠି ନଂ ୧୯୮୭ ଅନୁଯାୟୀ ଡିପିସିଙ୍କୁ ପଠେଇଥିବା ଜଣାପଡ଼ିଛି। ସିଆରସିସି ଦାଶଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ମୋ ନାଁରେ ଉଠିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ମୋର କାର୍ଯ୍ୟଧାରାରେ ଅସନ୍ତୁଷ୍ଟ ହୋଇ ଶିକ୍ଷୟିତ୍ରୀ ଶିକ୍ଷକ ଏହିପରି ଅଭିଯୋଗ ଆଣିଛନ୍ତି। ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ମହେଶ୍ୱର ନାୟକ କହିଛନ୍ତି, ସିଆରସିସି ଦାଶଙ୍କ ବିରୋଧରେ ଉଠିଥିବା ଅଭିଯୋଗ ପତ୍ର ଏବଂ ସିଆରସିସିଙ୍କ ଇସ୍ତଫା ପତ୍ର ଦୁଇଟି ଯାକ ହସ୍ତଗତ ହୋଇଛି। କିନ୍ତୁ ଏହା ଉପରେ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଏହାର ସତ୍ୟାସତ୍ୟ ରିପୋର୍ଟ ଆସିବା ପରେ ସିଆରସିସି ଦାଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯିବ।

## ବାଘମୃତ୍ୟୁ ପୂର୍ବରୁ ଡିଏଫଓଙ୍କ ବଦଳି

ବରଗଡ଼ ଅଫିସ୍,୪।୧୧

ବରଗଡ଼ ବାଘମୃତ୍ୟୁ ଘଟଣାକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି । ମୃତ ବାଘର ପ୍ରଜାତିକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏବେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ସୁଦୀପ କୁମାର ନାଏକଙ୍କ ବଦଳି ସାଧାରଣରେ ଆଲୋଚନାର ବିଷୟ ହୋଇଛି । ତେବେ ଡିଏଫଓ ନାୟକଙ୍କ ବଦଳି ଆଦେଶ ବାଘମୃତ୍ୟୁ ଘଟଣାର ବହୁପୂର୍ବରୁ ହୋଇ ସାରିଥିବା ଜଣାପଡ଼ିଛି । ଫଳରେ ବାଘମୃତ୍ୟୁ ଘଟଣା ସହିତ ତାଙ୍କ ବଦଳି ଆଦେଶର କୌଣସି ସମ୍ପର୍କ ନ ଥିବା ସ୍ପଷ୍ଟ ହୋଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗତ ଅକ୍ଟୋବର ୧୧ତାରିଖରୁ ପ୍ରକାଶିତ ନୋଟିଫିକେଶନ ଅର୍ଥାତ ପତ୍ରସଂଖ୍ୟା-୨୨୦୪୩ ତା-୧୧।୧୦।୨୦୧୮କ୍ରମେ ତାଙ୍କୁ ଖୋର୍ଦ୍ଧା ବନଖଣ୍ଡ ଡିଏଫଓ ଭାବେ ବଦଳି କରାଯାଇଥିବା ଏହି ପତ୍ରରେ ଉଲ୍ଲେଖ ରହିଛି । ଅନ୍ୟପଟେ ଡିଏଫଓ ନାଏକ ଏବେ ମଧ୍ୟ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓଭାବେ କାର୍ଯ୍ୟରତ ରହିଥିବା ସୂଚନା ମିଳିଛି ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁ ଉପରେ ଆରେ ହୁର**
**ପଛ ହୋଇଗଲେ ଦୂର୍ ଦୂର୍ ।**

ମୁହଁ ଉପରେ ଅନେକେ ଭଲେଇ ହୋଇ କଥା କହିଥାନ୍ତି। ଆପଣାର ଭାବ ଦେଖେଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ଏପରି କି ନେଇ ଆଣି ଥୋଇ ପାରିବାର ମିଛ ଆଶ୍ୱାସନା ଦେଇଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହାକାଳ ଫଳ ବଡ଼ ସୁନ୍ଦର**
**ଭିତର ଦେଖିଲେ ପୋଡ଼ା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର । ବାହ୍ୟସ୍ୱରୂପ ଦେଖି ଭିତରର ପ୍ରକୃତି ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ବ୍ୟକ୍ତିର ଆକୃତିରୁ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତାହା ଠଉରେଇବା ମଧ କାଠିକର ପାଠ ହୋଇଯାଇଥାଏ। ବାହାରେ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ତଥା ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବା ଦେଖିବାକୁ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ୨୧ ବର୍ଷ ପରେ ବଦଳିଲା ଏମ୍‌ବିବିଏସ୍ ସିଲାବସ୍

# କ୍ଲାସ୍‌ରୁମ୍‌ରେ ଦିଆଯିବ ନୈତିକ ଶିକ୍ଷା

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

୨୧ ବର୍ଷ ପରେ ବଦଳିଲା ଏମ୍‌ବିବିଏସ୍ ପାଠ୍ୟକ୍ରମର ସିଲାବସ୍। ଗତ ଶୁକ୍ରବାର ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ (ଏମ୍‌ସିଆଇ)ର ବୋର୍ଡ ଅଫ୍ ଗଭର୍ନିଂ(ବିଓଜି) ଅଧ୍ୟକ୍ଷ ଡା. ଭି.କେ. ପାଉଲ ଏ ସଂକ୍ରାନ୍ତୀୟ ଦସ୍ତାବିଜ ଉପରେ ଅନୁମୋଦନ କରିଛନ୍ତି। ପ୍ରଥମ ବର୍ଷରୁ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମରେ ନୈତିକ, ମନୋଭାବ ଏବଂ ଯୋଗାଯୋଗ ଉପରେ ଶିକ୍ଷା ଦିଆଯିବ। ଏହା ଦ୍ୱାରା ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ ବୋଲି ଡା. ପାଉଲ କହିଛନ୍ତି।

ସିଲାବସ୍‌ରେ ପରିବର୍ତ୍ତନ ଦ୍ୱାରା କେବଳ ଯେ ଭଲ ଡାକ୍ତର ବାହାରିପାରିବେ ତା' ନୁହେଁ, ରୋଗୀସେବା କ୍ଷେତ୍ରରେ ଉତ୍ତମ ଯୋଗାଯୋଗକାରୀ ବ୍ୟକ୍ତି ଭାବେ ମଧ ପରିଗଣିତ ହେବେ। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ଭଲ ଡାକ୍ତର ହୋଇପାରୁଛନ୍ତି। ଅନେକ କ୍ଷେତ୍ରରେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନରେ ଅଭାବ ରହିଯାଉଛି। ସେଥିପାଇଁ ୧୯୯୭ ମସିହାରୁ ପ୍ରଚଳିତ ହୋଇଆସୁଥିବା ଏମ୍‌ବିବିଏସ୍ ସିଲାବସ୍‌କୁ କେନ୍ଦ୍ର ସରକାର ପରିବର୍ତ୍ତନ କରିଛନ୍ତି। ଅଧ୍ୟକ୍ଷ ଡା. ପାଉଲ କୁହନ୍ତି, ଏମ୍‌ବିବିଏସ୍ ପାଠ୍ୟକ୍ରମରେ ପ୍ରଥମ ବର୍ଷରୁ ଛାତ୍ରୀଛାତ୍ରଙ୍କୁ କ୍ଲାସ୍‌ରୁମରେ ନୈତିକ, ମନୋଭାବ ଏବଂ ଯୋଗାଯୋଗ ଉପରେ ଶିକ୍ଷା ଦିଆଯିବ। ସେହିପରି ନିଯୁକ୍ତି ପରେ ହସ୍ପିଟାଲରେ ଡାକ୍ତର କିପରି ରୋଗୀଙ୍କୁ ଭଲ ବ୍ୟବହାର ଦେଖାଇ ଚିକିତ୍ସା କରିବେ, ତାହା ଉପରେ ପ୍ରଶିକ୍ଷଣ ଦିଆଯିବ। ରୋଗୀସେବାକୁ ନେଇ ହସ୍ପିଟାଲରେ ବିଶୃଙ୍ଖଳା ସୃଷ୍ଟି ହେଲେ ଡାକ୍ତର କିପରି ସମ୍ମୁଖୀନ ହେବେ, ତାହା ଉପରେ ମଧ ପ୍ରଶିକ୍ଷଣ ଦିଆଯିବ। ଯେତେ ବିପଦପୂର୍ଣ୍ଣ ପରିସ୍ଥିତି ଆସିଲେ ମଧ ତାହାକୁ ସହଜରେ ସାମ୍ନା କରିବାର ଦକ୍ଷତା ଛାତ୍ରୀଛାତ୍ରଙ୍କୁ ଦିଆଯିବ ବୋଲି ଡା. ପାଉଲ କହିଛନ୍ତି।

ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷରୁ କ୍ଲିନିକାଲ ଉପରେ ଶିକ୍ଷା ଦିଆଯିବ। ଆଉ ଅଧିକ ଗୋଟିଏ ମାସ ଫଣ୍ଡାମେଣ୍ଟାଲ୍ କୋର୍ସ ଉପରେ ଶିକ୍ଷା ଦିଆଯିବ। ଫଳରେ ଛାତ୍ରୀଛାତ୍ରଙ୍କ ଉପରେ ପ୍ରଥମରୁ ପାଠର ବୋଝ ପଡ଼ିବ ନାହିଁ। ଅନେକ ସମୟରେ କେତେକ ଛାତ୍ରୀଛାତ୍ର ପାଠକୁ କଷ୍ଟସାଧ ଭାବି ଆତ୍ମହତ୍ୟା ଭଳି ଘୃଣ୍ୟ କାମ କରୁଥିଲେ। ଫଣ୍ଡାମେଣ୍ଟାଲ ଉପରେ ଅଧିକ ଦିନ ଶିକ୍ଷା ଦିଆଯିବା ଦ୍ୱାରା ପୂର୍ବ ପାଠର ପୁନରାବୃତ୍ତି କରିପାରିବେ। ଛାତ୍ରୀଛାତ୍ର ଇଲେକ୍ଟିଭ୍ ବିଷୟ ନେବା ସହିତ ପ୍ରଥମ ବର୍ଷରୁ ପ୍ରାକ୍ଟିକାଲ କରିବେ ବୋଲି ସେ କହିଛନ୍ତି।

## ୮ ବାଣ କାରଖାନାରେ ଚଢ଼ାଉ, ୫ ଗିରଫ

କଟକ ଅଫିସ୍, ୪।୧୧:

ଦୀପାବଳିକୁ ଆଉ ୩ ଦିନ ବାକି ଥିବାବେଳେ ରବିବାର ଜଗତପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର, ମହାରାଜନଗର ଅଞ୍ଚଳର ୮ଟି ବେଆଇନ ବାଣ କାରଖାନା ଉପରେ ଚଢାଉ କରିଛି କମିଶନରେଟ ପୋଲିସର ସ୍ପେଶାଲ ଟିମ୍। ବାରୁଦକୁ ମିଶାଇ ୧୨ କୁଇଣ୍ଟାଲ ୭୦ କେଜି ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ଉକ୍ତ କାରଖାନାରୁ ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୪ ଜଣଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତପୁର ଥାନା ଅନ୍ତର୍ଗତ ହାତିକଣ ଅଞ୍ଚଳର କିଶୋର ସାହୁ ଓରଫ୍ ମକରା(୨୧), ତ୍ରିଲୋଚନପୁର ଅଞ୍ଚଳର ଗିଲି ନାୟକ(୩୫), ଲକ୍ଷ୍ମୀଧର ବିଶ୍ୱାଳ ଓରଫ କାବୁଲି(୪୨), ରବି ନାରାୟଣ ସ୍ୱାଇଁ(୨୩), ମହାଜନପୁର ଅଞ୍ଚଳର ରଘୁନାଥ ଭୋଇ(୨୫)। ଏନେଇ ଆଇପିସି ଦଫା ୨୮୬, ୩୪ ଏବଂ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟ ୪, ୫ ଅନୁଯାୟୀ ୮ଟି ମାମଲା ରୁଜୁ କରାଯାଇଛି। ବେଆଇନ ଭାବେ ଚାଲିଥିବା ଏହି କାରବାରରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବା କୁହାଯାଉଛି।

# ଶହୀଦ ଯବାନ, ଫଟୋ ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି

ଟିକିରି,୪।୧୧ (ଡି.ଏନ୍.ଏ.)



ଶହୀଦଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ରାୟଗଡ଼ା ଜିଲା କାଶିପୁର ବ୍ଲକସ୍ଥିତ ଟିକିରି ପଞ୍ଚାୟତ ସଦରସ୍ଥିତ ପ୍ରେସ୍ ୟୁନିୟନ କାଶିପୁର ତରଫରୁ ଶହୀଦ ଯବାନ ଓ ଦୂରଦର୍ଶନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଟିକିରି ଜଗନ୍ନାଥ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିସହିତ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରେସ୍ ୟୁନିୟନ ସଭାପତି ରାଜେଶ ପାତ୍ର, ଉପସଭାପତି ମହେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ଡମ୍ବରୁଧର ବେହେରା, ସହ ସମ୍ପାଦକ ଅମୀୟ ଦାସ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ବେହେରା, ମଧୁସୂଦନ ନାୟକ, ଆର.କେ. ନାଏକଙ୍କ ସହିତ ବଣିକ ସଂଘ ସଭାପତି ମୁନା ବେହେରା, ସମାଜସେବୀ ଗୌରାଙ୍ଗଚରଣ ସାହୁ, , ଅମିତ କୁମାର ନାୟକ, ଏସ୍‌ଆଇ ସୁଦର୍ଶନ ଅଧିକାରୀ, ମଧୁସୂଦନ ପୂଜାରୀ, କିଶୋର ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ମିସ୍ତ୍ରୀ ଉପସ୍ଥିତ ରହି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଅଚ୍ୟୁତାନନ୍ଦଙ୍କ ମୃତ୍ୟୁକୁ ସପ୍ତାହେ ପୂରିଲା

# ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଲାନି ସହାୟତା

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଛତିଶଗଡ଼ ନିର୍ବାଚନୀ ପରିସ୍ଥିତିର ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀ ଗୁଳିର ଶିକାର ହୋଇଥିବା ଓଡ଼ିଆ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁକୁ ୬ ଦିନ ବିତିଗଲାଣି। ମୃତ ଅଚ୍ୟୁତାନନ୍ଦ ପରିବାରକୁ ସମବେଦନା ଜଣାଇବାକୁ ରାଜନେତା ଏବଂ ଅନ୍ୟାନ୍ୟ ବର୍ଗର ଲୋକଙ୍କ ସୁଅ ଛୁଟୁଛି। କେନ୍ଦ୍ର ସରକାର ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ପରେ ତାଙ୍କୁ ଛତିଶଗଡ ସରକାର ଶହୀଦ ଘୋଷଣା କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ମାତ୍ର, ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ସହାୟତା ରାଶିର ଘୋଷଣା ହୋଇନାହିଁ।

ସାମାନ୍ୟ ଦୁର୍ଘଟଣାରେ ମୃତାହତ ହେଉଥିବା ବ୍ୟକ୍ତିବିଶେଷଙ୍କୁ ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରୁଥିବାର ନଜିର ରହିଛି। ହେଲେ ଜଣେ କାର୍ଯ୍ୟରତ ଫଟୋ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷରୁ ସହାୟତା ରାଶି ଘୋଷଣା କରା ନ ଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ ବିଭିନ୍ନ ମହଲରୁ ପ୍ରଶ୍ନ ଉଠାଯାଇଛି। ଅପରପକ୍ଷରେ ନିଜର ଯୁବ ଏବଂ ରୋଜଗାରିଆ ପୁଅକୁ ହରାଇଥିବା ଅଚ୍ୟୁତାନନ୍ଦଙ୍କ ବୁଢା ମା' ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ମୃତ୍ୟୁର କିଛିଦିନ ପୂର୍ବରୁ ଅଚ୍ୟୁତାନନ୍ଦ ନିଜ ହୃଦରୋଗ ଏବଂ କିଡନୀ ବ୍ୟାଧିରେ ପୀଡିତା ମା'ଙ୍କୁ ଦିଲ୍ଲୀ ନେଇ ଚିକିତ୍ସା କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅକାଳରେ ପୁତ୍ର ବିୟୋଗ ସେଥିରେ ଅନ୍ତରାୟ ସାଜିଲା। ରାଜ୍ୟ ପ୍ରଶାସନ ପକ୍ଷରୁ ସହାୟତା ସମ୍ପର୍କରେ ପଚାରିବାରୁ ତାଙ୍କ ମା ତୁଳସୀ ସାହୁ କହିଛନ୍ତି ଯେ, ଓଡ଼ିଶା ସରକାର ଏଯାବତ୍ କୌଣସି ସହାୟତାର ହାତ ବଢାଇ ନାହାନ୍ତି। ପୁଅର ମୃତ୍ୟୁ ପରେ ଆମେ ସର୍ବସ୍ୱାନ୍ତ ହୋଇଯାଇଛୁ। ପୁଅ ଦେଶ କାମରେ ନିଯୁକ୍ତି ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ସହାୟତା କରି ନ ଥିବା ତୁଳସୀ କହିଛନ୍ତି। ସେହିପରି ସ୍ଥାନୀୟ ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମୃତ ଅଚ୍ୟୁତାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ତରଫରୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଭେଷଜ ମହାବିଦ୍ୟାଳୟ, ସଂଯୁକ୍ତ ହସପିଟାଲର ନିର୍ମାଣ କାର୍ଯ୍ୟ ବିଳମ୍ବ

## ଅସନ୍ତୋଷ ଜଣାଇଲା କେନ୍ଦୁଝର ବିକାଶ ପରିଷଦ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ସଂଯୁକ୍ତ ହସ୍‌ପିଟାଲର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଏନେଇ ଭୁବନେଶ୍ୱରସ୍ଥିତ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିପାଇଁ ଜିଲାର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଉଦାସୀନତାକୁ ପରିଷଦ ପକ୍ଷରୁ ଦାୟୀ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ନିର୍ମାଣ କରାଯାଇଥିବା ଭେଷଜ ମହାବିଦ୍ୟାଳୟ ପାଇଁ ସରକାର ଅର୍ଥ ଯୋଗାଇ ଦେଇଥିବାବେଳେ କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ତା'ର ସଂଯୁକ୍ତ ହସ୍‌ପିଟାଲ ଲାଗି ସରକାର ଟଙ୍କାଟିଏ ମଧ ଦେଉ ନାହାନ୍ତି। ଉପରୋକ୍ତ ନିର୍ମାଣ ଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ଯୋଗାଇ ଦିଆଯାଉଛି। ସରକାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନକରି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାର ବିଧାୟକ, ଏମ୍‌ପି, ମନ୍ତ୍ରୀଙ୍କ ଉଦାସୀନତା ନିର୍ମାଣ କାର୍ଯ୍ୟ ବିଳମ୍ବର ମୂଳ କାରଣ ବୋଲି ପରିଷଦ ପକ୍ଷରୁ ଦୋଷାରୋପ କରାଯାଇଛି। ଉଭୟ ହସ୍‌ପିଟାଲ ଓ ମହାବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ ପରିଷଦ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଶିକ୍ଷା ବର୍ଷରେ ଯେମିତି କଲେଜରେ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ ସେନେଇ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପରିଷଦ ଦାବି କରିଛି।

ପ୍ରସ୍ତାବିତ ମହାବିଦ୍ୟାଳୟକୁ କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ରାଜା ଜ୍ୟୋତି ଭଞ୍ଜଦେଓ ନାମରେ ନାମିତ କରିବାକୁ ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଦୀର୍ଘଦିନରୁ ପଡ଼ି ରହିଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ, ପ୍ରେକ୍ଷାଳୟ ଓ ପ୍ଲାନେଟୋରିୟମର ନିର୍ମାଣ ତୁରନ୍ତ କରିବାକୁ ଦାବି କରାଯାଇଛି।

■ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତ ସ୍ୱାମୀ ଗିରଫ

ନାକଟିଦେଉଳ, ୪।୧୧(ଡି.ଏନ.ଏ.)



ଅଭିଯୁକ୍ତ ଚଗଲା ସେଠୀ

- ହାତପାପୁଲି କାଟି ବଳି ଦେଇଥିଲେ
- ଚିତ୍କାର କରିବାରୁ ସ୍ତ୍ରୀଙ୍କ ତଣ୍ଟି ଚିପି ଦେଇଥିଲେ
- ପ୍ରମାଣ ନଷ୍ଟ ପାଇଁ ଜଙ୍ଗଲରେ ପକାଇ ଦେଇଥିଲେ

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମ ପଞ୍ଚାୟତ ହିତସରା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କ ହାତପାପୁଲି କାଟି ବଳି ଦେବା ଓ ପରେ ତାଙ୍କୁ ହତ୍ୟା କରିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଗତ ୨୯ତାରିଖରେ ଘଟିଥିଲେ ମଧ୍ୟ ଶନିବାର ଲୋକଲୋଚନକୁ ଆସିଛି। ରବିବାର ପୋଲିସ ମହିଳାଙ୍କ ଗଳିତ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ପୋଲିସ ରବିବାର ସକାଳେ ଅଭିଯୁକ୍ତଙ୍କୁ ଜଙ୍ଗଲକୁ ନେଇ ବଳି ପକାଇଥିବାସ୍ଥଳ ଦେଖିବା ସହ ମହିଳାଙ୍କ କଟାଯାଇଥିବା ହାତପାପୁଲି ଖୋଜାଖୋଜି କରିଥିଲା। ହେଲେ ହାତପାପୁଲି ମିଳି ନ ଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀ ଚଗଲା ସେଠୀ(୪୪)ଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ଦିନତମାମ ତାଙ୍କୁ ପଚରାଉଚରା କରିଥିଲା। ତନ୍ତ୍ର ସାଧନା ପାଇଁ ସ୍ତ୍ରୀ ସୁଲୋଚନାଙ୍କୁ ବଳି ଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ବିନୋଦ ଲାକ୍ରା କହିଛନ୍ତି।

ଚଗଲା ଗ୍ରାମବାସୀଙ୍କର ଗୋରୁ ଚରାଉଥିଲେ। ମଝିରେ ମଝିରେ ସେ ତନ୍ତ୍ର ସାଧନା କରି ଆସୁଥିଲେ। ତେବେ ତାଙ୍କୁ ପୁତ୍ର କିମ୍ବା କନ୍ୟା ସନ୍ତାନର ରକ୍ତ ବଳି ଦେବାକୁ କୁଆଡ଼େ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ଚଗଲା ସ୍ତ୍ରୀଙ୍କୁ ଏ ବାବଦରେ କହିବାରୁ ସ୍ତ୍ରୀ ସୁଲୋଚନା (୪୦) ମୋର ରକ୍ତ ନେଇଯାଅ ପଛେ ପିଲାଙ୍କର କିଛି କ୍ଷତି କରନାହିଁ ବୋଲି କହିଥିଲେ। ଏହା ପରେ ଗତ ୨୯ତାରିଖରେ ଉଭୟ ସ୍ତ୍ରୀସ୍ୱାମୀ ନିକଟସ୍ଥ ରତାଖଣ୍ଡି ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଚଗଲା ଜଙ୍ଗଲରେ ପୂଜାପାଠ ମଧ କରିଥିଲେ। ସ୍ତ୍ରୀଙ୍କ ବାମହାତର ପାପୁଲିକୁ ଟାଙ୍ଗିଆରେ କାଟି ଆରାଧ ଦେବୀ କାଳୀଙ୍କ ନିକଟରେ ବଳି ଦେଇଥିଲେ। ହାତ କଟିଯିବା ପରେ ସୁଲୋଚନା ଚିତ୍କାର କରିବାରୁ ଚଗଲା ତାଙ୍କ ତଣ୍ଟି ଚିପି ହତ୍ୟା କରି ଜଙ୍ଗଲରେ ଫୋପାଡି ଦେଇଥିଲେ। ଏହା ପରେ ଚଗଲା ଗ୍ରାମକୁ ଆସି ସ୍ତ୍ରୀ ନିଖୋଜ ଥିବା ନେଇ ଖବର ପ୍ରଚାର କରିଥିଲେ। ତେବେ ହତ୍ୟାକାଣ୍ଡର ପରଦିନ ଅର୍ଥାତ ୩୦ତାରିଖରେ ମୃତାଙ୍କ ଭାଇ ଭଉଣୀ ନିଖୋଜ ଥିବା ନେଇ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଅର୍ଥାତ୍ ୨ ତାରିଖ ସନ୍ଧ୍ୟାରେ ଗ୍ରାମର କେତେକ ବ୍ୟକ୍ତି ରତାଖଣ୍ଡି ଜଙ୍ଗଲରେ ସୁଲୋଚନାଙ୍କ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଶନିବାର ସକାଳେ ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଲାକ୍ରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଥିଲେ। ତେବେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନ ଆଣିବା ଯାଏ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡିବେ ନାହିଁ ବୋଲି ଗ୍ରାମର ମହିଳାମାନେ ପୋଲିସକୁ ବିରୋଧ କରିଥିଲେ। ତେବେ ଉଚ୍ଚ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ୩ ତାରିଖ ଶନିବାର ସନ୍ଧ୍ୟାରେ ଲୋକେ ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ। ତେବେ ସବିଶେଷ ଖବର ଅନୁସାରେ ଅଧିକ ପଚିଶଡି ଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ସୋମବାର ଏ ନେଇ ନାକଟିଦେଉଳ ଥାନାରେ ଏକ ମାମଲା(ନଂ.୧୦୦/୧୮)ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଲାକ୍ରା କହିଛନ୍ତି।

## ବୁଧବାରଠାରୁ ପୁଣି ଆରମ୍ଭ ହେବ ଉଡାନ୍ ସେବା

ଝାରସୁଗୁଡ଼ା ଅଫିସ,୪।୧୧

ଏକ ମାସ ବନ୍ଦ ରହିବା ପରେ ନଭେମ୍ବର ୭ ତାରିଖ ବୁଧବାରଠାରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ପୁଣିଥରେ ଆରମ୍ଭ ହେବ ଉଡାନ୍ ସେବା। ଏନେଇ ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୁଧବାରଠାରୁ ବିମାନ ସେବା ଆରମ୍ଭ କରିବାକୁ ଏୟାର ଓଡ଼ିଶା ଲିଖିତ ଭାବେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନବନ୍ଦର ଉଦ୍‌ଘାଟନ କରିଥିଲେ। ଏହାପରେ ଆରମ୍ଭ ହୋଇଥିବା ଉଡାନ୍ ସେବା ଅକ୍ଟୋବର ୬ ତାରିଖରୁ ବନ୍ଦ ହୋଇଯାଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିମାନ ସେବା ବନ୍ଦ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ ଚିଠି ଲେଖିଥିଲେ। ଶେଷରେ ନଭେମ୍ବର ୭ରୁ ଉଡାନ୍ ଆରମ୍ଭ ହେବା ନେଇ ବିମାନବନ୍ଦରକୁ ସୂଚନା ପ୍ରଦାନ କରାଯାଇଛି।

# ବିବାହ କରିପାରିଲେ ନାହିଁ, ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ

ନୂଆପଡ଼ା ଅଫିସ, ୪।୧୧

ପରସ୍ପର ବୈଦିକ ରୀତିରେ ବିବାହ କରିବାକୁ ଚାହୁଁଥିଲେ। ହେଲେ ଉଭୟଙ୍କ ପରିବାର ଏଥିରେ କୁଆଡେ ରାଜି ନ ଥିଲେ। ବିବାହ କରି ନ ପାରିବା ଦୁଃଖରେ ଶେଷରେ ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ। ରବିବାର ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ପାୱାରତଲା ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ପାୱାରତଲା ଗାଁର ଶିବ ମାଝି (୨୪)ନାମକ ଜନୈକ ଯୁବକଙ୍କର ସେହି ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ବିବାହ କରିବାକୁ ଚାହୁଁଥିଲେ। ହେଲେ ଦୁଇ ପରିବାର କୌଣସି କାରଣରୁ ଏଥିରେ କୁଆଡେ ରାଜି ନ ଥିଲେ। ଶନିବାର ରାତିରେ ଦୁହେଁ ଘରେ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ରବିବାର ସକାଳେ ଗାଁ ନିକଟସ୍ଥ ଚାଷ ଜମିରେ ଥିବା ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟ ଜବତ କରିଥିଲା। ଅପରାହ୍ନରେ ଜିଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରମବନ୍ଧା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୮) ରୁଜୁ ହୋଇଛି।



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଆନାକୋଣ୍ଡା। ସେ ଆର୍‌ବିଆଇ ଏବଂ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଗିଳିଦେଲେଣି।

-ୟାନାମାଲା ରାମାକ୍ରିଷ୍ଣୁଡୁ, ଆନ୍ଧ୍ରପ୍ରଦେଶ ଅର୍ଥମନ୍ତ୍ରୀ

## ସଂକ୍ଷେପରେ

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୪।୧୧(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଖୁଦ୍‌ପୋରାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଶନିବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନ ଚଳାଇଥିଲେ। ହିଜ୍‌ବୁଲ ମୁଜାହିଦିନ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିବା ପରେ ସୁରକ୍ଷା ବଳ ପାଲଟା ଜବାବ ଦେଇଥିଲା। ଯବାନଙ୍କ ଗୁଳିମାଡ଼ରେ ମହମ୍ମଦ ଇର୍ଫାନ ଭଟ ଓ ଶାହିଦ୍ ମୀର ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ କେତେକ ଆପତ୍ତିଜନକ କାଗଜପତ୍ର ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ଆଇଏସ୍‌ଆଇକୁ ତଥ୍ୟ ଦେଇ ବିଏସ୍‌ଏଫ୍ ଯବାନ ଗିରଫ

**ଅମୃତସର,୪।୧୧:** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ଜଣେ ବିଏସ୍‌ଏଫ୍ ଯବାନ ଗିରଫ ହୋଇଛନ୍ତି। ଶେଖ୍ ରିଆଜୁଦ୍ଦିନ ନାମକ ଯବାନ ଜଣକ ନିଜ ସନ୍ଦିଗ୍ଧ ଗତିବିଧିକୁ ନେଇ କିଛି ମାସ ହେଲା ବିଏସ୍‌ଏଫ୍ ଗୋଇନ୍ଦା ଶାଖାର ସ୍କାନରରେ ଥିଲେ। ପଞ୍ଜାବର ଫିରୋଜ୍‌ପୁର ସେକ୍ଟରସ୍ଥିତ ୨୯ତମ ବାଟାଲିୟନ୍‌ରେ ସେ କାର୍ଯ୍ୟରତ ଥିବାବେଳେ ରବିବାର ତାଙ୍କୁ ଗିରଫ କରାଯାଇଛି। ରିଆଜୁଦ୍ଦିନ ମହାରାଷ୍ଟ୍ରର ଲାତୁର ଜିଲା ରେନପୁରା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଅଧିକ ପଚରାଉଚରା ପାଇଁ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଛି।

### ଦୁର୍ଘଟଣା ନେଲା ୧୨ ଜୀବନ

**ସୋନେପତ୍,୪।୧୧:** ହରିୟାଣାର ସୋନେପତ୍ ଜିଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋହାନା-ପାନିପତ ରାଜପଥରେ ସନ୍ଧ୍ୟା ୬ଟାରେ ଏକ ଟ୍ରକ୍ ଗୋଟିଏ ଲେଖାଏ କାର୍ ଓ ଜିପ୍‌କୁ ଧକ୍କା ଦେବା ଫଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଖାନ୍‌ପୁରସ୍ଥିତ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## କେନ୍ଦ୍ରକୁ ସନ୍ଥ ସମିତିର ନିର୍ଦ୍ଦେଶ

# ରାମମନ୍ଦିର ପାଇଁ ଅଧ୍ୟାଦେଶ ଆଣ

**ନୂଆଦିଲ୍ଲୀ,୪।୧୧**



ପୁଣିଥରେ ହିନ୍ଦୁତ୍ୱ ରାଜନୀତିର ପ୍ରୟୋଗଶାଳା ପାଲଟିବାକୁ ଯାଉଛି ଉତ୍ତରପ୍ରଦେଶର ଫୈଜାବାଦ ଜିଲାସ୍ଥିତ ଅଯୋଧ୍ୟା। ୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୬ ମାସ ଥିବାବେଳେ ରାମମନ୍ଦିର ନିର୍ମାଣ ଦାବି ଜୋର୍ ଧରିଛି। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ କେନ୍ଦ୍ର ସରକାର ଖୋଲାଖୋଲି ଭାବେ ମନ୍ଦିର ନିର୍ମାଣ ସପକ୍ଷରେ ଓକିଲାତି କରିପାରୁନାହାନ୍ତି। ହେଲେ ଆର୍‌ଏସ୍‌ଏସ୍ ଏବଂ ଭାଜପା ନେତାମାନେ ମନ୍ଦିର ନିର୍ମାଣ ପାଇଁ ଜନମତ ସୃଷ୍ଟି କରିବାରେ ଲାଗିଛନ୍ତି। ସେହିପରି ହିନ୍ଦୁତ୍ୱ ଭୋଟବ୍ୟାଙ୍କର ଲଗାମ ଧରିଥିବା ସାଧୁସନ୍ଥମାନେ ରବିବାର ଏନେଇ କେନ୍ଦ୍ର ଉପରେ ଏନେଇ ଚାପ ପକାଇଛନ୍ତି। ଆଇନ ପ୍ରଣୟନ କରି ଅଥବା ଅଧ୍ୟାଦେଶ ଆଣି ରାମମନ୍ଦିର ନିର୍ମାଣ କରିବାକୁ ସେମାନେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସକାଶେ ଅଧ୍ୟାଦେଶ ଆଣିବାକୁ ଅଖିଳ ଭାରତୀୟ ସନ୍ଥ ସମିତି ରବିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ସରକାର ତୁରନ୍ତ ଏନେଇ ଆଇନ ପ୍ରଣୟନ କରନ୍ତୁ ନଚେତ ଅଧ୍ୟାଦେଶ ଜରିଆରେ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରନ୍ତୁ ବୋଲି ସାଧୁସନ୍ଥମାନେ ଚରମବାଣୀ ଶୁଣାଇଛନ୍ତି। ଏହାବାଦ୍ ଗୋସୁରକ୍ଷା ଓ ଗଙ୍ଗା ସଫେଇ ପାଇଁ ମଧ୍ୟ ନୂଆ ଆଇନ ଅଣାଯିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ସନ୍ଥମାନଙ୍କ ଏହି ବୃହତ୍ ସମିତିର ଦୁଇଦିନିଆ ସମ୍ମିଳନୀରେ ସାରାଦେଶର ୩୦୦୦ରୁ ଊର୍ଦ୍ଧ୍ୱ ସାଧୁଙ୍କ ସମାଗମ ହୋଇଥିଲା। ସଙ୍ଗଠନର ଉଦ୍ୟୋକ୍ତା ରାମାନନ୍ଦ ହଂସଦେବାଚାର୍ଯ୍ୟ କାର୍ଯ୍ୟକ୍ରମର ସମାପନୀ ଭାଷଣରେ କହିଥିଲେ, ରାମମନ୍ଦିର ନିର୍ମାଣ ପାଇଁ ଆଇନ ଅଥବା ଅଧ୍ୟାଦେଶ ଆଣିବାକୁ କେନ୍ଦ୍ର ସରକାରଙ୍କୁ ଆମେ ନିର୍ଦ୍ଦେଶ ଦେଉଛୁ। ଏହାବାଦ୍ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାକୁ ସମର୍ଥନ କରି ପୁନଃ କ୍ଷମତାସୀନ କରାଇବାକୁ ମଧ୍ୟ ଅଖିଳ ଭାରତୀୟ ସନ୍ଥ ସମିତିରେ ସହମତି ପ୍ରକାଶ ପାଇଛି। ପ୍ରକାଶ ଯେ, ଗତମାସ ସୁପ୍ରିମକୋର୍ଟ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣି କରି ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠ ଏହାର ବିଚାର କରିବେ ବୋଲି ସ୍ପଷ୍ଟ କରିଥିଲେ। ସେବେଠୁ ରାମମନ୍ଦିର ନିର୍ମାଣ ନେଇ ଦାବି ଜୋର୍ ଧରିଛି। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସୋମବାର ରାମମନ୍ଦିର ନିର୍ମାଣ ସପକ୍ଷରେ ମତବ୍ୟକ୍ତ କରିଥିଲେ। ମନ୍ଦିର ନିର୍ମାଣ ହେଲେ ଦେଶରେ ସଦିଚ୍ଛା ଓ ସଂହତିର ବାତାବରଣ ସୃଷ୍ଟି ହେବ ବୋଲି ସେ କହିଥିଲେ।

### 'ଭଲ ଖବର ଆସୁଛି'

**ହରିଦ୍ୱାର,୪।୧୧(ପି.ଟି.):** ରାମଭକ୍ତମାନଙ୍କୁ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କାରଣ ରାମମନ୍ଦିର ନିର୍ମାଣ ନେଇ ଆଗକୁ ଏକ ଭଲ ଖବର ଆସୁଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ହରିଦ୍ୱାରରେ ପତଞ୍ଜଳି ଯୋଗପୀଠ ପକ୍ଷରୁ ଆୟୋଜିତ ଜ୍ଞାନକୁମ୍ଭ ସମ୍ମିଳନୀର ସମାପନୀ ଉତ୍ସବରେ ସମ୍ବୋଧିତ କରି ଯୋଗୀ ଏହି ମନ୍ତବ୍ୟ ଦେଇଛନ୍ତି।



### ଆତ୍ମାହୁତି ଧମକ ଦେଲେ ପରମହଂସ

**ଅଯୋଧ୍ୟା,୪।୧୧(ପି.ଟି.):** ଆଯୋଧ୍ୟାରେ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୬ ସୁଦ୍ଧା କେନ୍ଦ୍ର ସରକାର ଘୋଷଣା ନ କଲେ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି ତପସ୍ୱୀ ଚାଓ୍ୱନି ମନ୍ଦିର ମହନ୍ତ ସ୍ୱାମୀ ପରମହଂସ ଦାସ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୫ ସୁଦ୍ଧା ଘୋଷଣା କରନ୍ତୁ। ପ୍ରକାଶ ଯେ ମୋଦି ସରକାର ରାମମନ୍ଦିର ନିର୍ମାଣ ପାଇଁ ଆଇନ ଆଣନ୍ତୁ ବୋଲି ଦାବିକରି ପରମହଂସ ଅକ୍ଟୋବର ୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିଲେ। ସପ୍ତାହେ ପରେ ପୋଲିସ ତାଙ୍କୁ ବୁଝାଶୁଝା କରି ଅନଶନରୁ ଉଠାଇଦେଇଥିଲେ।



### ହିନ୍ଦୁଙ୍କୁ ଅସହିଷ୍ଣୁ କରିଛି ମସ୍‌ଜିଦ୍ ନିର୍ମାଣ ଚର୍ଚ୍ଚା

**ଅଯୋଧ୍ୟା,୪।୧୧(ପି.ଟି.):** ରାମମନ୍ଦିର ନିକଟରେ ଏକ ମସ୍‌ଜିଦ୍ ନିର୍ମାଣ ନେଇ ଚାଲିଥିବା ଚର୍ଚ୍ଚା ହିନ୍ଦୁମାନଙ୍କୁ ଅତ୍ୟଧିକ ଅସହିଷ୍ଣୁ କରିଦେଇଛି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀ କହିଛନ୍ତି। ସେ ରାମମନ୍ଦିରର ଶିଳାନ୍ୟାସ ଦେବାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ନିମନ୍ତ୍ରଣ କରିଛନ୍ତି। ରାହୁଲ ଏପରି କରିବା ଦ୍ୱାରା ତାଙ୍କ ଦଳର ପାପ ଧୋଇହୋଇଯିବ ବୋଲି ସେ କଟାକ୍ଷ କରିଛନ୍ତି।



## ଭାରତରେ ଦକ୍ଷିଣ କୋରିଆ ପ୍ରଥମ ମହିଳା

**ନୂଆଦିଲ୍ଲୀ,୪।୧୧(ପି.ଟି.)**



ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ଧର୍ମପତ୍ନୀ ତଥା ସେଠାକାର ପ୍ରଥମ ମହିଳା କିମ୍ ଜଙ୍ଗ୍-ସୁକ୍ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ପାଛୋଟି ଆଣିବା ପାଇଁ କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲ ବିମାନବନ୍ଦରକୁ ଯାଇଥିଲେ। ଦୀପାବଳି ଅବସରରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ଦୀପୋତ୍ସବ'ରେ କିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପୂର୍ବରୁ ସେ ସୋମବାର ରାଷ୍ଟ୍ରପତି ଭବନରେ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ସାକ୍ଷାତ୍ କରିବେ। କିମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନ କରିବାର କାର୍ଯ୍ୟକ୍ରମ ରହିଛି।

## ଭାରତ-ପାକ୍ ଶାନ୍ତି ଆଲୋଚନା

# ମୁଣ୍ଡ ଖେଳାଇଲା ଚାଇନା

**ବେଜିଂ,୪।୧୧(ପି.ଟି.)**



ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ମୁଣ୍ଡ ଖେଳାଇବାକୁ ଆଗ୍ରହ ପ୍ରକାଶ କରିଛି ଚାଇନା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଚାଇନା ଗସ୍ତ ଅବସରରେ ରବିବାର ବେଜିଂ ପକ୍ଷରୁ ଏନେଇ ଏକ ବିବୃତି ଜାରି କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବେଜିଂରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ସେଠାକାର ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କ ସହ ସାକ୍ଷାତ୍ କରିଛନ୍ତି। ଆଲୋଚନା ପରେ ପାକିସ୍ତାନ ଓ ଚାଇନା ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତ ସହ ପାକିସ୍ତାନର ସମ୍ପର୍କରେ ସୁଧାର ଆଣିବା ପାଇଁ ଇସ୍‌ଲାମାବାଦର ପଦକ୍ଷେପକୁ ବେଜିଂ ସମର୍ଥନ କରେ।

## ବିଷକ୍ରିୟାରେ ୩୧ ହରିଣ ମୃତ

**ତିରୁଚିରାପଲ୍ଲୀ,୪।୧୧(ପି.ଟି.)**


ତାମିଲନାଡୁର ତିରୁଚିରାପଲ୍ଲୀ ନିକଟସ୍ଥ ଏକ ପାର୍କରେ ୩ ଦିନ ମଧ୍ୟର ୩୧ ହରିଣଙ୍କ ମୃତ୍ୟୁ ଘଟିଛି। ହରିଣମାନେ ଅତ୍ୟଧିକ ସୁବାବୁଲ୍ ପତ୍ର ଖାଇବା ପରେ ଖାଦ୍ୟରେ ବିଷକ୍ରିୟା ହୋଇ ଏଭଳି ଦଶା ଭୋଗିଥିବା ବଣ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ ଶନିବାର ୧୭, ରବିବାର ୧୮ ଓ ସୋମବାର ୬ ହରିଣଙ୍କ ପ୍ରାଣହାନି ଘଟିଛି। ସେମାନଙ୍କ ମଧ୍ୟରୁ ୨୫ ହରିଣ ଗର୍ଭବତୀ ଥିଲେ ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ପାର୍କରେ ମୋଟ ୧୮୦ ହରିଣ ଥିଲେ। ଅନ୍ୟ ହରିଣଙ୍କ ଉପରେ ନଜର ରଖାଯାଇଥିବା ପାର୍କ କର୍ତ୍ତୃପକ୍ଷ କହିଛନ୍ତି।



## ଫୁର୍‌ସତ

### ଉଦ୍ଧାର କାର୍ଯ୍ୟରେ ସହାୟକ ହେବ ଡ୍ରୋନ୍

**ନ୍ୟୁୟର୍କ:** ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମଆଇଟି)ର ଗବେଷକମାନେ ଏକ ସ୍ୱୟଂଚାଳିତ ଡ୍ରୋନ୍‌ର ବିକାଶ କରିଛନ୍ତି। ଏହା ଘଞ୍ଚ ଜଙ୍ଗଲରେ ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନରେ ସାହାଯ୍ୟ କରିପାରିବ। କୌଣସି ଅନୁସନ୍ଧାନକାରୀ ମାନବ ବଦଳରେ ଏହି ଡ୍ରୋନ୍‌କୁ କାର୍ଯ୍ୟରେ ଲଗାଯାଇପାରିବ। ଏହା ଅନୁସନ୍ଧାନ ଓ ଉଦ୍ଧାର ପ୍ରକ୍ରିୟାକୁ ଅଧିକ ଦକ୍ଷ କରିପାରିବ ବୋଲି ଏମ୍‌ଆଇଟି ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନଟିକ୍ସ (ଏରୋଆଷ୍ଟ୍ରୋ) ବିଭାଗର ଗବେଷକ ତଥା ପ୍ରମୁଖ ଲେଖକ ୟୁଲୁନ୍ ଟାୟନ୍ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଗବେଷଣାଲବ୍ଧ ଫଳାଫଳ ଆର୍ଜେଣ୍ଟିନାର ବୁଏନ୍‌ସ ଏରିସ୍‌ରେ ନଭେମ୍ବର ୫ରୁ ୮ ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ରୋବୋଟିକ୍ସ ସମ୍ମିଳନୀରେ ଉପସ୍ଥାପନ କରାଯିବ।



### ପ୍ରଦୂଷିତ ହୋଇପଡ଼ିଛି ପୁଣ୍ୟତୋୟା ଯମୁନା

**ମଥୁରା/ଆଗ୍ରା:** ବୃନ୍ଦାବନ ଏବଂ ମଥୁରାରେ ଯମୁନା ନଦୀ ବହୁ ଭାବରେ ପ୍ରଦୂଷିତ ହୋଇପଡିଛି। ହଜାର ହଜାର ମାଛ ମରି ଭାସୁଥିବାରୁ ତୀର୍ଥଯାତ୍ରୀ ଏବଂ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନେ ସରକାରୀ ସଂସ୍ଥାକୁ ଦାୟୀ କରିଛନ୍ତି। ଦିୱାଲି ଅବସରରେ ଲକ୍ଷଲକ୍ଷ ଭକ୍ତ ମଥୁରା ପରିଭ୍ରମଣ କରନ୍ତି। ଏଠାରେ ଗୋବର୍ଦ୍ଧନ ଓ ଯମୁନାଙ୍କ ସ୍ୱତନ୍ତ୍ର ପୂଜା କରାଯାଏ। ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳକାରଖାନାରୁ ପ୍ରଦୂଷିତ ଜଳ ଯମୁନାକୁ ଛାଡିଦିଆଯାଉଥିବାରୁ ଲକ୍ଷଲକ୍ଷ ଜଳଜୀବ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରି ଭାସୁଛନ୍ତି। ଏହାଦ୍ୱାରା ଏହି ପୁଣ୍ୟତୋୟା ନଦୀ ବହୁମାତ୍ରାରେ ପ୍ରଦୂଷିତ ହୋଇପଡିଛି। ସେହିପରି ବୃନ୍ଦାବନ ନିକଟବର୍ତ୍ତୀ ଯମୁନାରେ ହଜାର ହଜାର ମାଛ ଭାସୁଥିବାର ଦେଖାଯାଉଛି। ବୃନ୍ଦାବନ ଓ ମଥୁରାକୁ ପ୍ରତ୍ୟେକ ଦିନ ହଜାର ହଜାର ତୀର୍ଥଯାତ୍ରୀ ବୁଡ ପକାଇବାକୁ ଯାଉଥିବା ବେଳେ ପ୍ରଦୂଷିତ ନଦୀ ସେମାନଙ୍କ ପାଇଁ ସମସ୍ୟାର କାରଣ ହୋଇଛି। ଯମୁନା ବ୍ରଜମଣ୍ଡଳର ଜୀବନ ରେଖା ହୋଇଥିବା ବେଳେ ଏହା ଆଗ୍ରା ଅଞ୍ଚଳର ପର୍ଯ୍ୟଟନ ସ୍ଥଳ। ଯମୁନା କୂଳରେ ବହୁ ଐତିହାସିକ କୀର୍ତ୍ତିରାଜି ରହିଛି। ଯମୁନା ପ୍ରଦୂଷିତ ହେଲେ ତାଜମହଲ ଭଳି ଐତିହାସିକ ସ୍ମାରକୀ ପ୍ରଭାବିତ ହେବ ବୋଲି ପରିବେଶବିତ୍ ରଞ୍ଜନ ଶର୍ମା ପ୍ରକାଶ କରିଛନ୍ତି। ଯମୁନା ନଦୀକୁ ପ୍ରଦୂଷଣରୁ ମୁକ୍ତ କରା ନ ଗଲେ ଇତିହାସର ସ୍ମାରକୀ ବହନ କରୁଥିବା ଏହି ପୁଣ୍ୟତୋୟା ନର୍କକୁଣ୍ଡରେ ପରିଣତ ହେବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଦେଇଛନ୍ତି।



## [ଇତିହାସର ଆଇନାରେ]


**ନଭେମ୍ବର ୫ର ପ୍ରମୁଖ ଘଟଣା**

### ଆମେରିକାରେ ଗୃହଯୁଦ୍ଧ

୧୮୬୨, ନଭେମ୍ବର ୫ରେ ଆମେରିକାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ୧୮୬୫ ପର୍ଯ୍ୟନ୍ତ ଜାରି ରହିଥିଲା। ଆମେରିକା ଇତିହାସରେ ଏହାକୁ ଦୀର୍ଘ ଦିନର ବିବାଦ ଭାବରେ ବର୍ଣ୍ଣନା କରାଯାଏ। କାରଣ କୃଷ୍ଣକାୟ ଲୋକଙ୍କୁ କ୍ରୀତଦାସ ଭଳି ରଖିବାର ମାନସିକତା ପ୍ରତ୍ୟାହାର ପାଇଁ ଏହି ଗୃହଯୁଦ୍ଧ ସୃଷ୍ଟି ହୋଇଥିଲା।

### ଲଣ୍ଡନରେ ଟ୍ରେନ୍ ଦୁର୍ଘଟଣା

୧୯୬୭ , ନଭେମ୍ବର ୫ରେ ଆଜିର ଦିନରେ ଲଣ୍ଡନର ହାଇଦର ଗ୍ରୀନ୍‌ଠାରେ ଏକ କମ୍ୟୁଟର ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫୩ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହିତ ଶତାଧିକ ଆହତ ହୋଇଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୨.୫ |
| ଚାନ୍ଦବାଲି | ୩୨.୫ | ୨୨.୪ |
| କଟକ | ୩୨.୨ | ୨୧.୫ |
| ପାରାଦ୍ୱୀପ | ୩୨.୦ | ୨୨.୬ |
| ଭୁବନେଶ୍ୱର | ୩୩.୨ | ୨୨.୦ |
| ଗୋପାଳପୁର | ୩୪.୦ | ୨୨.୮ |
| ପୁରୀ | ୩୩.୦ | ୨୩.୫ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | ୩୧.୬ | ୨୨.୫ |
| ଝାରସୁଗୁଡ଼ା | ୩୪.୮ | ୨୧.୫ |
| କେନ୍ଦୁଝର | ୩୧.୩ | ୧୯.୪ |
| ସମ୍ବଲପୁର | ୩୬.୦ | ୨୧.୮ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୩.୬ | ୨୦.୬ |
| ତାଲଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୬ | ୨୦.୮ |
| ବଲାଙ୍ଗୀର | --- | ୨୦.୫ |
| କୋରାପୁଟ | ୩୨.୬ | ୧୮.୬ |
| ଫୁଲବାଣୀ | ୩୩.୫ | ୧୬.୪ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୮ | ୨୪.୬ |
| ସୋନପୁର | ୩୫.୨ | ୨୦.୮ |
| ଦାରିଙ୍ଗିବାଡ଼ି | --- | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏ.ଆର. ରହମନ୍

**ଚେନ୍ନାଇ:** ବିଶିଷ୍ଟ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ଉକ୍ତ ପୁସ୍ତକରେ ତାଙ୍କ ଜୀବନ ସଂଗ୍ରାମ ବିଷୟ ବର୍ଣ୍ଣନା କରାଯାଇଛି। ତାଙ୍କୁ ୨୫ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଅତି କଠିନ ପରିସ୍ଥିତି ଦେଇ ଗତି କରୁଥିଲେ। ତାଙ୍କ ଜୀବନରେ ଏପରି ପର୍ଯ୍ୟାୟ ଆସିଥିଲା, ଯେଉଁ ପରିସ୍ଥିତିରେ ସେ ସବୁବେଳେ ଆତ୍ମହତ୍ୟା କରିଦେବାକୁ ଚିନ୍ତା କରୁଥିଲେ। ପରେ ତାଙ୍କ ପ୍ରତିଭାର ପରିସ୍ଫୁଟନ ହୋଇଥିଲା। ସେ ଜୀବନଯାତ୍ରାରେ କଳାର ଜୟଗାନ କରି ଓସ୍କାର ବିଜୟୀ ହୋଇପାରିଥିଲେ। ପିଲାଦିନୁ ସେ ପିତାଙ୍କୁ ହରାଇଥିଲେ। ଏହା ତାଙ୍କ ଜୀବନରେ ଏକ ଶୂନ୍ୟତା ସୃଷ୍ଟି କରିଥିଲା। ମୃତ୍ୟୁ ପ୍ରତ୍ୟେକଙ୍କ ପାଇଁ ଏକ ନିଷ୍ଠୁର ସତ୍ୟ। ପ୍ରତ୍ୟେକ ଜିନିଷର ସମାପ୍ତି ରହିଛି। ତେଣୁ ଜୀବନରେ ଯାହା ବି ପ୍ରତିବନ୍ଧକ ଆସୁ ତାହାକୁ ସାମ୍ନା କରିବାକୁ ପଡିବ। ଏହି ଚିନ୍ତନ ହିଁ ତାଙ୍କୁ ବଞ୍ଚି ରହିବା ଲାଗି ସାହସ ଯୋଗାଇଥିଲା ବୋଲି ରହମନ୍ ପ୍ରକାଶ କରିଛନ୍ତି। ଆତ୍ମଜୀବନୀମୂଳକ ପୁସ୍ତକ 'ନୋଟ୍ସ ଅଫ୍ ଏ ଡ୍ରିମ୍'ରେ ରହମନ୍ ତାଙ୍କ ଜୀବନର କଠୋର ସମୟ ବିଷୟରେ ବର୍ଣ୍ଣନା କରିଛନ୍ତି। ରହମନ୍‌ଙ୍କ ଆତ୍ମଜୀବନୀ ରଚନା କରିଛନ୍ତି ଲେଖକ କ୍ରିଷ୍ଣ ତ୍ରିଲୋକ। ଲ୍ୟାଣ୍ଡମାର୍କ ଏବଂ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଶନିବାର ଲଞ୍ଚ୍ ହୋଇଛି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ୪ ତାର ଚୋର ଗିରଫ

**ଜୟପୁର,୪।୧୧(ନି.ପ୍ର./ଡି.ଏନ୍.ଏ.):** ଜୟପୁର ସଦର ପୋଲିସ ତମ୍ବାତାର ଚୋରି ମାମଲାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଅନ୍ତା ଗ୍ରାମର ଆଜିତ ହରିଜନ (୨୦), ସନାଧର କମାର (୩୦), ହାନାଗୁଡ଼ାର ରାମ ଦୁର୍ଗା (୨୬) ଓ ଦାମାପୁଟ ଭଗବାନ କମାର (୩୦)। ସେମାନଙ୍କଠାରୁ ପୋଲିସ ୨ ବଣ୍ଡଲ କେବୁଲ, କେବୁଲ କଭର ପୋଡ଼ିଥିବା ପାଉଁଶ ଜବତ କରିଛି। ପ୍ରୋଜେକ୍ଟ ମ୍ୟାନେଜର ଏମ୍.ଏସ୍. ଫୋମୋର ଲିମିଟେଡର ସ୍ମୃତିରଞ୍ଜନ ପଟ୍ଟନାୟକ ୪ ବଣ୍ଡଲ ତମ୍ବା କେବୁଲ ତାର ଚୋରି ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ୨୩ ତାରିଖ ଚୋରି ହୋଇଥିବା ବେଳେ ୨୮ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାର ମୂଲ୍ୟ ୪ ଲକ୍ଷ ହେବ। ପୋଲିସ ଅଭିଯୋଗ ପାଇ କେସ୍ ନଂ ୧୮୨/୧୮ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ଛାତ୍ରୀ ସମ୍ମିଳନୀ ଉଦ୍‌ଘାଟିତ

**କୋରାପୁଟ,୪।୧୧(ସ୍ୱ.ପ୍ର.):** କୋରାପୁଟସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ତ୍ରୟବିଂଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ଏଏସ୍‌ପି ସାଗରିକା ନାଥ ମୁଖ୍ୟ ଅତିଥି ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିଚେରୀର ଡ. ସମ୍ପଦାନନ୍ଦ ମିଶ୍ର ଏବଂ ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ କହିଥିଲେ ଯେ, ମହାନ ଭାରତ ଗଠନ ପାଇଁ ଛାତ୍ରୀମାନଙ୍କ ଅବଦାନ ଅତୁଳନୀୟ। ସୁଜାତା ପତି କାର୍ଯ୍ୟକ୍ରମ ପରିଚାଳନା ଓ ସୁପ୍ରଭା ରଥ ଧନ୍ୟବାଦ ଦେଇଥିଲେ । ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ସଙ୍କଳ୍ପ ଓ ପ୍ରଦର୍ଶନୀ, ବିଭିନ୍ନ ପ୍ରସଙ୍ଗରେ ଦଳଗତ ଆଲୋଚନା, କ୍ରୀଡ଼ା, ସଙ୍ଗୀତ, ଅଭିନୟ ପ୍ରତିଯୋଗିତା କରାଯାଇଥିଲା । ଅବିଭକ୍ତ କୋରାପୁଟ ଜିଲା ତଥା ଜୋନାଲରୁ ୧୨ରୁ ୧୯ ବର୍ଷ ବୟସର ୪୫୦ ଏବଂ ଜିଲା ବାହାରୁ ୯୫ ଜଣ ଛାତ୍ରୀ ଯୋଗ ଦେଇଥିଲେ।



ବାଲୁକା କଳାକୃତିରେ ପରବ ।



ପଥ ଉତ୍ସବ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ପରବ ଉପଲକ୍ଷେ ପଥ ଉତ୍ସବ

**କୋରାପୁଟ/ସୁନାବେଡ଼ା, ୪।୧୧(ସ୍ୱ.ପ୍ର.)**

କୋରାପୁଟରେ ଆରମ୍ଭ ହୋଇଥିବା ପରବ -୨୦୧୮ ମହୋତ୍ସବ ଉପଲକ୍ଷେ ରବିବାର ସୁନାବେଡ଼ାଠାରେ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁନାବେଡ଼ା ପୌରସଂସ୍ଥା ପକ୍ଷରୁ ସୁନାବେଡ଼ାଠାରେ ପ୍ରଥମଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିବା ସହିତ ଏହାଦ୍ୱାରା ଜିଲାର କଳା ଓ ସଂସ୍କୃତିର ବିକାଶ କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ଏହି ପଥ ଉତ୍ସବ ମାଧ୍ୟମରେ ରଙ୍ଗୋଲି, ସଙ୍ଗୀତ, ନୃତ୍ୟ, ଯୋଗ , ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା । ରାସ୍ତାରେ ଅନୁଷ୍ଠିତ ଢେମ୍‌ସା ନୃତ୍ୟରେ ଲୋକ ପ୍ରତିନିଧିମାନେ ସାମିଲ ହୋଇ ନୃତ୍ୟ କରିବା ସହିତ ଏହି କାର୍ଯ୍ୟକ୍ରମର ଭରପୂର ମଜା ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ଲଳିତ କୁମାର କହଁର,ସୁନାବେଡ଼ା ପୌରସଂସ୍ଥା ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଅଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ଉପନଗରପାଳ ରତ୍ନାକର ନନ୍ଦ, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।

କାର୍ଯ୍ୟକ୍ରମ ଦେଖିବା ପାଇଁ ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ ଅଞ୍ଚଳର ଅନେକ ଲୋକଙ୍କ ସମାଗମ ହୋଇଥିଲା ।

### ଗଞ୍ଜେଇ ଚାଷ ନଷ୍ଟ, କାଠପଟା ଜବତ

#### ୨ ଜଣଙ୍କୁ କୋର୍ଟ ଚାଲାଣ

**ଲକ୍ଷ୍ମୀପୁର,୪।୧୧**

ଲକ୍ଷ୍ମୀପୁର ବ୍ଲକ୍ ପିପିଳ ପଦର ପଞ୍ଚାୟତ କେନ୍ଦୁପାଇ ଗ୍ରାମରେ ଅବକାରୀ ଏବଂ ବନ ବିଭାଗର ମିଳିତ ଚଢ଼ାଉରେ ପ୍ରାୟ ୨ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯିବା ସହିତ ୫୦ କି.ଗ୍ରା ଗଞ୍ଜେଇ ଜବତ କରାଯାଇଛି। ଏହା ସହିତ ୨୦ ହଜାର ଟଙ୍କାର କାଠପଟା ଜବତ କରିଛି। କେନ୍ଦୁପାଇ ଗ୍ରାମର ଗୋବ୍ରି ମାଣ୍ଡିଙ୍ଗ ଏବଂ ଈଶ୍ୱର ମାଣ୍ଡିଙ୍ଗଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏଥିରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ ଦାଶ, ଏସ୍‌ଆଇ ସମୋନାଥ ବାଘ, ଲକ୍ଷ୍ମୀପୁର ଅବକାରୀ ବିଭାଗ ଅଧିକାରୀ ଦୟାନନ୍ଦ ସାଉଁତା ଏବଂ ବନାଞ୍ଚଳ ଅଧିକାରୀ କୁମାର ଖରା, ଲକ୍ଷ୍ମୀପୁର ରାଜସ୍ୱ ନିରୀକ୍ଷକ ଦେବିପ୍ରସାଦ ପଣ୍ଡା ସାମିଲ ଥିଲେ।



### ଭଉଣୀର ଦଶାହରୁ ଫେରିବା ବେଳେ ବାଇକ୍ ଧକ୍କାରେ ବୃଦ୍ଧ ମୃତ

■ କ୍ଷତିପୂରଣ ଦାବି ଯୋଗୁ ହୋଇପାରିଲାନି ବ୍ୟବଚ୍ଛେଦ

**ବୈପାରୀଗୁଡ଼ା,୪।୧୧(ଡି.ଏନ୍.ଏ.)**

ରବିବାର ସନ୍ଧ୍ୟାରେ ବୈପାରୀଗୁଡ଼ା-ରାମଗିରି ରାସ୍ତା ଦଳପୁରଠାରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଲିଗାଁ ପଞ୍ଚାୟତ ମନ୍ତ୍ରୀଗୁଡା ଗ୍ରାମର କମଲୁ ହରିଜନ (୬୦)। ସେ କୋଲାବରେ ଭଉଣୀଙ୍କ ଅନ୍ତ୍ୟେଷ୍ଟିରେ ଯୋଗ ଦେଇ ରବିବାର ଅଟୋରେ ଗାଁକୁ ଫେରୁଥିଲେ। ସାଇଡ୍‌ସିଟ୍‌ରେ ବସିଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଜଣେ ବାଇକ୍ ଆରୋହୀ ଅଟୋକୁ ଧକ୍କା ଦେଇଥିଲା। ସେହିଠାରେ କମଲୁ ଟଳିପଡ଼ିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ଦାବି ମୁତାବକ କ୍ଷତିପୂରଣ ଅଟୋ ମାଲିକ ଓ ବାଇକ୍ ମାଲିକ ନ ଦେବାରୁ ବ୍ୟବଚ୍ଛେଦ ହୋଇପାରି ନଥିଲା । ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବରପାଇ ରାମଗିରି ଫାଣ୍ଡି ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଓ ବୈପାରୀଗୁଡ଼ା ଥାନା ଏସ୍‌ଆଇ ଜିତେନ୍ଦ୍ର ନାୟକ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନଥିଲେ।

### ବିଜେଡିର ପଦଯାତ୍ରା ପ୍ରସ୍ତୁତି ବୈଠକ

**ଦଶମନ୍ତପୁର,୪।୧୧(ଡି.ଏନ୍.ଏ.)**

ସ୍ଥାନୀୟ ପାଇକ ଫୁଲବେଡ଼ା ପଞ୍ଚାୟତରେ ଆସନ୍ତା ୮ରେ ହେବାକୁ ଥିବା ବିଜେଡିର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବରିଷ୍ଠକର୍ମୀ ଗଙ୍ଗାଧର ଖୋସ୍ଲା, ଏମ୍‌ପିଙ୍କ ପ୍ରତିନିଧି ତଥା ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ବିଶୋଇ, ସମିତି ସଭ୍ୟ ମହେଶ୍ୱର ଗୌଡ଼ ଏବଂ ବିଜେଡିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ଆଦିବାସୀ ମହାସଂଘର ବିଶାଳ ରାଲି

# ଗର୍ଜିଲେ ଆଦିବାସୀ ନେତା

**ବୈପାରୀଗୁଡ଼ା,୪।୧୧(ଡି.ଏନ୍.ଏ.)**

ବିଭିନ୍ନ ଦାବି ନେଇ ରବିବାର ଆଦିବାସୀ ଜାଗରଣ ସଂଘ ପକ୍ଷରୁ ବୈପାରୀଗୁଡାରେ ଏକ ବିଶାଳ ରାଲି ଓ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ବ୍ଲକ ଭୂମିଆ ସମାଜ, ଗାଦବା ସମାଜ, କନ୍ଧ ସମାଜ ଓ ଭତ୍ରା ସମାଜ ସାମିଲ୍ ହୋଇଥିଲେ । ଏହି ଅବସରରେ ବିଡିଓଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ନିଯୁକ୍ତିରେ ପ୍ରାର୍ଥୀ ଚୟନ ଜିଲା ଭିତ୍ତିରେ କରିବା, ଆଦିବାସୀ ପ୍ରମାଣପତ୍ର ଜାଲିଆତି ବିରୋଧରେ କାର୍ଯ୍ୟାନୁଷ୍ଠାନ, ୧୯୫୬ ଧାରା ଜମିଜମା ଆଇନର ଉଚିତ୍ କାର୍ଯ୍ୟକାରୀ, ବ୍ୟବସାୟ ପାଇଁ ବେକାର ଆଦିବାସୀ ଯୁବତୀ ଯୁବକଙ୍କୁ ବ୍ୟାଙ୍କ ଋଣ, ଅବସର ତଥା କାର୍ଯ୍ୟରତ ଆଦିବାସୀ ସରକାରୀ କର୍ମଚାରୀଙ୍କୁ ଗୃହ ନିର୍ମାଣ ପାଇଁ ବ୍ୟାଙ୍କ ସୁବିଧା ଦେବା, ପଟ୍ଟା ପାଇଥିବା ହିତାଧିକାରୀଙ୍କ ଜଙ୍ଗଲଜମି ଚିହ୍ନଟ କରି ହସ୍ତାନ୍ତର, ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମାକୁ ଗମନାଗମନ ଓ ମୌଳିକ ସୁବିଧା, କୋରାପୁଟରେ ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର ଏବଂ ଆଦିବାବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା ଦାବି ସେଥିରେ ଉଲ୍ଲେଖ ରହିଛି। ସମାବେଶରେ ଆଦିବାସୀ ବିକାଶ ପରିଷଦ ସଭାପତି ମୁକୁନ୍ଦ ହନ୍ତାଳ, ଗାଦବା ସମାଜ ବ୍ଲକ ସଭାପତି ମୋହନ ସିକର୍ଲିଆ, ଭୂମିଆ ସମାଜ କୃଳନାୟକ ଡାଲିଆ ପୂଜାରୀ, କନ୍ଧ ସମାଜ ବ୍ଲକ ସଭାପତି ମାଧବ ସାନ୍ତା, ଭତରା ସମାଜ କୋଟପାଡ଼ ବ୍ଲକ ସଭାପତି ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି, ରଘୁନାଥ ପୂଜାରୀ, ନରେନ୍ଦ୍ର କାନ୍ଦିଳିଆ, ଭାଗିରଥୀ ମୁର୍ଜିଆ, ନାରାୟଣ କଦମଗୁଡ଼ିଆ, ଲଳିତ ପୂଜାରୀ, ସୁବାସ ମୁର୍ଜିଆ, ଲକ୍ଷ୍ମଣ ନାୟକ ଯୋଗ ଦେଇଥିଲେ । ସଭାରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ସାମିଲ ଥିଲେ।

### ଖେଳକୁଦ ପ୍ରତିଯୋଗିତା

**ବୋରିଗୁମ୍ମା,୪।୧୧(ଡି.ଏନ୍.ଏ.)**

ବୋରିଗୁମ୍ମାରେ ୪୮ତମ ଜିଲାସ୍ତରୀୟ ଖେଳକୁଦ, ଯୋଗ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ, ମୁଖ୍ୟ ଅତିଥି, ବିଡିଓ ଯୋଗେନ୍ଦ୍ର ମାଝି, ବିଇଓ କୃଷ୍ଣଚନ୍ଦ୍ର ନାୟକ, ସରୋଜିନୀ ଦଣ୍ଡସେନା, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ଜାନି, କେଡିଏସ୍‌ଏସ୍‌ଏ ସମ୍ପାଦକ ବିପ୍ରଚରଣ ଭତ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୪୦ଟି କ୍ରୀଡ଼ା ପ୍ରତିଯୋଗିତାରେ ୨୮୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ବିଇଓ ମର୍କତ କେଶରୀ ରାୟ, ଜିଲା କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା ଯୋଗ ଦେଇଥିଲେ। ସମ୍ପାଦକ ବିଜୟାନନ୍ଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୀମାଞ୍ଚଳ ଦାଶ, ବାସୁଦେବ ସେନାପତି, ବିନୋଦ ତ୍ରିପାଠୀ, ବସନ୍ତ ମୁଦୁଲି, କାର୍ଯ୍ୟକ୍ରମ ପରିଚାଳନା ଏବଂ ଶିକ୍ଷକ ଗୌରୀ ସାମନ୍ତରାୟ, ରଜତ ଷଡ଼ଙ୍ଗୀ, ସିଦ୍ଧାର୍ଥ ଗନ୍ତାୟତ, ପ୍ରଶାନ୍ତ ଦାଶ, ପ୍ରଭାସିନୀ ବେହେରା, ଏଲିନ ମିଶ୍ର ସହଯୋଗ କରିଥିଲେ। ଏଠାରୁ କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୪ରୁ ୧୬ ଯାଏଁ କେଉଁଝରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ।

### ଶବ୍ଦ, ବାୟୁ ପ୍ରଦୂଷଣ ରୋକିବାକୁ ସଚେତନତା ଶୋଭାଯାତ୍ରା

**ଜୟପୁର,୪।୧୧(ନି.ପ୍ର.)**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଦୀପାବଳୀର ଅବ୍ୟବହିତ ପୂର୍ବରୁ ଶବ୍ଦ ଓ ବାୟୁ ପ୍ରଦୂଷଣ ରୋକିବା ପାଇଁ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷକ ପ୍ରଭାତ ରଥ, ଏମ୍. ଯୋଗେଶ୍ୱର ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର ବାଣ ବଦଳରେ ମାଟିଦୀପ ବ୍ୟବହାର କରି ଦୀପାବଳୀ ପାଳିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ଦିଲୀପ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଶେଷରେ ଯଜ୍ଞେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରି ପରିବେଶକୁ ପ୍ରଦୂଷଣ ମୁକ୍ତ ପାଇଁ ବିଭିନ୍ନ ନାରା ଦେଇଥିଲା। ଶିକ୍ଷକ ସୁଜିତ ନାୟକ, ବିଶ୍ୱ ରଞ୍ଜନ ଗୌଡ଼, ଏମ୍. ଯୋଗେଶ୍ୱର, ଦେବେନ୍ଦ୍ର ପାଢ଼ୀ, ରଶ୍ମିତା ନାହାକ, କେ. ପ୍ରମିଳା, ଏନ୍. ପଦ୍ମାବତୀ, ସନ୍ତୋଷିନୀ ପଣ୍ଡା, ମୋନାଲିସା ପଣ୍ଡା, ଗୋପାଳ ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ପ୍ରକାଶ ଚନ୍ଦ୍ର ମିଶ୍ର ଓ ଦୁର୍ଗାପ୍ରସାଦ ପାତ୍ର ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ

**କୋରାପୁଟ,୪।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଛି । ଜିଲା ପ୍ରଶାସନ ଓ ଜୟପୁର ସ୍ଥିତ ଦୁର୍ନୀତି ନିବାରଣ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ଏମ୍‌ପି ଝିନ୍ନ ହିକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଲାଞ୍ଚ ନେବା କିମ୍ବା ଦେବା ଉଭୟଥିରୁ ସମସ୍ତେ ଦୂରେଇ ରୁହନ୍ତୁ।

ଶନିବାର ସକାଳେ ଜିଲାପାଳ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାକୁ ଜିଲା ଭିଜିଲାନସ ଏଏସ୍‌ପି ମାଙ୍ଗରା କୁଜୁର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲାର ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସଚେତନତା ପ୍ଲାକାର୍ଡ଼ ଧରି ସହର ପରିକ୍ରମା କରିଥିଲେ। ପରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସଭାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଅବଦୁଲ ମହମ୍ମଦ ଅଖତାର ଅଧ୍ୟକ୍ଷତା କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଏଏସ୍‌ପି ମାଙ୍ଗରା କୁଜୁର ଯୋଗଦେଇ କହିଥିଲେ, ଚଳିତ ଅକ୍ଟୋବର ଶେଷ ସୁଦ୍ଧା ଜିଲା ଦୁର୍ନୀତି ବିଭାଗ ୨୮ଟି ମାମଲା ରୁଜୁ କରିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥ ସୋରେନ, ଜିଲା ଜଳ ବିଭାଜିକା ମିଶନର ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥ, ଜିଲା ସୂଚନା ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ଅତିରିକ୍ତ ଏସପି ଉଦ୍ଧବ ଚରଣ ନାୟକ, ଭିଜିଲାନ୍ସ ଡିଏସ୍‌ପି ହେନେରି କୁଲୁ, ଇନ୍ସପେକ୍ଟର କେ.କେ. ପାତ୍ର, ପି. ରୁଦ୍ରାୟା, ଆର୍. ବିଜୟ କୁମାର, ପ୍ରମିଳା ସୁନା, ସୂର୍ଯ୍ୟକାନ୍ତ ଟାକ୍ରି, ଜିଲା କ୍ରୀଡ଼ା ଅଧିକାରୀ ରାଜ କିଶୋର ଜେନା ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**GOVERNMENT OF ODISHA** No.952-O

**OFFICE OF THE EXECUTIVE ENGINEER, RWS&S DIVISION, RAYAGADA**

Email ID eerwss_rgd@nic.in, Mobille No.8280408061

**e-procurement Notice for PWS works**

**Identification No Online tender /12/RWSS/RGD/2018-19**

**1) Name of works:-**
1. Supplying & laying of rising main and distribution system pipe line of UPVC/DI/GI, construction of Compound wall RCC OGR/ESR, SV/NRV Chamber, Air Valve Pillar stand post etc. for different PWS projects in Rayagada District.
2) Total Number of works : 12 Nos. (Detailed list available in the website)
3) Estimated cost : Rs.50.23 to 230.52 lakh
4) Class of contractor : B & A
5) Period of completion : 09 to 12 months

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Rayagada | Online Tender /12/ RWSS/RGD/2018-19 | 08.11.2018 at 10.00 AM | 28.11.2018 upto 5.00 PM |

**NB:-** Further details can be seen from the website **www.tendersodisha.gov.in**.

25007/11/0019/1819 **Sd./- Executive Engineer, RWS&S Division, Rayagada**

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
**IDCO Towers, Janpath, Bhubaneswar - 751022**

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**
**Tender Call Notice No. EST- 50 /2018-19/ 22063** **Dt. 31.10.2018**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Balance Work for Construction of Auditorium Building and Ancillary Works for Mission Shakti Bhawan at Pokhariput, Bhubaneswar. | CGM (Civil), IDCO, IDCO Tower, Janpath, Bhubaneswar | Bid ID.No. Civil -EST - E -50 / 2018-19 | 06 (Six) Calendar Months | Rs. 5,80,98,991.00 | 18.00 Hours of 05.11.2018 | 17.00 Hours of 19.11.2018. |

Further details can be seen from the e - procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

**Sd/-**
**Chief General Manager (Civil), I/C**
**IDCO, Bhubaneswar**

OFFICE OF THE EXECUTIVE ENGINEER,
RWS&S DIVISION, PURI – 752002
Phone (06752) 251276, Fax :- (06752) 251276, E-mail:-eerwss_puri@nic.in

NATIONAL COMPETITIVE BIDDING THROUGH E-PROCUREMENT

**Bid Identification No. RWSSPURI 57 /2018-19**

No.953-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 3(Three) |
| 2. | Time for completion: | Six months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17.00 hour of 08.11.2018 to 17.00 hours of 24.11.2018 |
| 6. | Last date and time for seeking clarification: | 17.00 hours of 19.11.2018 |
| 7. | Date & time of opening of technical bids: | On dt 26.11.2018 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided |

Further details can be seen from the website **https://www.tendersorissa.gov.in**.

25017/11/0077/1819 **Sd./- Executive Engineer, RWS&S Division, Puri**

ଓଡ଼ିଶା ସରକାର No. XXXV-39

ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

File No. XIV-46/18 742 Dated : 16.08.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବିଡାପାଙ୍କୁ, ଥାନା- ଦଶପଲ୍ଲା ନଂ-୨୯, ତହସିଲ- ଦଶପଲ୍ଲା, ଜିଲ୍ଲା- ନୟାଗଡରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୭୦୦୮, ତା. ୧୮.୦୮.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବିଡାପାଙ୍କୁ, ଥାନା- ଦଶପଲ୍ଲା ନଂ-୨୯, ଜିଲ୍ଲା-ନୟାଗଡ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର- ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଡାପାଙ୍କୁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୧.୧୮୦ | ୮.୬୩୦ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ନୟାଗଡ ତହସିଲ : ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବିଡାପାଙ୍କୁ | ଉକ୍ତ ମୌଜାରେ ପ୍ରଯୁଜ୍ୟ ନୁହେଁ। | | | | | | |

ଅଧିସୂଚନାର ବୈଧ ତାରିଖ : ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ

ଜମିର ତାଲିକା

ଗ୍ରାମ- ବିଡାପାଙ୍କୁ, ତହସିଲ- ଦଶପଲ୍ଲା, ଥାନା- ଦଶପଲ୍ଲା ନଂ ୨୯, ଜିଲ୍ଲା- ନୟାଗଡ

ବ୍ୟକ୍ତିଗତ ଜମି :

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୨୯ | ୦.୪୫୦ | ୦.୪୫୦ | ଶାରଦ-୩ | କରୁଣାକର ବାଘ, ପି- ରାଜନ ବାଘ, ବା- ବିଡାପାଙ୍କୁ |
| ୨ | | ୨୩୦ | ୦.୧୧୦ | ୦.୧୧୦ | ଶାରଦ-୩ | |
| ୩ | | ୨୪୦ | ୦.୧୩୦ | ୦.୧୩୦ | ଶାରଦ-୩ | |
| ୪ | ୨ | ୨୩୨ | ୦.୨୪୦ | ୦.୨୪୦ | ଶାରଦ-୩ | ଗଦାଧର ବେହେରା, ମହେଶ୍ୱର ବେହେରା, ଆଦି ବେହେରା, ଜୟ ବେହେରା, ବୁଧେଇ ବେହେରା, ପି- ଜଗ ବେହେରା |
| ୫ | ୭ | ୩୦ | ୦.୫୫୦ | ୦.୫୫୦ | ଶାରଦ-୨ | ଦଡରାମ ବାଘ, ପି- ଭୋବନି ବାଘ |
| ୬ | | ୩୧ | ୦.୧୪୦ | ୦.୧୪୦ | ତଲ୍ଲା-୨ | |
| ୭ | | ୬୭ | ୦.୪୨୦ | ୦.୪୨୦ | ଶାରଦ-୨ | |
| ୮ | | ୭୩ | ୦.୬୯୦ | ୦.୫୦୦ | ଶାରଦ-୨ | |
| ୯ | | ୨୪୩ | ୦.୨୧୦ | ୦.୨୧୦ | ଶାରଦ-୩ | |
| ୧୦ | | ୨୪୪ | ୦.୨୨୦ | ୦.୨୨୦ | ଶାରଦ-୩ | |
| ୧୧ | | ୨୪୫ | ୦.୧୧୦ | ୦.୧୧୦ | ପତିତ | |
| ୧୨ | | ୨୪୬ | ୦.୧୩୦ | ୦.୧୩୦ | ଶାରଦ-୩ | |
| ୧୩ | | ୨୪୮ | ୦.୩୪୦ | ୦.୩୪୦ | ଶାରଦ-୩ | |
| ୧୪ | | ୨୪୯ | ୦.୨୪୦ | ୦.୨୪୦ | ଶାରଦ-୨ | |
| ୧୫ | | ୨୫୩ | ୦.୫୦୦ | ୦.୦୮୦ | ଶାରଦ-୨ | |
| ୧୬ | | ୨୫୪ | ୦.୧୦୦ | ୦.୧୦୦ | ପତିତ | |
| ୧୭ | ୧୦ | ୨୬ | ୦.୩୯୦ | ୦.୩୯୦ | ଶାରଦ-୨ | ଧନୁସିଂହ ବାଘ, ପି- ରାଜନ ବାଘ |
| ୧୮ | | ୩୩ | ୦.୧୩୦ | ୦.୧୩୦ | ତଲ୍ଲା-୨ | |
| ୧୯ | | ୪୧ | ୦.୨୩୦ | ୦.୨୩୦ | ଶାରଦ-୨ | |
| ୨୦ | | ୬୪ | ୦.୧୬୦ | ୦.୦୧୦ | ଶାରଦ-୨ | |
| ୨୧ | | ୪୫ | ୦.୦୯୦ | ୦.୦୯୦ | ତଲ୍ଲା-୨ | |
| ୨୨ | ୧୧ | ୨୩ | ୦.୦୯୦ | ୦.୦୧୦ | ତଲ୍ଲା-୩ | ବଳଭଦ୍ର ବାଘ, ପି- ରାଜନ ବାଘ |
| ୨୩ | | ୨୪ | ୦.୩୨୦ | ୦.୨୩୦ | ଶାରଦ-୨ | |
| ୨୪ | | ୪୨ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୨୫ | | ୪୩ | ୦.୦୬୦ | ୦.୦୬୦ | ଶାରଦ-୨ | |
| ୨୬ | | ୪୪ | ୦.୦୧୦ | ୦.୦୧୦ | ପତିତ | |
| ୨୭ | | ୪୬ | ୦.୧୪୦ | ୦.୧୪୦ | ତଲ୍ଲା-୨ | |
| ୨୮ | | ୫୧ | ୦.୨୪୦ | ୦.୦୪୦ | ଶାରଦ-୨ | |
| ୨୯ | | ୪୭ | ୦.୨୨୦ | ୦.୨୨୦ | ଶାରଦ-୩ | |
| ୩୦ | | ୪୯ | ୦.୦୩୦ | ୦.୦୩୦ | ପତିତ | |
| ୩୧ | | ୫୦ | ୦.୧୧୦ | ୦.୧୧୦ | ପତିତ | |
| ୩୨ | | ୬୩ | ୦.୭୬୦ | ୦.୦୬୦ | ଶାରଦ-୧ | |
| ୩୩ | | ୬୬ | ୦.୧୫୦ | ୦.୧୫୦ | ଶାରଦ-୨ | |
| ୩୪ | ୧୨ | ୨୨୮ | ୦.୨୪୦ | ୦.୨୪୦ | ଶାରଦ-୩ | ବାନାମ୍ବର ବାଘ, ପି- ରାଜନ ବାଘ |
| ୩୫ | | ୨୩୧ | ୦.୧୯୦ | ୦.୧୯୦ | ଶାରଦ-୩ | |
| ୩୬ | | ୨୩୩ | ୦.୧୦୦ | ୦.୧୦୦ | ଶାରଦ-୩ | |
| ୩୭ | ୧୫ | ୧୯ | ୦.୬୫୦ | ୦.୧୨୦ | ଶାରଦ-୨ | ସିଦ୍ଧେଶ୍ୱର ବାଘ, ପି- ରାଜନ ବାଘ |
| ୩୮ | | ୪୮ | ୦.୩୧୦ | ୦.୨୫୦ | ଶାରଦ-୩ | |
| ୩୯ | | ୬୫ | ୦.୩୧୦ | ୦.୩୧୦ | ଶାରଦ-୨ | |
| ୪୦ | ୧୬ | ୨୫୦ | ୦.୩୦୦ | ୦.୨୫୦ | ଶାରଦ-୨ | ସୁବାସ ବାଘ, ହରିଶ୍ଚନ୍ଦ୍ର ବାଘ, ଅଭିମନ୍ୟୁ ବାଘ, ପି- ଠାକୁର ବାଘ, ନେପୁର ବାଘ, ସ୍ୱା- ଠାକୁର ବାଘ |
| | | ମୋଟ | ୯.୯୫୦ | ୭.୪୮୦ | | |

| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
|---|---|---|---|---|---|---|
| ୧ | ୭ | ୨୫୩ | ୦.୫୦୦ | ୦.୪୨୦ | ଶାରଦ-୨ | ଦଡରାମ ବାଘ, ପି- ଭୋବନି ବାଘ |
| ୨ | ୧୦ | ୨୬୦ | ୦.୩୩୦ | ୦.୩୩୦ | ଶାରଦ-୨ | ଧନୁସିଂହ ବାଘ, ପି- ରାଜନ ବାଘ |
| ୩. | ୧୫ | ୨୬୬ | ୦.୪୦୦ | ୦.୪୦୦ | ଶାରଦ-୨ | ସିଦ୍ଧେଶ୍ୱର ବାଘ, ପି- ରାଜନ ବାଘ |
| | | ମୋଟ | ୧.୨୩୦ | ୧.୧୫୦ | | |
| | | ବ୍ୟକ୍ତିଗତ ଜମି | | ୭.୪୮୦ | | |
| | | ବ୍ୟକ୍ତିଗତ ଜମିର ଗୋଚର ବଦଳି | | ୧.୧୫୦ | | |
| | | ମୋଟ | | ୮.୬୩୦ | | |

ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ,
24009/14/0031/1819 ଖୋରଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ

# ବନବିଭାଗ ତରଫରୁ ଏଲ୍‌ପିଜି ଗ୍ୟାସ ବିତରଣ

ଡାବୁଗାଁ ,୪।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ଡାବୁଗାଁ ସେକସନ ଅଧୀନ ଜାମୁଗୁଡା ଗ୍ରାମରେ ନବରଙ୍ଗପୁର ବନଖଣ୍ଡ ତରଫରୁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଏଲପିଜି ଗ୍ୟାସ ବିତରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାମୁଗୁଡା ଓ ବିଜାପୁର ବନ ସୁରକ୍ଷା ସମିତିର ହିତାଧିକାରୀ ମାନଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା । ଚାଟିଗୁଡା ପଞ୍ଚାୟତ ସରପଞ୍ଚ ପଦ୍ମିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରିଥିଲେ । ଏଠାରେ ଜାମୁଗୁଡା ଗ୍ରାମର ମୋଟ ୪୦ ଜଣ ଓ ବିଜାପୁର ଗ୍ରାମର ମୋଟ ୧୦ ଜଣ ହିତାଧିକାରୀଙ୍କୁ ଏଲପିଜି ଗ୍ୟାସ ବଣ୍ଟନ କରାଯାଇଛି । ଏଥିରେ ଚାଟିଗୁଡା ପଞ୍ଚାୟତ ସମିତିସଭ୍ୟ ଦଶରଥ ଭତ୍ରା, ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ଗିତାରାଣୀ ବିଶ୍ୱାସରାୟ ଓ ମନୋରଞ୍ଜନ ନାୟକ, ବନ ସୁରକ୍ଷା ସମିତି ସଭାପତି ଘନ ମାଝୀ, ଆମ ଜଙ୍ଗଲ ଯୋଜନା କର୍ମଚାରୀ କୃପାଦାସ ମହୁରିଆ, ହରିହର ନାୟକ ଓ ହିତାଧିକାରୀ ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ କଲିକତା

ତେନ୍ତୁଳିଖୁଣ୍ଟି,୪।୧୧(ଡି.ଏନ.ଏ)



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତାରେ ଚାଲିଥିବା ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟରେ ସେମିଫାଇନାଲ ମ୍ୟାଚ କଲିକତା ଓ ମୁମ୍ବାଇ ମଧ୍ୟରେ ହୋଇଥିଲା। ମୁମ୍ବାଇ ଦଳକୁ କଲିକତା ଦଳ ୨-୦ ଗୋଲରେ ପରାସ୍ତ କରିଛି। କଲିକତା ଦଳ ଫାଇନାଲରେ ସୋମବାର ଭୁବନେଶ୍ୱର ଦଳକୁ ଭେଟିବ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସଦନ ନାୟକ, ସମ୍ମାନିତ ଅତିଥି ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତ୍ରା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଯୁବ କଂଗ୍ରେସ ସମ୍ପାଦକ ଫିରୋଜ ଅବଦୁଲ, ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ସିଂ, ବିପିନ ଟାକ୍ରି, ଦୁର୍ଲଭ କନ୍ଧ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ତନୟ ସାଗର ନାୟକ, ପ୍ରଦୀପ ବେପାରୀ, ତୀର୍ଥଚରଣ ନାୟକ, ସିମିୟନ ବେପାରୀ ପ୍ରମୁଖଙ୍କ ମ୍ୟାଚ ପରିଚାଳନା କରିଥିଲେ।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No. L.A IX-2/2017/14051 Dated 04.09.18

No.-XXXIII-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗାଡକଣ, ଥାନା- ନିଉ କ୍ୟାପିଟାଲ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ଜିଲ୍ଲାର ଡମଣା ସ୍କୋୟାର ଠାରୁ ନେତାଜୀ ସୁଭାଷ ଏନକ୍ଲେଭ ପର୍ଯ୍ୟନ୍ତ ୧୦୦ ଫୁଟ ଓସାରିଆ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୭ ତା୧୧।୦୬।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଗାଡକଣ, ଥାନା- ନିଉ କ୍ୟାପିଟାଲ, ଜିଲ୍ଲା- ଖୋର୍ଦ୍ଧାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଡକଣ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୭୯୫ | ୦.୫୭୧ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଖୋର୍ଦ୍ଧା ତହସିଲ: ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୦।୦୬।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା

ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ମୌଜା- ଗାଡକଣ ଜିଲ୍ଲା- ଖୋର୍ଦ୍ଧା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗାଡକଣ | ସହରାଞ୍ଚଳ | ୯୫୬ | ୨୮୧ | ଘରବାରି | ୦.୦୫୦ | ୦.୦୦୬ | ଗୋବିନ୍ଦ ଚନ୍ଦ୍ର ସାହୁ, ପିତା- ବାଞ୍ଛାନିଧି ସାହୁ, ଗ୍ରା- ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର |
| | | ୭୪୫ | ୨୮୨ | ବଗାୟତ-୨ | ୦.୨୦୦ | ୦.୧୮୬ | କୈଳାଶ ଚନ୍ଦ୍ର ଜେନା, ବୈକୁଣ୍ଠନାଥ ଜେନା, ପିତା- କୃଷ୍ଣଚନ୍ଦ୍ର ଜେନା, ଉଗ୍ରସେନ ଜେନା, ପିତା- ଚିନ୍ତାମଣି ଜେନା, ଚକ୍ରଧର ଜେନା, ପିତା- ଜୟକୃଷ୍ଣ ଜେନା, ଶ୍ୟାମସୁନ୍ଦର ଜେନା, ପିତା- ବନମାଳୀ ଜେନା, ଗ୍ରା- ଗାଡକଣ, ମଞ୍ଚେଶ୍ୱର, ଭୁବନେଶ୍ୱର |
| | | | ୨୮୭ | ବଗାୟତ-୨ | ୧.୧୫୦ | ୦.୧୨୪ | |
| | | | ୨୯୯ | ରାସ୍ତା | ୦.୨୨୦ | ୦.୦୨୦ | |
| | | | ୩୨୦ | ବଗାୟତ-୨ | ୦.୨୮୫ | ୦.୦୧୬ | |
| | | ୧୨୯୮ | ୨୮୩ | ବଗାୟତ-୨ | ୦.୦୮୫ | ୦.୦୪୮ | ତ୍ରିଲୋଚନ ମଲ୍ଲିକ, ପିତା- ରାମଚନ୍ଦ୍ର ମଲ୍ଲିକ, ଗ୍ରା- ଟିମୋର, ଥାନା- କାକଟପୁର, ଜିଲ୍ଲା- ପୁରୀ |
| | | ୪୪୨୭ | ୨୮୪ | ବଗାୟତ-୨ | ୦.୪୮୦ | ୦.୦୩୨ | ଶୁଭ୍ରାସୀମା ନାୟକ, ସ୍ୱା- ଦୀପକ କୁମାର ନାୟକ, ଗ୍ରା- ଦେଉଳା, ଥାନା- ତିହିଡି, ଜିଲ୍ଲା- ଭଦ୍ରକ |
| | | ୩୪୯୪ | ୨୯୮ | ବଗାୟତ-୨ | ୦.୦୭୦ | ୦.୦୪୦ | ରହେନା ଖାତୁନ, ସ୍ୱା- ଅବଦୁଲ ଅଲ୍ଲି, ଗ୍ରା-ଏନ-୨/୮୨, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର |
| | | ୧୮୮ | ୩୦୬ | ବଗାୟତ-୨ | ୦.୦୭୦ | ୦.୦୩୭ | ଅମୀୟ ଶଙ୍କର ମଜୁମଦାର, ପିତା- ହଳଧର ମଜୁମଦାର, ଗ୍ରା- ଧୂମାତ ପଟନା, ଜିଲ୍ଲା- କେନ୍ଦ୍ରାପଡା |
| | | ୪୧୫୦ | ୩୦୭ | ଘରବାରି | ୦.୧୨୫ | ୦.୦୩୦ | ସବିତା ସିଂ, ସ୍ୱା- ଅବନୀନ୍ଦ୍ର ସିଂ, ଫ୍ଲାଟ ନଂ.-୬, ୮ ଲର୍ଡ ସିହ୍ନା ରୋଡ, କଲିକତା |
| | | ୩୭୨୫ | ୩୧୩ | ଘରବାରି | ୦.୦୬୦ | ୦.୦୩୨ | ଶକୁନ୍ତଳା ମିଶ୍ର, ସ୍ୱା- ବିରଜା ଶଙ୍କର ମିଶ୍ର, ପ୍ଲଟ ନଂ.- ୩୧, ଅଶୋକ ନଗର, ଭୁବନେଶ୍ୱର |
| | | | | | | ମୋଟ ୦.୫୭୧ | |

24013/14/0011/1819 ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT

No.793-B

E-mail: ceroads.bbsr@gmail.com

**Bid Identification No. CE-DPI & R-49/2018-19**

1. The Chief Engineer (DPI & Roads), Odisha on behalf of Governor of Odisha invites **percentage rate bids** in double cover system in **ONLINE MODE** form eligible contractors for Road/ Bridge works as mentioned below:
2. Nature of work : Bridge works
3. No. of work : 3 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 14.11.2018 to 5.00 PM of 04.12.2018
7. Date of opening of Bid : Dt.05.12.2018 at 11.30 AM
8. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum / corrigendum / cancellation of tender can also be seen in the said website.

34117/11/0137/1819 **OSD-cum-Chief Engineer (DPI & Roads), Odisha**

## DISTRICT EDUCATION OFFICE, GANJAM, BERHAMPUR

Letter No. 16267 Dated : 02.11.2018

### ADVERTISEMENT
**ENGAGEMENT OF JUNIOR CLERK-CUM-ACCOUNTANT IN ODISHA ADARSHA VIDYALAYAS OF GANJAM DISTRICT**

Pursuant to Advt. No. 9451 Dated : 20.07.2018, the application forms received from candidates are available in the District Website www.ganjam.nic.in in two list-Draft Eligible list and Draft Ineligible List. The candidates are directed to go through the lists and the file their objections if any in the prescribed form (Attached) with relevant enclosures in person at Govt. Queen of the Mission High School, Babajitota Street, Near City Hospital, Berhampur or by post before 16.11.2018. Objections received after Date : 16.11.2018 will not be entertained. The candidates are also directed to go through the detail instructions available in the website.

**Sd./- District Education Officer**
**Ganjam, Berhampur**

GOVERNMENT OFODISHA

## OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA

**INVITATION FOR BIDS (SHORT NOTICE)**

No.950-O:- **eerw_kendraparat@yahoo.co.in**

**'E' PROCUREMENT NOTICE NO.RWD-II/KPD-06/18-19 DTD 30.10.2018.**

| | | | |
|---|---|---|---|
| 1. | Name of work | : | Construction of building and repair of road work in the District of Kendrapara for the year 2018-19. |
| 2. | Total No. of road | : | 1 No. of road & 1 No. of Building |
| 3. | Estimated Cost | : | Rs. 51.86 lakhs & 61.88 lakhs |
| 4. | Period of Completion | : | 4 (Four) months to 9 (Nine) Months |
| 5. | Class of contactors | : | A & B class |
| **Other details as follows:** | | | |
| a) | Procurement officer | : | Executive Engineer Rural Works Division-II, Kendrapara |
| b) | Availability of tender online & submission of bid | : | 08.11.2018 at 11.00 A.M. to 22.11.2018 upto 5.00 P.M. |
| c) | Last date & time of seeking of tender clarification | : | 20.11.2018 upto 5.00 P.M. |
| d) | Opening of Technical Bid | : | 24.11.2018 at 11.00 A.M. |
| e) | Opening of Financial Bid | | 29.11.2018 at 11.00 A.M. |

Further details can be seen from the Govt. website www.tendersorissa.gov.in.

**Executive Engineer,**
**Rural Works Division-II,**
**Kendrapara**

**25098/11/0012/1819**

GOVERNMENT OF ODISHA
RURAL WATER SUPPLY & SANITATION ORGANISATION

## OFFICE OF THE EXECUTIVE ENGINEER RWS&S DIVISION DHENKANAL

E-mail- eerwss-dkl@nic.in

INVITATIONS FOR BIDS THROUGH e-Procurement

**Bid Identification No – 16/E.E/RWSS/2018-19/ Dhenkanal/Dt. 25.10.2018**

**No.925-O:-** The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.
Nature of Work: - Execution of Rural Piped Water Supply Schemes & Const. of ESR in Different Blocks under Dhenkanal District.

| | | | |
|---|---|---|---|
| 1. | No. of Tenders | : | 13 Nos. |
| 2. | Tender Paper Cost | : | 6,000/- to 10,000/- (Online Mode) |
| 3. | Value of work | : | 16.50 Lakh to 481.85 Lakh |
| 4. | Class of Contractor | : | D, C, B, A & Special Class |
| 5. | Date & time of availability of bid document in portal | : | 08.11.2018 at 11.00 A.M 22.11.2018 Up to 5.00 P.M |
| 6. | Date & time of seeking tender clarification | : | 19.11.2018 up to 05.00 P.M |
| 7. | Date & time of opening of tender | : | 24.11.2018 at 11.00 A.M in the office of the Executive Engineer, RWS&S Division, Dhenkanal. |
| 8. | Time of completion | : | Four Months to Eight Months |
| 9. | The bidders have to participate in online biding only. Further details can be seen from the website https://www.tendersorissa.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer,**
**RWS&S Division, Dhenkanal**

25029/11/0009/1819

## ଓଡ଼ିଶା ସରକାର
## ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**File No. XIV-16/2018 706 dated 16.08.18**

**No.XXXV-36:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୁରା, ଥାନା-ଦଶପଲ୍ଲା ନଂ-୧୭୧, ତହସିଲ-ଦଶପଲ୍ଲା, ଜିଲ୍ଲା-ନୟାଗଡ଼ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୯୯୭ ତା୧୮।୦୮।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗୁରା, ଥାନା-ଦଶପଲ୍ଲା ନଂ-୧୭୧, ଜିଲ୍ଲା-ନୟାଗଡ଼ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ଏହା ମଧ୍ୟ ଜିଲ୍ଲା ୱେବସାଇଟ www.nayagarh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ନୟାଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ନୟାଗଡ଼ ତହସିଲ: ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୯.୧୪୦ | ୧୪.୦୯୦ | ଏଥି ସହିତ ସଂଲଗ୍ନ |

ତଫସିଲ-ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ନୟାଗଡ଼ ତହସିଲ: ଦଶପଲ୍ଲା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରା | ଗ୍ରାମାଞ୍ଚଳ | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ଦ୍ରୌପଦୀ ନାଏକ, ସ୍ୱା: ତ୍ରିନାଥ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ପୁନିଆ ନାଏକ, ପି: ମହାରଥି ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ରମାକାନ୍ତ ନାଏକ, ପି: ପୁନିଆ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ନମିତା ନାଏକ, ପି: ପୁନିଆ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ସନ୍ୟାସୀ ମଲ୍ଲିକ, ପି: କନିଷ୍ଠ ମଲ୍ଲିକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ବୁଧୁବାରୀ ମଲ୍ଲିକ, ପି: କନିଷ୍ଠ ମଲ୍ଲିକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ନିତ୍ୟାନନ୍ଦ ନାଏକ |
| | | ୬୮ | ୨୪ | ପତିତ | ୦.୮୦୦ | ୦.୧୦୦ | ମଳୟ ନାଏକ, ପି: ନିତ୍ୟାନନ୍ଦ ନାଏକ |

ଅଧିସୂଚନାର ବୈଧ ତାରିଖ:-

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ନୟାଗଡ଼

### ଜମିର ତାଲିକା

ଗ୍ରାମ: ଗୁରା, ତହସିଲ: ଦଶପଲ୍ଲା, ଥାନା: ଦଶପଲ୍ଲା ନଂ-୧୭୧, ଜିଲ୍ଲା: ନୟାଗଡ଼

ବ୍ୟକ୍ତିଗତ ଜମି:-

| କ୍ରମିକ ସଂଖ୍ୟା | ଖତିଆନ ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୨୧୭ | ୦.୧୪୦ | ୦.୧୪୦ | ଶାରଦ-୨ | ଅନନ୍ତ ମଲ୍ଲିକ, ପି: ନିଧି ମଲ୍ଲିକ, ବା: ଗୁରା |
| ୨ | | ୨୨୩ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୩ | | ୨୩୬ | ୦.୦୫୦ | ୦.୦୫୦ | ଶାରଦ-୩ | |
| ୪ | | ୨୩୭ | ୦.୦୭୦ | ୦.୦୪୦ | ତଲା-୨ | |
| ୫ | ୬ | ୩୧୪ | ୦.୦୪୦ | ୦.୦୧୦ | ଶାରଦ-୨ | ଉଦ୍ୟନାଥ ନାଏକ, ନଖିଆ ନାଏକ, ପି: ଧ୍ରୁବର ନାଏକ, ମହାରଥା ନାଏକ, କାର୍ତ୍ତିକ ନାଏକ, ପି: ବୈରାଗୀ ନାଏକ |
| ୬ | ୭ | ୨୨୦ | ୦.୨୬୦ | ୦.୨୬୦ | ଶାରଦ-୨ | କନିଷ୍ଠ ମଲ୍ଲିକ, ପି: ଦୁତିଆ ମଲ୍ଲିକ |
| ୭ | ୬୨/୪୦୧୦ | ୧୩୩ | ୦.୩୩୦ | ୦.୦୭୦ | ତଲା-୨ | କାଶୀନାଥ ନାଏକ, ତ୍ରିଲୋଚନ ନାଏକ, ପଞ୍ଚାନନ ନାଏକ, ପି: ପୁରସ୍ତମ ନାଏକ, ଭାନୁ ନାଏକ, ସ୍ୱା: ପୁରସ୍ତମ ନାଏକ, ଉପେନ୍ଦ୍ର ନାଏକ, ନରେନ୍ଦ୍ର ନାଏକ, ପି: ଗୋବର୍ଦ୍ଧନ ନାଏକ, ଜେମା ନାଏକ, ସ୍ୱା: ଗୋବର୍ଦ୍ଧନ ନାଏକ |
| ୮ | | ୧୨୬ | ୧.୩୩୦ | ୦.୬୦୦ | ଶାରଦ-୧ | ଗଣେଶ ବେହେରା, ପି: ପୂର୍ଣ୍ଣଚନ୍ଦ୍ର ବେହେରା, ମଞ୍ଜୁ ବେହେରା, ସ୍ୱା: ଗଣେଶ ବେହେରା |
| ୯ | | ୩୦୪ | ୦.୨୭୦ | ୦.୨୭୦ | ତଲା-୨ | |
| ୧୦ | | ୧୨୬/ ୯୬୧ | ୦.୨୫୦ | ୦.୨୫୦ | ଶାରଦ-୧ | |
| ୧୧ | | ୧୩୨/ ୯୬୨ | ୦.୭୫୦ | ୦.୧୪୦ | ତଲା-୨ | |
| ୧୨ | ୧୮ | ୧୩୫ | ୧.୯୧୦ | ୦.୪୦୦ | ତଲା-୨ | ଜୟ ଜାନି, ପି: ମହାପାତ୍ର ଜାନି |
| ୧୩ | | ୧୫୦ | ୦.୦୪୦ | ୦.୦୪୦ | ଶାରଦ-୩ | |
| ୧୪ | | ୧୫୧ | ୦.୦୨୦ | ୦.୦୨୦ | ଶାରଦ-୨ | |
| ୧୫ | | ୩୦୧ | ୦.୦୮୦ | ୦.୦୮୦ | ତଲା-୨ | |
| ୧୬ | | ୧୩୭ | ୨.୩୬୦ | ୦.୫୨୦ | ତଲା-୧ | |
| ୧୭ | | ୩୦୨ | ୦.୩୦୦ | ୦.୩୦୦ | ତଲା-୨ | |
| ୧୮ | ୨୩ | ୨୩୦ | ୦.୨୩୦ | ୦.୧୩୦ | ତଲା-୨ | ଦୀନବନ୍ଧୁ ମଲ୍ଲିକ, ପି: ସୁନାସାରୀ ମଲ୍ଲିକ, ନିକିତା ମଲ୍ଲିକ, ସ୍ୱା: ସୁନାସାରୀ ମଲ୍ଲିକ |
| ୧୯ | | ୨୩୧ | ୦.୩୬୦ | ୦.୧୮୦ | ପତିତ | |
| ୨୦ | | ୨୩୩ | ୦.୨୨୦ | ୦.୦୮୦ | ତଲା-୨ | |
| ୨୧ | | ୨୧୬ | ୦.୧୪୦ | ୦.୧୪୦ | ଶାରଦ-୩ | |
| ୨୨ | | ୨୧୯ | ୦.୧୦୦ | ୦.୧୦୦ | ଶାରଦ-୨ | |
| ୨୩ | | ୨୨୨ | ୦.୦୬୦ | ୦.୦୬୦ | ଶାରଦ-୨ | |
| ୨୪ | | ୨୨୬ | ୦.୦୫୦ | ୦.୦୫୦ | ଶାରଦ-୨ | |
| ୨୫ | | ୨୪୫ | ୦.୨୨୦ | ୦.୧୫୦ | ତଲା-୨ | |
| ୨୬ | | ୩୦୬ | ୦.୧୦୦ | ୦.୧୦୦ | ତଲା-୨ | |
| ୨୭ | | ୩୦୭ | ୦.୨୨୦ | ୦.୨୨୦ | ଶାରଦ-୧ | |
| ୨୮ | ୨୭ | ୧୫୩ | ୦.୪୦୦ | ୦.୨୪୦ | ଶାରଦ-୩ | ନରହରି ମଲ୍ଲିକ, କିଶୋର ମଲ୍ଲିକ, ପି: ରାମ ସିଂହ ମଲ୍ଲିକ, ମଇଁଧା ମଲ୍ଲିକ, ସ୍ୱା: ରାମ ସିଂହ ମଲ୍ଲିକ, ପ୍ରମୋଦ କୁମାର ମଲ୍ଲିକ, ପି: ଝପଟ ମଲ୍ଲିକ, ସୁଲୋଚନା ମଲ୍ଲିକ, ସ୍ୱା: ଝପଟ ମଲ୍ଲିକ |
| ୨୯ | ୩୦ | ୨୨୯ | ୦.୬୯୦ | ୦.୬୯୦ | ଶାରଦ-୨ | ପରମେଶ୍ୱର ମଲ୍ଲିକ, ବିଶ୍ୱମ୍ବର ମଲ୍ଲିକ, ପି: ରାଘବ ମଲ୍ଲିକ, ଚନ୍ଦ୍ର ମଲ୍ଲିକ, ପି: ଖଗେଶ୍ୱର ମଲ୍ଲିକ, ମହାରାଜି ମଲ୍ଲିକ, ସ୍ୱା: ଖଗେଶ୍ୱର ମଲ୍ଲିକ |
| ୩୦ | ୩୧ | ୨୨୧ | ୦.୧୪୦ | ୦.୧୪୦ | ଶାରଦ-୨ | ପାରେଶ୍ୱର ମଲ୍ଲିକ, ପି: ଦଶନାମ ମଲ୍ଲିକ |
| ୩୧ | | ୨୩୫ | ୦.୦୯୦ | ୦.୦୬୦ | ତଲା-୨ | |
| ୩୨ | | ୨୪୧ | ୦.୧୫୦ | ୦.୧୧୦ | ତଲା-୨ | |
| ୩୩ | | ୨୪୨ | ୦.୧୩୦ | ୦.୦୭୦ | ତଲା-୨ | |
| ୩୪ | ୩୩ | ୩୦୮ | ୦.୨୦୦ | ୦.୨୦୦ | ଶାରଦ-୧ | ବିଜୟ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ, ପି: ବୈଷ୍ଣବ ଚରଣ ପ୍ରଧାନ |
| ୩୫ | | ୩୦୯ | ୦.୨୭୦ | ୦.୨୭୦ | ପତିତ | |
| ୩୬ | | ୩୧୦ | ୦.୧୭୦ | ୦.୧୭୦ | ଶାରଦ-୧ | |
| ୩୭ | | ୩୧୧ | ୦.୧୭୦ | ୦.୧୦୦ | ପତିତ | |
| ୩୮ | | ୩୧୩ | ୦.୧୪୦ | ୦.୧୪୦ | ଶାରଦ-୨ | |
| ୩୯ | | ୩୨୧ | ୩.୨୫୦ | ୦.୦୭୦ | ଶା.ଦୋ.ଫ-୧ | |
| ୪୦ | | ୩୨୨ | ୦.୦୭୦ | ୦.୦୭୦ | ନାଳ | |
| ୪୧ | | ୩୨୪ | ୦.୩୧୦ | ୦.୩୧୦ | ପତିତ | |
| ୪୨ | | ୩୨୫ | ୦.୦୭୦ | ୦.୦୭୦ | ତଲା-୧ | |
| ୪୩ | | ୩୨୬ | ୦.୯୬୦ | ୦.୮୫୦ | ଶା.ଦୋ.ଫ-୨ | |
| ୪୪ | | ୩୨୮ | ୦.୬୭୦ | ୦.୨୨୦ | ଶା.ଦୋ.ଫ-୧ | |
| ୪୫ | ୩୭ | ୨୩୮ | ୦.୦୮୦ | ୦.୦୫୦ | ତଲା-୨ | ଭାବଗ୍ରାହୀ ମଲ୍ଲିକ, ତୋଫାନ ମଲ୍ଲିକ, ପି: ପ୍ରହ୍ଲାଦ ମଲ୍ଲିକ, ପଞ୍ଚାନନ ମଲ୍ଲିକ, ରାଧା ମଲ୍ଲିକ, ପି: ବାହାନ ମଲ୍ଲିକ, ହାରାବତୀ ମଲ୍ଲିକ, ସ୍ୱା: ବାହନ ମଲ୍ଲିକ |
| ୪୬ | ୩୯ | ୩୨୭/ ୯୭୫ | ୦.୧୩୦ | ୦.୧୩୦ | ଶାରଦ-୧ | ମନୋରଞ୍ଜନ ପ୍ରଧାନ, ପି: ନରୋତ୍ତମ ପ୍ରଧାନ |
| ୪୭ | ୪୨ | ୩୨୭ | ୦.୩୦୦ | ୦.୦୯୦ | ଶା.ଦୋ.ଫ-୨ | ମୃତ୍ୟୁଞ୍ଜୟ ପ୍ରଧାନ, ପି: ନରୋତ୍ତମ ପ୍ରଧାନ |
| ୪୮ | ୪୫ | ୨୫୪ | ୦.୦୬୦ | ୦.୦୬୦ | ରାସ୍ତା | ରସବତୀ ଜାନି, ସ୍ୱା: ମହାରଥା ଜାନି |
| ୪୯ | | ୨୫୫ | ୦.୩୧୦ | ୦.୩୧୦ | ଶାରଦ-୨ | |
| ୫୦ | | ୨୫୭ | ୦.୪୬୦ | ୦.୪୬୦ | ତଲା-୨ | |
| ୫୧ | | ୨୫୮ | ୦.୧୧୦ | ୦.୦୧୦ | ଘରବାରି | |
| ୫୨ | | ୨୬୩ | ୦.୦୪୦ | ୦.୦୧୦ | ରାସ୍ତା | |
| ୫୩ | | ୨୯୯ | ୦.୪୬୦ | ୦.୩୧୦ | ଶାରଦ-୨ | |
| ୫୪ | ୫୦ | ୨୪୬ | ୦.୪୧୦ | ୦.୨୯୦ | ତଲା-୨ | ରୁଷି ମଲ୍ଲିକ, ଜଗଦିଶ ମଲ୍ଲିକ, ପି: ଧନପତି ମଲ୍ଲିକ, ଶୁକୁମାରୀ ମଲ୍ଲିକ, ସ୍ୱା: ଧନପତି ମଲ୍ଲିକ, ଅପନା ମଲ୍ଲିକ, ପି: ଉର୍ଦ୍ଧ ମଲ୍ଲିକ |
| ୫୫ | ୫୧ | ୨୦୧ | ୦.୧୬୦ | ୦.୧୬୦ | ଶାରଦ-୨ | ରୁଷି ମଲ୍ଲିକ, ଜଗଦିଶ ମଲ୍ଲିକ, ପି: ଧନପତି ମଲ୍ଲିକ |
| ୫୬ | | ୨୨୪ | ୦.୦୨୦ | ୦.୦୨୦ | ଶାରଦ-୨ | |
| ୫୭ | | ୨୨୫ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୫୮ | ୫୪ | ୨୫୦ | ୦.୨୦୦ | ୦.୧୬୦ | ପତିତ | ସଂକୀର୍ତ୍ତନ କୁଅଁର, ପି: ପରମେଶ୍ୱର କୁଅଁର |
| ୫୯ | | ୨୫୬ | ୦.୨୩୦ | ୦.୧୮୦ | ଘରବାରି | |
| ୬୦ | | ୨୯୫ | ୦.୧୮୦ | ୦.୦୨୦ | ତଲା-୨ | |
| ୬୧ | | ୩୦୦ | ୧.୧୫୦ | ୧.୦୦୦ | ପତିତ | |
| ୬୨ | ୫୬ | ୧୯୫ | ୦.୬୬୦ | ୦.୨୦୦ | ଶାରଦ-୨ | ସାଧବ ଜାନି: ପି: ବେନୁ ଜାନି |
| ୬୩ | | ୨୫୨ | ୦.୧୭୦ | ୦.୧୭୦ | ତଲା-୨ | |
| ୬୪ | | ୨୫୩ | ୦.୦୬୦ | ୦.୦୬୦ | ରାସ୍ତା | |
| ୬୫ | | ୪୩୯ | ୦.୧୦୦ | ୦.୦୧୦ | ଶାରଦ-୨ | |
| ୬୬ | ୫୭ | ୨୧୧ | ୦.୭୭୦ | ୦.୦୫୦ | ତଲା-୨ | ଶ୍ରୀପତି ବେହେରା, ବାସୁମତି ବେହେରା, ଆସୁମତି ବେହେରା, ପି: କରୁଣା ବେହେରା, କଇନା ବେହେରା, ସ୍ୱା: କରୁଣା ବେହେରା |
| ୬୭ | ୬୨/୪ | ୧୨୭ | ୦.୧୪୦ | ୦.୧୦୦ | ଶାରଦ-୧ | ବିରଞ୍ଚି ମଲ୍ଲିକ, ପି: ଭାର୍ଜନ ମଲ୍ଲିକ |
| ୬୮ | | ୧୨୮ | ୦.୪୧୦ | ୦.୨୭୦ | ଶାରଦ-୨ | |
| ୬୯ | ୬୨/୭ | ୨୦୨ | ୦.୫୯୦ | ୦.୩୪୦ | ତଲା-୨ | ସୂର୍ଯ୍ୟମଣି ସାହୁ, ପି: ମଦନ ସାହୁ |
| ୭୦ | | ୨୦୩/ ୯୮୪ | ୦.୪୧୦ | ୦.୦୮୦ | ଶାରଦ-୨ | |
| ୭୧ | ୬୨/୩୫ | ୨୦୦ | ୦.୧୬୦ | ୦.୧୬୦ | ଶାରଦ-୨ | କୃଷ୍ଣଚନ୍ଦ୍ର ମିଶ୍ର, ପି: ଗୋବର୍ଦ୍ଧନ ମିଶ୍ର |
| ୭୨ | | ୪୪୦ | ୦.୫୫୦ | ୦.୦୭୦ | ଶାରଦ-୨ | |
| ୭୩ | ୬୨/୭୩ | ୨୧୩ | ୦.୨୮୦ | ୦.୧୮୦ | ଶାରଦ-୨ | ବିଦେଶୀ ଓରଫ ବିଦ୍ୟାଧର ସାହୁ, ପି: ଉଦ୍ୟନାଥ ସାହୁ |
| ୭୪ | | ୨୧୪ | ୦.୪୫୦ | ୦.୪୫୦ | ତଲା-୨ | |
| ୭୫ | | ୨୧୫ | ୦.୦୪୦ | ୦.୦୪୦ | ପତିତ | |
| ୭୬ | | ୨୨୭ | ୦.୨୧୦ | ୦.୨୧୦ | ପତିତ | |
| ୭୭ | ୬୨/୭୮ | ୨୬୦ | ୦.୧୮୦ | ୦.୦୧୦ | ତଲା-୨ | ଅଭିମନ୍ୟୁ ନାୟକ, ଶାନ୍ତନୁ କୁମାର ନାୟକ, ପି: ରାହାସ ବିହାରୀ ନାୟକ |
| ୭୮ | ୬୨/୭୯ | ୧୫୨ | ୦.୧୩୦ | ୦.୧୩୦ | ଶାରଦ-୨ | ରମେଶ ନାଏକ, ପି: ବିଶ୍ୱନାଥ ନାଏକ |
| | | ମୋଟ:- | ୨୯.୪୧୦ | ୧୪.୦୯୦ | | |

24009/14/0026/1819 ସ୍ୱା./- ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ଖୋରଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ନୟାଗଡ଼

# ଡେଉଁ ନ ଥିବା ରୋଗ



ଡା. ଅନନ୍ତ କୁମାର ଆଚାର୍ଯ୍ୟ

ଦିନଥିଲା ଡିଆଁ ରୋଗରେ ଆକ୍ରାନ୍ତ ହୋଇ ଶହଶହ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଥିଲେ, ମାତ୍ର ଏବେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ତଥା ସରକାରୀ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଦ୍ୱାରା ଏଥିରେ ଯଥେଷ୍ଟ ହ୍ରାସ ଘଟିଛି। କିନ୍ତୁ ଏମିତି କେତେକ ରୋଗ ଅଛି, ଯାହା ଜଣକଠାରୁ ଅନ୍ୟକୁ ଡିଏଁ ନାହିଁ। ତନ୍ମଧ୍ୟରୁ ମଧୁମେହ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, କର୍କଟ, ସ୍ନାୟୁ ଓ ମସ୍ତିଷ୍କସ୍ରାବଜନିତ ରୋଗ, ପୃଥୁଳତା, ଶ୍ୱାସ, ମୋତିଆବିନ୍ଦୁ, ଅର୍ଶ, କିଡ୍‌ନୀ ରୋଗ ଇତ୍ୟାଦି ଅନ୍ୟତମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଭାରତରେ ସମୁଦାୟ ମୃତ୍ୟୁର ଶତକଡା ୬୦ଭାଗ ମୃତ୍ୟୁ ଏହି ଅଣସଂକ୍ରାମକ ରୋଗ ଦ୍ୱାରା ହିଁ ହୋଇଥାଏ। ଡେଉଁ ନ ଥିବା ରୋଗ ବା ଅଣସଂକ୍ରାମକ ରୋଗକୁ ମୁଖ୍ୟତଃ ବ୍ୟକ୍ତିଗତ ଜୀବନଶୈଳୀ ସଂପର୍କିତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। କମ୍‌ମାତ୍ରାରେ ଶାରୀରିକ ପରିଶ୍ରମ, ମଦ୍ୟପାନ, ତମାଖୁସେବନ, ଅତ୍ୟଧିକ ଚିନ୍ତାଗ୍ରସ୍ତହେବା, ଫାଷ୍ଟଫୁଡ୍ ସେବନ, ଫଳ-ପନିପରିବା କମ୍ ଖାଇବା, ଅତ୍ୟଧିକ ଲୁଣ ଓ ତୈଳଯୁକ୍ତ ଖାଦ୍ୟସେବନ, ରାତିଅନିଦ୍ରା, ଅନିୟମିତ ଖାଦ୍ୟଗ୍ରହଣ ଓ ମେଦବହୁଳତା କାରଣରୁ ହୋଇଥାଏ। ତେଣୁ ପ୍ରତ୍ୟେକଙ୍କର ଏହି ରୋଗଗୁଡିକ ବିଷୟରେ ସଚେତନତା ସୃଷ୍ଟି ହେଲେ ରୋଗୀ ସଂଖ୍ୟା ଓ ରୋଗର ପ୍ରାଦୁର୍ଭାବକୁ ନିୟନ୍ତ୍ରଣରେ ରଖାଯାଇପାରିବ। ସେଗୁଡିକରୁ କେତେକ ଆଲୋଚନା କରିବାକୁ ଉଚିତ ମନେକରୁଛି।

**ମଧୁମେହ:** ମଧୁମେହ ଦ୍ୱାରା ଆକ୍ରାନ୍ତ ହେଲେ ବାରମ୍ବାର ପରିସ୍ରା ହେବା, ଅଧିକ ଶୋଷଲାଗିବା, ଅଧିକ ଭୋକଲାଗିବା, ହାଲିଆ ଲାଗିବା, ଦେହର ଘା' ଶୀଘ୍ର ନ ଶୁଖିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ଖାଲିପେଟରେ ରକ୍ତରସ (ପ୍ଲାଜ୍‌ମା) ପରୀକ୍ଷାକଲେ ଶତକଡା ୭୦-୧୧୦ମିଲିଗ୍ରାମ୍ ମଧ୍ୟରେ ନ ରହି ତା'ଠାରୁ ଅଧିକ ରହିଲେ ଏବଂ ଖାଦ୍ୟ ଗ୍ରହଣର ଦୁଇଘଣ୍ଟା ପରେ ରକ୍ତ ପରୀକ୍ଷା କଲେ ରକ୍ତଶର୍କରାର ମାତ୍ରା ୧୫୦ମିଲିଗ୍ରାମ୍‌ରୁ ଅଧିକ ରହିଲେ ମଧୁମେହର ଆଶଙ୍କା କରିପାରିବା।

**ଉଚ୍ଚ ରକ୍ତଚାପ:** ଉଚ୍ଚ ରକ୍ତଚାପରେ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଆଖିକୁ ଭଲ ଦେଖା ନ ଯିବା, ଛାତିରେ ଯନ୍ତ୍ରଣା, ହୃଦ୍‌ଗତିରେ ଅନିୟମିତତା, ଶ୍ୱାସକ୍ରିୟାରେ କଷ୍ଟ, ପରିସ୍ରାରେ ରକ୍ତ ପଡିବା, କୌଣସି ଅଙ୍ଗ ଅଚଳ ହେବା ଏବଂ ଆନୁଷଙ୍ଗିକ ଅନ୍ୟାନ୍ୟ ଲକ୍ଷଣ ଦେଖାଯାଇଥାଏ। ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ରକ୍ତଚାପ ଯଥାକ୍ରମେ ୧୨୦/୮୦ମି.ମି. ପାରଦରୁ ଅଧିକ ରହିଲେ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ ହୁଏ।

**ହୃଦ୍‌ରୋଗ:** ହୃତ୍‌ପିଣ୍ଡ, ଧମନୀ ଓ ଶିରାସମୂହର ଅସ୍ୱାଭାବିକତା ହୃଦ୍‌ରୋଗର ଅନ୍ତର୍ଗତ। ହୃଦରୋଗରେ ଶରୀରର ଜୀବନ ରକ୍ଷାକାରୀ ମୁଖ୍ୟଅଙ୍ଗକୁ ରକ୍ତ ସଂଚାଳନ କାର୍ଯ୍ୟରେ ବାଧା ଉପୁଜିଥାଏ। ପରିଶ୍ରମ କଲେ ଛାତିରେ ଯନ୍ତ୍ରଣା ଏବଂ ବିଶ୍ରାମରେ ଉପଶମ ହେବା ପୁଣି ଏହି ଯନ୍ତ୍ରଣା ବେକ, କାନ୍ଧ ହାତ ଓ ପିଠିକୁ ବ୍ୟାପି ଛାତିରେ ସଙ୍କୋଚନ ଅନୁଭବ ହେଲେ ତାହାକୁ ଆଞ୍ଜାଇନା କୁହାଯାଏ। ସେହିପରି ୩୦ ମିନିଟ୍‌ରୁ ଅଧିକ ଛାତିରେ ଭୀଷଣ ଯନ୍ତ୍ରଣା ଯାହାକି କ୍ରମେ ବାମହାତ ଆଡକୁ ମାଡିଥାଏ ଏବଂ ସାଧାରଣ ପେନ୍‌କିଲର ଦ୍ୱାରା ଉପଶମ ହୁଏ ନାହିଁ। ଏହାସହିତ ଝାଳ ବାହାରିବା, ବାନ୍ତି ଲାଗିବା, ବାନ୍ତି ହେବା ଆଦିକୁ ହୃଦ୍‌ଘାତର କାରଣ ଭାବରେ ନିଆଯାଇଥାଏ।

**କ୍ୟାନ୍‌ସର:** କ୍ୟାନ୍‌ସରର ଲକ୍ଷଣକୁ କେତେକ ବାକ୍ୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସାଧାରଣଭାବେ ବିନା କାରଣରେ ଓଜନ କମିବା, ଥକ୍କାଲାଗିବା, ଜ୍ୱର ଲାଗିରହିବା, ଝାଡାରେ ପରିବର୍ତ୍ତନ, ଅସ୍ୱାଭାବିକ ରକ୍ତସ୍ରାବ, ଶରୀରରେ ଗୁଟୁଳି ଦେଖାଯିବା, ଭାତୁଡି ବା କଳାଜାଇରେ ଆଖିଦୃଶିଆ ପରିବର୍ତ୍ତନ, ଘା' ନ ଶୁଖିବା, ସ୍ୱରରେ ପରିବର୍ତ୍ତନ ହେବା ବା କାଶ ଲାଗି ରହିବା ଇତ୍ୟାଦି ଲକ୍ଷଣ ଲକ୍ଷ୍ୟ କଲେ କ୍ୟାନ୍‌ସର ବୋଲି ସନ୍ଦେହ କରିପାରିବା।

**ଷ୍ଟ୍ରୋକ୍ :** ଷ୍ଟ୍ରୋକ୍‌ର ଆକ୍ଷରିକ ଅର୍ଥ ହେଲା ପ୍ରହାର (ମାଡ)। ଏହି ମାଡ ମସ୍ତିଷ୍କ ଭିତରେ ଥିବା ରକ୍ତବାହୀ ନଳୀରେ ରକ୍ତ ପ୍ରବାହ ବନ୍ଦ କିମ୍ବା ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁଁ ହୋଇଥାଏ। ମସ୍ତିଷ୍କରେ ଶରୀରର ସବୁ ଅଙ୍ଗ ପାଇଁ ସ୍ନାୟବିକ ଅଙ୍ଗ ରହିଛି। ମସ୍ତିଷ୍କରେ ରକ୍ତପ୍ରବାହର ଅସ୍ୱାଭାବିକତା ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇ ପାରାଲିସିସ୍ ହୋଇଯାଇଥାଏ। ଷ୍ଟ୍ରୋକ୍ ହେଲେ ମସ୍ତିଷ୍କ ଆଘାତର ସ୍ଥାନ ଓ ପରିମାଣ ଅନୁସାରେ ଅଧା ଅଙ୍ଗ ଅଚଳ ହୋଇପଡ଼େ। ରୋଗୀ କଥା କହିପାରେ ନାହିଁ, ସ୍ପର୍ଶଶକ୍ତି ନ ଥାଏ, ଲେଖାପଢା କରିପାରେ ନାହିଁ। ମନେରଖିବା ଶକ୍ତି ହ୍ରାସ ପାଏ। ସ୍ଥାନ କାଳ ପାତ୍ର ଜାଣିପାରେ ନାହିଁ। ଗୋଟିଏ ଆଖିରେ ଝାପ୍‌ସା ଦେଖାଯିବା ବା ଆଦୌ ଦେଖା ନ ଯିବା ଜଣାଯାଏ। ଜୋର୍‌ରେ ମୁଣ୍ଡବ୍ୟଥା ହେବା ବା ବେହୋସ୍ ହେବା ଦେଖାଯାଏ।

ଅଣ ସଂକ୍ରାମକ ରୋଗଗୁଡିକ ପାଇଁ ଦୁଇଟି ଜିନିଷ ପ୍ରତି ଧ୍ୟାନ ଦେବାକୁ ହୁଏ। ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଓ ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟୀକରଣ କରି ଚିକିତ୍ସା ବ୍ୟବସ୍ଥା ଗ୍ରହଣକରିବା।

ପ୍ରତିଦିନ ତଟକା ପନିପରିବା, ଋତୁକାଳୀନ ପନିପରିବା ଓ ଫଳ, ଗଜାମୁଗ, ଡାଲି, ଶାଗ ଇତ୍ୟାଦି ଖାଦ୍ୟଭାବେ ଗ୍ରହଣ କରିବା ଉଚିତ୍। ଫାଷ୍ଟଫୁଡ୍, ପ୍ୟାକେଟ୍‌ରେ ମିଳୁଥିବା ଖାଦ୍ୟ, ଅତ୍ୟଧିକ ତେଲଯୁକ୍ତ ଖାଦ୍ୟ, ଅଧିକ ଲୁଣର ବ୍ୟବହାର ବର୍ଜନ କରିବା ଉଚିତ। ପ୍ରତିଦିନ ସୁସ୍ଥ ରହିବା ପାଇଁ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ସୌନ୍ଦର୍ଯ୍ୟବୃଦ୍ଧି, ମାନସିକ ଉଦ୍‌ବେଗ ଓ ଅବସାଦ ଦୂର କରିବା ପାଇଁ ଏବଂ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ନିୟମିତ ବ୍ୟାୟାମ କରିବା ଉଚିତ। ପ୍ରତିଦିନ ଚାଲିବା, ନିଜ କାମ ନିଜେ କରିବା, ଘରକାମ କରିବା, ସାଇକେଲ ଚଳାଇବା, ପହଁରିବା, ବଗିଚା କାମ କରିବା ଇତ୍ୟାଦି ଶାରୀରିକ କାର୍ଯ୍ୟ ଦ୍ୱାରା, ବ୍ୟାୟାମ କାର୍ଯ୍ୟ ମଧ୍ୟ ସାଧିତ ହୋଇଥାଏ। ମଦ୍ୟପାନ, ବିଡି, ସିଗାରେଟ୍, ଗଞ୍ଜେଇ, ଖଇନି, ଭାଙ୍ଗସେବନ ସର୍ବାଦୌ ବର୍ଜନୀୟ। ୪୦ବର୍ଷ ପରେ ସମସ୍ତେ ନିଜ ନିଜର ରକ୍ତ ଶର୍କରା, ରକ୍ତଚାପ, ରକ୍ତଚର୍ବିର ମାନ ନିର୍ଦ୍ଧାରଣ କରାଇ ଉପଦେଶ ଗ୍ରହଣ କରିବା ଉଚିତ। ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ଏଥି ନିମନ୍ତେ ଦେୟମୁକ୍ତ ସମସ୍ତ ଔଷଧ ଓ ସେବା ଉପଲବ୍ଧ। ଆୟୁର୍ବେଦ ଶାସ୍ତ୍ରରେ କୁହାଯାଇଥିବା ଦିନଚର୍ଯ୍ୟା, ଋତୁଚର୍ଯ୍ୟା, ବ୍ୟାୟାମ, ଖାଦ୍ୟଗ୍ରହଣ, ରସାୟନ ସେବନ ଓ ଆଚାର ରସାୟନ ପ୍ରଣୟନ ଓ ଔଷଧ ଦ୍ୱାରା ଅଣସଂକ୍ରାମକ ରୋଗକୁ ଅନେକାଂଶରେ ନିୟନ୍ତ୍ରଣରେ ରଖାଯାଇପାରିବ। ଏଥିନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସକ, ଜନସାଧାରଣ ତଥା ବିଭାଗୀୟ ସମନ୍ୱୟର ଆବଶ୍ୟକତା ରହିଛି।

*- ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ*
*ବଳଦମାଳ, ସୁନ୍ଦରଗଡ଼*
*ମୋ : ୯୪୩୭୨୨୧୭୧୬*



**ପ୍ରତିବର୍ଷ ନଭେମ୍ବର ୫କୁ 'ଜାତୀୟ ଆୟୁର୍ବେଦ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଡେଉଁ ନ ଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଆଲୋଚନା...**

# ପାର୍ବଣଜନିତ ପ୍ରଦୂଷଣ



ଡ. ମାନସ ରଞ୍ଜନ ସେନାପତି

ପାର୍ବଣ ଋତୁରେ ପ୍ରଦୂଷଣର ମାତ୍ରାଧିକ ବୃଦ୍ଧି ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆମ ରାଜ୍ୟରେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା, ଖୁଦୁରୁକୁଣୀ ଓ ସରସ୍ୱତୀ ପୂଜା ପ୍ରାୟତଃ ଛଅମାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ସହସ୍ରାଧିକ ମୃଣ୍ମୟ ମୂର୍ତ୍ତି ପୂଜା ପାଇଥାନ୍ତି। ପୂର୍ବରୁ ମୂର୍ତ୍ତିଗୁଡ଼ିକ କେବଳ ମାଟିରେ ତିଆରି ହେଉଥିଲା ଏବଂ ସେଥିରେ ଜୈବିକ ସୂତ୍ରରେ ପ୍ରସ୍ତୁତ ରଙ୍ଗ ବ୍ୟବହାର ହେଉଥିଲା। ବର୍ତ୍ତମାନ ମୂର୍ତ୍ତିଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିଯୋଗିତା ମନୋଭାବ ଯୋଗୁ ସିମେଣ୍ଟ, ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଏବଂ ଅତ୍ୟଧିକ ମାତ୍ରାରେ ଶସ୍ତା ରାସାୟନିକ ରଙ୍ଗ ବ୍ୟବହୃତ କରାଯାଉଛି। ମୂର୍ତ୍ତି ବିସର୍ଜନ ସମୟରେ ଏହିସବୁ ରାସାୟନିକ ପଦାର୍ଥ ନଦୀଜଳ ମଧ୍ୟରେ ପ୍ରବେଶ କରି ଜଳକୁ ବିଷାକ୍ତ କରିଦେଇଥାଏ। ପରିତାପର ବିଷୟ ହେଉଛି ଯେ ଆମ ନଦୀ ଜଳ ପ୍ରଦୂଷଣ ହେବାର ଏହା ଅନ୍ୟ ଏକ ଉଦାହରଣ। ପ୍ଲାଷ୍ଟର ଅଫ୍ ପ୍ୟାରିସ ବିସର୍ଜନ ସମୟରେ ନଦୀଜଳ ମଧ୍ୟକୁ ଯାଇ କ୍ରମଶଃ ଜମା ହୋଇ ଏକ ଆସ୍ତରଣ ସୃଷ୍ଟି କରିଥାଏ, ଯାହା କି ଜଳଚର ପ୍ରାଣୀ ଓ ଜଳଜ ଉଦ୍ଭିଦ ଉପରେ କୁପ୍ରଭାବ ପକାଇଥାଏ। ଏହା ଦୀର୍ଘଦିନ ପରେ ମଧ୍ୟ ଜଳରେ ଦ୍ରବୀଭୂତ ହୋଇ ନ ଥାଏ। ମୂର୍ତ୍ତିରେ ବ୍ୟବହାର ହୋଇଥିବା ଯାବତୀୟ ରଙ୍ଗରେ ଭାରି ଧାତୁ ତଥା ଆର୍ସେନିକ, ସୀସା, କ୍ରୋମିୟମ ଆଦି ଥାଏ। ବିସର୍ଜନ ଦ୍ୱାରା ଏଗୁଡ଼ିକ ନଦୀଜଳକୁ ଦୂଷିତ କରିଥାଏ। ଏହିସବୁ ଭାରି ଧାତୁ ମନୁଷ୍ୟ ଶରୀରରେ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିଥାଏ।

ଆମ ରାଜ୍ୟରେ ୧୯୭୦ ମସିହାରେ ଯେତେ ମୂର୍ତ୍ତି ପୂଜା ପାଉଥିଲେ ବର୍ତ୍ତମାନ ତାହାର ସଂଖ୍ୟା ତିନିଗୁଣରୁ ଅଧିକ ହେଲାଣି। ଦେଖାଯାଏ ଯେ କେବଳ ଦୁଇ ପ୍ରମୁଖ ସହର କଟକ ଓ ଭୁବନେଶ୍ୱରରେ ପ୍ରାୟ ୫୦୦ରୁ ଅଧିକ ଦୁର୍ଗା ମୂର୍ତ୍ତି ଦଶହରା ଅବସରରେ ପୂଜା ପାଇଥାନ୍ତି। ଏହି ମୂର୍ତ୍ତି ସବୁ ମୁଖ୍ୟତଃ ଦୁଇଟି ବା ତିନୋଟି ନଦୀରେ ବିସର୍ଜନ ହୋଇଥାନ୍ତି। ଗୋଟିଏ ମୂର୍ତ୍ତି ପ୍ରାୟ ଦେଢ଼ ଟନ୍ ଓଜନ ବିଶିଷ୍ଟ ହୋଇଥାଏ। ତେଣୁ ବିସର୍ଜନ ସମୟରେ କଠିନ ଆବର୍ଜନା ମଧ୍ୟ ଏକ ସମସ୍ୟା ହୋଇଥାଏ। ଏହାଛଡ଼ା ସୁଉଚ୍ଚ ତୋରଣଗୁଡ଼ିକ ମଧ୍ୟ ଆବର୍ଜନାର କାରଣ ହୋଇଥାଏ। ବର୍ତ୍ତମାନ ପ୍ରଶାସନ ପକ୍ଷରୁ କୃତ୍ରିମ ପୁଷ୍କରିଣୀରେ ବିସର୍ଜନର ବ୍ୟବସ୍ଥା କରାଯାଉଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏହାର ତଦାରଖ କରିବା ଆବଶ୍ୟକ, ତେବେ ନଦୀରେ ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବାରଣ ହେବା ଉଚିତ। ଗ୍ରାମାଞ୍ଚଳରେ ବିସର୍ଜନ ସେହିପରି ନଦୀନାଳରେ ଚାଲିଛି। ଏହାପ୍ରତି କର୍ତ୍ତୃପକ୍ଷଙ୍କର ଦୃଷ୍ଟି ନାହିଁ। ଗ୍ରାମପଞ୍ଚାୟତ ଏ ଦିଗ ପ୍ରତି ଦୃଷ୍ଟିଦେବା ଉଚିତ। ଦଶହରା ସମୟରେ ରାବଣ ପୋଡ଼ି ଅନ୍ୟ ଏକ କାର୍ଯ୍ୟକ୍ରମ। ଦେଶସାରା ପ୍ରାୟ ହଜାର ହଜାର ରାବଣପୋଡ଼ି କରାଯାଇଥାଏ। ଏହାଦ୍ୱାରା ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଆମେ ଆନନ୍ଦ ଉଲ୍ଲାସରେ ରାବଣ ପୋଡ଼ିଥାଉ। ଅପରପକ୍ଷେ ପ୍ରଦୂଷଣ ରାକ୍ଷସକୁ ଜନ୍ମ ଦେଇଥାଏ। ପାର୍ବଣ ସମୟରେ ଏହିସବୁ ଦିଗପ୍ରତି ସଚେତନ ନ ହେଲେ ଦେବଦେବୀଙ୍କର ପୂଜା ଆମ ପାଇଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ପାଲଟିଯିବ।



*- ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ*
*ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର,*
*ମୋ: ୯୪୩୭୨୩୭୭୯୭*

## ଆଞ୍ଚଳିକ ଖବର

### ସଂକ୍ଷେପରେ

#### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗଜପତି ଜିଲା ଗୁରାଣ୍ଡି ଥାନା ଅଧୀନ ଉପରସାହି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଜିରାଥ ଭୂୟାଁ (୨୭)। ପ୍ରକାଶ ଯେ ଜିରାଥ ଘର ଛାତ ଉପରେ ଫୋନରେ କଥା ହେବା ସମୟରେ ଛାତ ଉପର ଦେଇଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ସେଠାରୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ୬/୧୮ରେ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଡି.ଗଜପତି ରାଓ ସୂଚନା ଦେଇଛନ୍ତି।

#### ଜାତୀୟ ମେଧାବୃତ୍ତି ପରୀକ୍ଷା

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.):** ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜାତୀୟ ମେଧାବୃତ୍ତି ପରୀକ୍ଷା (ଏନ୍.ଟି.ଏସ୍.) ଓ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା (ଏନ୍.ଏମ୍.ଏମ୍.ଏସ୍.) ପରୀକ୍ଷା ଅନୁଷ୍ଠିତ ହୋଇଛି। ଗଜପତି ଜିଲାରୁ ଜାତୀୟ ମେଧାବୃତ୍ତି ପରୀକ୍ଷା ପାଇଁ ୧୪୯ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୩୭ ଜଣ ଉପସ୍ଥିତ ଥିଲେ । ସେହିପରି ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ଜିଲାର ମୋଟ ୧୪୦ ଆବେଦନ କରିଥିବାବେଳ ୧୧୪ଜଣ ଉପସ୍ଥିତ ଥିଲେ। ପରୀକ୍ଷାକୁ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଓ ଜିଲା ବିଜ୍ଞାନ ନିରୀକ୍ଷକ ସାତ୍ତ୍ୱିକ କୁମାର ପଟ୍ଟନାୟକ ତତ୍ତ୍ୱାବଧାନ କରିଥିଲେ। ଡାକ୍ତର ମୁର୍ମୁ ଓ ମନୋଜ କୁମାର ଗମାଙ୍ଗ ସଂଯୋଜକ ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡି.ବୃନ୍ଦାବନ ରାଓ ପରିଚାଳନା କରିଥିଲେ।

### ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ଜିଲାପାଳ

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.)**

ଗଜପତି ଜିଲାପାଳ ଅନୁପମ ସାହା ରାୟଗଡ ବ୍ଲକର ବାତ୍ୟା ପ୍ରଭାବିତ କେରାଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି। ସେ କେରାଣ୍ଡି ଗ୍ରାମରେ ପହଞ୍ଚି ବିଭିନ୍ନ ବର୍ଗର ଲୋକଙ୍କ ସହ ପିଇବାପାଣି, ବାସଗୃହ ଏବଂ କୃଷି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ପରିବାରକୁ ୨ଟି କମ୍ବଳ ବାଣ୍ଟିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସେ ଏଙ୍ଗାରସିଂ ଗ୍ରାମକୁ ଯାଇଥିଲେ। ସେଠାରେ ନଳକୂପ ନ ଥିବା ଦେଖି ନୂତନ ନଳକୂପ ଖୋଳିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଲୋକଙ୍କ ବ୍ୟାଙ୍କ ଜମାଖାତା ନ ଥିବା ଶୁଣି ଗାରବନ୍ଧ ଷ୍ଟେଟ ବ୍ୟାଙ୍କରେ କିପରି ଜମା ଖାତା ଖୋଲାଯିବ ସେଥିନିମନ୍ତେ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଓୟା ଗ୍ରାମକୁ ଯାଇ ବାତ୍ୟା ପରବର୍ତ୍ତୀ ବିଭିନ୍ନ ସମସ୍ୟା ଶୁଣିବା ସହ ବେଡାଳ ଗ୍ରାମର କିଛି ଲୋକଙ୍କୁ ଭେଟିଥିଲେ। ବେରାଡ ଗ୍ରାମର ସବୁ ଘର ଭାଙ୍ଗିଯାଇଥିବା ଶୁଣି ସେହି ଗ୍ରାମବାସୀଙ୍କୁ ଓୟା ଗ୍ରାମର ଏକ ସ୍କୁଲରେ ରିଲିଫ କେନ୍ଦ୍ର ଖୋଲି ଥଇଥାନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପାଲ, ପଟି ଏବଂ କମ୍ବଳ ବାଣ୍ଟିବା କାର୍ଯ୍ୟକ୍ରମର ଜିଲାପାଳ ଶୁଭାରମ୍ଭ କରିଥିଲେ। ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ।

- ଏଙ୍ଗାରସିଂ ଗ୍ରାମରେ ନଳକୂପ ଖୋଳିବାକୁ ନିର୍ଦ୍ଦେଶ
- ବେରାଡବାସୀଙ୍କ ପାଇଁ ଓୟା ଗ୍ରାମରେ ଖୋଲାଯିବ ରିଲିଫ୍ କେନ୍ଦ୍ର



ଜିଲାପାଳ ଓ ଉପଜିଲାପାଳ ଏଙ୍ଗାରସିଂ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

### ଜିଲାସ୍ତରୀୟ ପେନ୍‌ସନ ଅଦାଲତ

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୭ ବ୍ଲକର ବିଇଓମାନେ ଉପସ୍ଥିତ ଥିଲେ। ପେନ୍‌ସନ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ଜିଲା ଶିକ୍ଷାଧିକାରୀ ବିଚାର କରିଥିଲେ। ତେବେ କେଉଁ କାରଣରୁ ଅଭିଯୋଗ ହୋଇଛି ଏବଂ ଅଭିଯୋଗକାରୀଙ୍କ କାର୍ଯ୍ୟ କିପରି ଶୀଘ୍ର ସମ୍ପାଦନା ହେବ ସେ ନେଇ ଜିଲା ଶିକ୍ଷାଧିକାରୀ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପେନ୍‌ସନ ଅଦାଲତରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ସହକାରୀ ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ ପ୍ରମୁଖଙ୍କ ସହ ସମସ୍ତ ବ୍ଲକ ଶିକ୍ଷାଧିକାରୀ ଏବଂ ଅଭିଯୋଗକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

### ୫୧.୭୯ କୁଇଣ୍ଟାଲ ଚାଉଳ ଜବତ

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.)**

ଶନିବାର ବିଳମ୍ବିତ ରାତିରେ କାଶୀନଗର ବସ୍‌ଷ୍ଟାଣ୍ଡସ୍ଥିତ ଏକ ଗୋଦାମ ଘରେ ଚାଉଳ ଅନ୍‌ଲୋଡ ହେବାକୁ ଯାଉଥିବା ବେଳେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ତାହାକୁ ଜବତ କରାଯାଇଛି। ଜବତ ଚାଉଳର ପରିମାଣ ୫୧.୭୯ କୁଇଣ୍ଟାଲ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, କାଶୀନଗର ବସ୍‌ଷ୍ଟାଣ୍ଡରେ ଶନିବାର ରାତି ପ୍ରାୟ ୨ଠାରେ ଏକ ଟ୍ରାକ୍ଟର (ଏପି-୩୦ୱାଇ-୪୬୨୧)ରୁ ୧୧୧ବସ୍ତା ଚାଉଳ ଅନ୍‌ଲୋଡିଂ ହେବା ସମୟରେ ପାଟ୍ରୋଲିଂ କରୁଥିବା ପୋଲିସ ଉକ୍ତ ଗାଡିକୁ ସନ୍ଦେହରେ ଅଟକାଇ ଜିଲା ଯୋଗାଣ ବିଭାଗକୁ ଖବର ଦେଇଥିଲା। ସହକାରୀ ଯୋଗାଣ ଅଧିକାରୀ ପ୍ରସନ୍ନ ନାୟକ ଏବଂ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଚାଉଳକୁ ଜବତ କରି କାଶୀନଗର ଥାନାକୁ ଆଣିଛନ୍ତି। ଚାଉଳ ଯେଉଁ ଗୋଦାମରେ ଅନ୍‌ଲୋଡିଂ ପାଇଁ ଯାଉଥିଲା ତାହା ଏମ୍. କେଟେଶ୍ୱର ରାଓଙ୍କର ବୋଲି ଜଣାପଡିଛି। ଏହା ରିଲିଫ ଚାଉଳ ହୋଇପାରେ ବୋଲି ଯୋଗାଣ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

### ଅଜଣା ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ଉପକଣ୍ଠ ଅମରା ଗ୍ରାମ ନିକଟ ଦେଇ ଯାଇଥିବା ମହେନ୍ଦ୍ର ତନୟା ନଦୀରେ ରବିବାର ଏକ ଅଜଣା ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗର ଏକ ଟିମ ସେଠାରେ ପହଞ୍ଚି ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ପାରଳାଖେମୁଣ୍ଡି ଥାନା ପୋଲିସ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ମୃତକଙ୍କ ପରିଚୟ ମିଳିନାହିଁ। ଏ ନେଇ ପାରଳାଖେମୁଣ୍ଡି ଥାନାରେ ୨୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





ଜିଲା ଶିକ୍ଷାଧିକାରୀଙ୍କ ସହ କୋଚ ଓ ଖେଳାଳିମାନେ ।

### ଗଜପତିରୁ ୭ ଖେଳାଳିଙ୍କ ପୁରୀ ଗସ୍ତ

**ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା**

ପାରଳାଖେମୁଣ୍ଡି, ୪ା୧୧ (ସ୍ୱ.ପ୍ର.)

ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାପାଇଁ ଗଜପତି ଜିଲାରୁ ଏକ ୭ଜଣିଆ ଟିମ୍ ପୁରୀ ଅଭିମୁଖେ ଗସ୍ତ କରିଛନ୍ତି। ଉକ୍ତ ଟିମ୍ ସହ କୋଚ ଭାବେ ଖଣ୍ଡବା ବି.ଡି.ହାଇସ୍କୁଲର କ୍ରୀଡା ଶିକ୍ଷକ ଲବଣ ଭୂୟାଁ ଶନିବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପୁରୀ ପାଇଁ ବାହାରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୫ ଏବଂ ୬ ଦୁଇଦିନ ଧରି ପୁରୀସ୍ଥିତ ପୋଲିସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ। କ୍ରୀଡାବିତଙ୍କ ଗସ୍ତ ବେଳେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ସେମାନଙ୍କୁ ଉତ୍ସାହିତ କରିବାକୁ ଉପସ୍ଥିତ ଥିଲେ।

### କିସ୍ ପକ୍ଷରୁ ରକ୍ତଦାନ ଶିବିର

**ଗୁଡାରୀ, ୪ା୧୧ (ଡି.ଏନ୍.ଏ.)**

ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ରବିବାର ଦିନ 'କିସ୍' ଅନୁଷ୍ଠାନ ଓ ୟୁଏନ୍‌ଏଫ୍‌ପିଏର ଉଦୟ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। 'କିସ୍' ଅନୁଷ୍ଠାନର ରାୟଗଡ଼ା ଜିଲା ସଂଯୋଜକ ରୋନୀତ ଶବର, ଅମୂଲ୍ୟ ରତ୍ନ ସାହୁ, ଘାସିରାମ ଶ୍ରୀମୁଟିକା ପ୍ରମୁଖ ଏହି ଶିବିରର ନେତୃତ୍ୱ ନେଇଥିଲେ। ଗୁଡାରୀ ବ୍ଲକର ରକ୍ତଦାନ ନେଇ ଯୁବ ସମାଜ ସେବୀ 'ଉଦୟ'ର କର୍ମକର୍ତ୍ତାମାନେ ଲୋକଙ୍କୁ ସଚେତନ କରାଇଥିଲେ। ରକ୍ତଦାନର ଆବଶ୍ୟକତା ଓ ମହତ୍ୱ ସମ୍ପର୍କରେ ଆଦିବାସୀ ଲୋକଙ୍କୁ ସଚେତନ କରାଯାଇଥିଲା। ଗୁଣପୁର ସବ୍ ଡିଭିଜନର ଡାକ୍ତରଖାନାର କର୍ମକର୍ତ୍ତାମାନେ ଶିବିରରେ ସହଯୋଗ କରିଥିଲେ।





ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

**ସଂକ୍ଷେପରେ**

## ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୫୪ହଜାର କୋଟି ସହାୟତା ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୪-୧୧:** ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ପାଇଁ ଏକ ପୋର୍ଟାଲ ଲଞ୍ଚ କରିଛନ୍ତି। ଏହି ଉଦ୍ୟୋଗ ଚାହିଁଲେ ଉକ୍ତ ପୋର୍ଟାଲ ଜରିଆରେ ମାତ୍ର ୫୯ମିନିଟ୍‌ରେ ୧ କୋଟି ଟଙ୍କାର ଋଣ ପାଇବେ। ତେବେ ଅନାଦାୟ ଋଣ ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିବାରୁ କେନ୍ଦ୍ର ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେବାକୁ ସ୍ଥିର କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ସହାୟତା ସ୍ୱରୂପ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ କେନ୍ଦ୍ର ୫୪ ହଜାର କୋଟି ଟଙ୍କାର ସହାୟତା ଦେବ। ତେବେ ଚଳିତ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକର ଆର୍ଥିକ ଫଳାଫଳ ପ୍ରକାଶ ପରେ ସରକାର କାହାକୁ କେତେ ସହାୟତା ଦିଆଯିବ ସେ ନେଇ ସ୍ଥିର କରିବେ। ଚଳିତ ମାସ ଶେଷ ଅଥବା ଡିସେମ୍ବର ପ୍ରଥମ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସୁଧ ଦେୟ ଭରଣା ପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୧୧,୩୩୬କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ।

## ୧୪ ଲକ୍ଷ ଋଣ ନେଇପାରିବେ ପେନ୍‌ସନଧାରୀ

**ନୂଆଦିଲ୍ଲୀ,୪-୧୧:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପେନ୍‌ସନଧାରୀଙ୍କ ପାଇଁ ଦୀପାବଳି ଉପହାର ନେଇ ଆସିଛି। ଚଳିତ ମାସ ୩୦ ତାରିଖ ଯାଏ ପେନ୍‌ସନଧାରୀମାନେ ଏସ୍‌ବିଆଇରୁ ୧୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏଥିପାଇଁ ଏସ୍‌ବିଆଇ କୌଣସି ପ୍ରୋସେସିଂ ଫି ନେବ ନାହିଁ। ଏହା ବ୍ୟାଙ୍କର ଏକ ପର୍ସନାଲ ଋଣ ବ୍ୟବସ୍ଥା, ଯାହାକି ଜଣେ ପେନ୍‌ସନଧାରୀଙ୍କୁ ମିଳିଥାଏ। ଘରୋଇ ସଂସ୍ଥାରୁ ପେନ୍‌ସନ ପାଉଥିବା କର୍ମଚାରୀଙ୍କୁ ଏହି ସୁବିଧା ମିଳିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ପେନ୍‌ସନ ପାଉଥିବା କର୍ମଚାରୀ କିମ୍ବା ତାଙ୍କ ମନୋନୀତ ପରିବାରବର୍ଗ ଏହି ସୁବିଧା ପାଇବେ।

## ସାମିଲ ହେଲେ ୭୫ ଲକ୍ଷ ନୂଆ ଟିକସଦାତା

**ନୂଆଦିଲ୍ଲୀ,୪-୧୧:** ଚଳିତ ବର୍ଷ ୭୫ ଲକ୍ଷ ନୂଆ ଟିକସଦାତାଙ୍କୁ ସାମିଲ କରାଯାଇପାରିଛି। ଗତ ଆର୍ଥିକ ବର୍ଷ ୨୦୧୭-୧୮ରେ ଆୟକର ବିଭାଗ ପକ୍ଷରୁ ୧.୬ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରାଯାଇଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ୍ ୧.୨୫ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଉର୍ଜିତଙ୍କୁ ସିଆଇସିଙ୍କ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ,୪-୧୧:** ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରକାଶ ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନାଦାୟ ଋଣ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଦେଇଥିବା ତାଲିକାକୁ ପ୍ରକାଶ କରିବା ଲାଗି ସିଆଇସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇଥିବା ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଉର୍ଜିତ ପଟେଲ ଏହାକୁ ଅଣଦେଖା ଏବଂ ନିର୍ଦ୍ଦେଶ ଅମାନ୍ୟ କରିବାରୁ ସିଆଇସି ପକ୍ଷରୁ ଉର୍ଜିତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଲାଗୁ ହେଲା ଇରାନ ବିରୋଧରେ କଟକଣା

**ନୂଆଦିଲ୍ଲୀ,୪-୧୧:** ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ କରିଛି। ଏହାର ପ୍ରଭାବ କ'ଣ ରହିବ ତାହା ଆସନ୍ତା ସପ୍ତାହରେ ଜଣାପଡ଼ିବ। ସେ ନେଇ ଅଶୋଧିତ ତୈଳ ବଜାର ତଟସ୍ଥ ରହିଛି। ଇରାନ ବ୍ୟତୀତ ଏବେ ସୌଦି ଆରବ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଆମେରିକାର କଟକଣାକୁ ଭ୍ରୂକ୍ଷେପ ନ କରି ଇରାନ ଲୁଚାଚୋରାରେ ଅନ୍ୟ ଦେଶକୁ ତେଲ ବିକ୍ରି କରୁଛି କି ନା ତାହାକୁ ନେଇ ସମସ୍ତେ ସତର୍କ ବୋଲି ତୈଳ ବିଶେଷଜ୍ଞ ରିକ୍କୋ ଫାବିୟାନୀ ପ୍ରକାଶ କରିଛନ୍ତି। ତେଲରୁ ଇରାନ ଆୟ ରୋକିବାକୁ ଆମେରିକା ଅନ୍ୟ ପଦକ୍ଷେପ ନେଇପାରେ। ଏଣୁ ଆସନ୍ତା ସପ୍ତାହ ଅଶୋଧିତ ତୈଳ ବଜାର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

---

"ଦୃଢ଼ ସୁରକ୍ଷା ବ୍ୟବସ୍ଥା ସହ ଭାରତର ଡିଜିଟାଲ ଯାତ୍ରା ଆହୁରି ତ୍ୱରାନ୍ୱିତ ହେବ।
**– ଅଜୟ ଭୂଷଣ ପାଣ୍ଡେ, ୟୁଆଇଡିଏଆଇ ସିଇଓ**



"ଆଗାମୀ ୨ ବର୍ଷରେ ଲିଜ୍ ଅବଧି ଶେଷ ହେଉଥିବା ଖଣିଗୁଡ଼ିକରୁ ଉତ୍ତୋଳନ କାର୍ଯ୍ୟ ସାରିବାକୁ ରାଜ୍ୟଗୁଡିକୁ କୁହାଯାଇଛି।
**– ଅନିଲ ମୋକିମ୍, ଖଣି ସଚିବ**



# ଗୋଟିଏ କ୍ଲିକ୍‌ରେ ଜାଣିହେବ ଋଣ ତଥ୍ୟ

**ନୂଆଦିଲ୍ଲୀ,୪-୧୧**

ନିଜ ବିଷୟରେ ତଥ୍ୟ ଲୁଚାଇ ବ୍ୟାଙ୍କରୁ ଋଣ ନେବାର ଯୁଗ ଶେଷ ହେବାକୁ ଯାଉଛି। ମାତ୍ର ଗୋଟିଏ କ୍ଲିକ୍‌ରେ ଜଣେ ଋଣଗ୍ରହୀତାଙ୍କ ସମ୍ପର୍କରେ ବ୍ୟାଙ୍କଗୁଡିକ ଏଣିକି ଜାଣିପାରିବ। ଫଳରେ ସେମାନଙ୍କୁ ଆଉ ଠକାମିର ଶିକାର ହେବାକୁ ପଡିବ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବଶୀଘ୍ର ଦେଶର ସମସ୍ତ ଋଣଗ୍ରହିତା(ବ୍ୟକ୍ତିଗତ ଏବଂ କମ୍ପାନୀ)ଙ୍କ ତଥ୍ୟକୁ ଗୋଟିଏ ପ୍ଲାଟଫର୍ମରେ ରଖିବାର ବନ୍ଦୋବସ୍ତ କରୁଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ବା ପବ୍ଲିକ୍ କ୍ରେଡିଟ୍ ରେଜିଷ୍ଟ୍ରି (ପିସିଆର୍) ତିଆରି କରିବାକୁ ଯାଉଛି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ଖିଲାପୀ (ୱିଲ୍‌ଫୁଲ୍ ଡିଫଲ୍ଟର) ଏବଂ ଋଣ ପରିଶୋଧଜନିତ ଅନିୟମିତତା କାରଣରୁ ବିଭିନ୍ନ ଅଦାଲତରେ ଚାଲିଥିବା ମାମଲାଗୁଡିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହାଦ୍ୱାରା ଆର୍ଥିକ ବଜାରରେ ଋଣ ଜାଲିଆତିକୁ ରୋକିବା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ।

ଷ୍ଟକ୍ ବଜାର ନିୟନ୍ତ୍ରକ ସେବୀ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ତଥା ଦେବାଳିଆ ଏବଂ ଋଣ ସମାଧାନ ବୋର୍ଡ(ଆଇବିବିଆଇ) ଭଳି ସଂସ୍ଥାରୁ ପ୍ରାପ୍ତ ସୂଚନାକୁ ପିସିଆର୍‌ରେ ସାମିଲ କରାଯିବ। ଏହାଦ୍ୱାରା ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାକୁ ବର୍ତ୍ତମାନର ଋଣଗ୍ରହୀତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଯିବ। ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ତିଆରି କରିବାକୁ ଆଗ୍ରହୀ କମ୍ପାନୀଙ୍କ ଠାରୁ ଆର୍‌ବିଆଇ ଇତିମଧ୍ୟରେ ଆଗ୍ରହପତ୍ର (ଇଓଆଇ) ଆମନ୍ତ୍ରଣ କରିଛି। ଗତ ୩ ବର୍ଷ ଧରି ବାର୍ଷିକ ୧୦୦ କୋଟି ଟଙ୍କାରୁ ଅଧିକ କାରବାର କରିଥିବା କମ୍ପାନୀ ଏଥିଲାଗି ଆବେଦନ କରିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ପ୍ରଦାନରେ ଥିବା ତ୍ରୁଟି, ଋଣଗ୍ରହୀତାଙ୍କ ନିକଟରେ ପହଞ୍ଚିବା ତଥା ଅର୍ଥନୀତିରେ ଋଣପ୍ରଦାନର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଜୁନ୍‌ରେ ପିସିଆର୍ ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଋଣଗ୍ରହଣ ସଂକ୍ରାନ୍ତ ତଥ୍ୟ ମହଜୁଦ ଥିବା ସମ୍ପର୍କରେ ଜାଣିବା ପାଇଁ ଆର୍‌ବିଆଇ ଏଥିପୂର୍ବରୁ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଥିଲେ। ତଥ୍ୟର ଅଭାବ ଏବଂ ଏହାକୁ ଦୂର କରିବାର ଉପାୟ ସମ୍ପର୍କରେ ଜଣାଇବା ପାଇଁ ଏହି ଟାସ୍କଫୋର୍ସକୁ କୁହାଯାଇଥିଲା। ଇଓଆଇରେ କୁହାଯାଇଛି ଯେ, ପିସିଆର୍ ଏକ ଡିଜିଟାଲ ପାଞ୍ଜି ହେବ ଯେଉଁଥିରେ ଋଣଗ୍ରହୀତାଙ୍କ ସମ୍ପର୍କରେ ସୂଚନା ମହଜୁଦ୍ ରହିବ। ବିଭିନ୍ନ ସଂସ୍ଥାରେ ଉପଲବ୍ଧ ତଥ୍ୟକୁ ଆଧାର କରି ଏହି ପାଞ୍ଜି ତିଆରି କରାଯିବ। ଋଣର ପରିମାଣ ଯେତେ ହେଉନା କାହିଁକି ପିସିଆର ପ୍ରତ୍ୟେକ ଋଣ ସମ୍ପର୍କରେ ସୂଚନା ଦାଖଲ କରିବାର ଏକମାତ୍ର କେନ୍ଦ୍ର ରୂପେ କାମ କରିବ। ସୂଚନାଥାଉ କି, ଋଣଗ୍ରହୀତାଙ୍କ ସମ୍ପର୍କରେ ବର୍ତ୍ତମାନ ଏଭଳି କୌଣସି ବ୍ୟବସ୍ଥା ନାହିଁ। ଆର୍‌ବିଆଇରେ ସିଆର୍‌ଆଇଏଲ୍‌ସି ରହିଛି। ଏହା ଋଣ ସମ୍ବନ୍ଧୀୟ ତଥ୍ୟକୁ ଏକତ୍ରିତ କରିଥାଏ। କିନ୍ତୁ ଏହା ୫ କୋଟି ଟଙ୍କାରୁ ଅଧିକ ଋଣ ସମ୍ପର୍କରେ ତଥ୍ୟ ରଖିଥାଏ। ଉଲ୍ଲେଖଥାଉ କି, ଏବେ ଦେଶର ଅନାଦାୟ ଋଣର ପରିମାଣ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି।

**ଡିଜିଟାଲ ଡାଟା ତିଆରି କରୁଛି ଆର୍‌ବିଆଇ**

- ଗୋଟିଏ ପ୍ଲାଟଫର୍ମରେ ରହିବ ସବୁ ତଥ୍ୟ
- ଇଓଆଇ ଆହ୍ୱାନ କଲା ରିଜର୍ଭ ବ୍ୟାଙ୍କ






## ବଜାରରେ ସୋନିର ନୂଆ ଭିଡିଓ କ୍ୟାମେରା

**ଭୁବନେଶ୍ୱର,୪-୧୧**

ପ୍ରମୁଖ କମ୍ପାନୀ ସୋନି ପକ୍ଷରୁ ଏହାର ନୂଆ ଭିଡିଓ କ୍ୟାମେରା ଏଚ୍‌ଏକ୍ସଆର୍-ଏନ୍‌ଏକ୍ସ ୨୦୦ ଓଡିଶା ବଜାରରେ ପ୍ରବେଶ କରିଛି। ଏହା ଦ୍ୱାରା କମ୍ପାନୀ ଏହାର ପ୍ରୋ- କ୍ୟାମେରା ରେଞ୍ଜକୁ ଆଉ ପାଦେ ଆଗକୁ ନେବାକୁ ସକ୍ଷମ ହୋଇଥିବା ସୂଚନା ଦେଇଛି। ଗ୍ରାହକଙ୍କ ଭିଡିଓଗ୍ରାଫି ଆବଶ୍ୟକତା ଆଧାରରେ କମ୍ପାନୀ ଏହି ନୂଆ ଟେକ୍ନୋଲୋଜି ଆଧାରିତ ମଡେଲକୁ ବଜାରକୁ ଛାଡିଛି। ଗ୍ରାହକମାନେ ଏଥିରେ ୪କେ ଭିଡିଓରେକର୍ଡିଂ ସହ ଏକ୍ସମୋର-ଆର୍, ୧.୦ ଟାଇପ୍ ସେନସର, ସୋନିର ପ୍ରସିଦ୍ଧ ଜି ଲେନ୍ସ ପାଇପାରିବେ। ଏହା ସୋନିର ପ୍ରଥମ ଏଣ୍ଟ୍ରି ଲେଭଲ ୪କେ ଭିଡିଓକ୍ୟାମେରା। ଭିଡିଓ କ୍ୟାମେରା ସେଗମେଣ୍ଟରେ ଏହା ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କମ୍ପାନୀ କହିଛି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟରରେ ଖୋଲିଲା ଏଚ୍‌ପି ୱାର୍ଲ୍ଡ



**ଭୁବନେଶ୍ୱର,୪-୧୧**

ପ୍ରମୁଖ ଇଲେକଟ୍ରୋନିକ୍ସ ରିଟେଲ୍ ଚେନ୍ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଏହାର ପଟିଆ ଶୋ'ରୁମଠାରେ ଏଚ୍‌ପି ୱାର୍ଲ୍ଡର ଶୁଭାରମ୍ଭ ହୋଇଛି। ଏହାକୁ ଏଚ୍‌ପିର ଏଏସ୍‌ଏମ୍ ଦିନେଶ ତରାଇ, ଶୋ'ରୁମର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ପ୍ରେରିତ ଗୁପ୍ତା ଏବଂ ସାଭେକ୍ସ ଟେକ୍ନୋଲୋଜିର ଓନର ଜ୍ଞାନେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହା ରାଜଧାନୀରେ ଏଚ୍‌ପି ୱାର୍ଲ୍ଡର ୪ର୍ଥ ଆଉଟ୍‌ଲେଟ୍। ଏହି ପ୍ଲାଟଫର୍ମରେ କମ୍ପାନୀ ରାଜ୍ୟରେ ୧୩ଟି ସ୍ୱତନ୍ତ୍ର ଆଉଟଲେଟ୍ ସ୍ଥାପନ କରିଛି। ଏଚ୍‌ପିର ବିଭିନ୍ନ ରେଞ୍ଜର ପ୍ରଡକ୍ଟଗୁଡିକ ଏଠାରେ ଉପଲବ୍ଧ ହେଉଥିବା ଏଏସ୍‌ଏମ୍ ଦିନେଶ ତରାଇ ସୂଚନା ଦେଇଛନ୍ତି। ୨୦ ହଜାରଠାରୁ ୨ ଲକ୍ଷ ରେଞ୍ଜର ଉତ୍ପାଦ ଏଠାରେ ଉପଲବ୍ଧ।

ପଟିଆରେ ଏଚ୍‌ପି ୱାର୍ଲ୍ଡ ଦ୍ୱାରା ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ ଗ୍ରାହକ ଉପକୃତ ହେବେ ବୋଲି ରାଜେଶ ଗୁପ୍ତା କହିଛନ୍ତି। କମ୍ପାନୀ ପକ୍ଷରୁ ବର୍ତ୍ତମାନ ଅଫର ଅନୁସାରେ ଛାତ୍ରୀଛାତ୍ର ପ୍ରାୟ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଲାଭ କରି ପାରିବେ। ପ୍ରତ୍ୟେକ କ୍ରୟ ଉପରେ କମ୍ପାନୀ ତଥା ଶୋ'ରୁମ ପକ୍ଷରୁ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଥିବା ସୂଚନା ରହିଛି। ଏଠାରେ ଗ୍ରାହକ ମାନେ ଓମେନ୍ ରେଞ୍ଜର ଲାପଟପ୍, ଏଚ୍‌ପିର ଆସେସୋରିଜ୍, ଗେମିଂ ଲାପଟପ୍, ପାଭିଲିୟନ ଲାପଟପ୍, ୨୪ ଅନ୍ ଇନ୍ ୱାନ ଡେକ୍ସଟପ, ପ୍ରିଣ୍ଟର ଭଳି ପ୍ରଡକ୍ଟ ପାଇପାରିବେ।

## ଅକ୍ଟୋବରରେ ହିରୋ ମୋଟୋକର୍ପର ବିକ୍ରି ୭ ଲକ୍ଷ ୟୁନିଟ୍ ଟପିଲା

**ଭୁବନେଶ୍ୱର,୪-୧୧**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପର ଅକ୍ଟୋବର ମାସର ବିକ୍ରି ୭ ଲକ୍ଷ ଟପିଛି। ଅକ୍ଟୋବରରେ ୭.୩୪ ଲକ୍ଷ ୟୁନିଟ୍ ଯାନ ବିକ୍ରି ସହ କମ୍ପାନୀ ୧୬% ଅଭିବୃଦ୍ଧି ହାସଲ କରିଛି। ଏହା ସହ ବଜାରକୁ ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନିକୁ କମ୍ପାନୀ ଆଣିଛି। ଗତ ବର୍ଷ ସମାନ ସମୟରେ କମ୍ପାନୀ ମୋଟ୍ ୬.୩୧ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ୨୦୧୯ ଆର୍ଥିକ ବର୍ଷରେ କମ୍ପାନୀ ଚତୁର୍ଥ ଥର ଲାଗି ମାସିକ ୭ ଲକ୍ଷରୁ ଅଧିକ ଯାନ ବିକ୍ରି କରିପାରିଛି। ସେହିଭଳି ମୋଟ ଷଷ୍ଠ ଥର ଲାଗି ଗୋଟିଏ ମାସରେ ଏଭଳି ବିକ୍ରି ସଫଳତା ହାସଲ କରିଥିବା ଏହା ପ୍ରକାଶ କରିଛି। ସେପ୍ଟେମ୍ବରରେ ହିରୋମୋଟୋ କର୍ପ ୭.୬୯ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ଦୀପାବଳିରେ ଉନ୍ନତ ବିକ୍ରିଧାରା ବଜାୟ ରହିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ବଜାରକୁ ଆସିଥିବା ନୂଆ ଡେଷ୍ଟିନି ମଡେଲ ଆଗାମୀ ୩ରୁ୪ ସପ୍ତାହ ମଧ୍ୟରେ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।


## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରିହାତି

**ଭୁବନେଶ୍ୱର,୪-୧୧**

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ବେଷ୍ଟ ଏଭର ଧନତେରସ' ଅଫର ଶୁଭାରମ୍ଭ ହୋଇଛି। ଏଥିରେ ଅଗ୍ରିମ ବୁକିଂରେ ଏକ୍ସଟ୍ରା ଗୋଲ୍ଡ କଏନ୍ ପ୍ରଦାନ ବ୍ୟବସ୍ଥା ରହିଛି। ୯୧୬ ସୁନା ଅଳଙ୍କାର ଉପରେ ଅଗ୍ରିମ ବୁକିଂରେ ଗୋଲ୍ଡ କଏନ ଏବଂ ସିଲଭର କଏନ ବାଦ୍ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ଗ୍ରାହକଙ୍କ ଲାଗି ଲଣ୍ଡନ ବୁଲିବାର ସୁଯୋଗ ମଧ୍ୟ ରହିଛି। ହୀରା ଗହଣାର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି ସୁବିଧା ପ୍ରଦାନ କରାଯାଉଛି। ଏହି ଅଫରର ଅବଧି ଚଳିତ ମାସ ୧୧ ଯାଏ ରହିବ। ସୁନା ଗହଣାର ଗଢା ମୂଲ୍ୟ ମାତ୍ର ୨୪୯ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ଲାଗି ଇଟାଲିଆନ ବେଙ୍ଗଲ, ଦୁବାଇ ନେକଲେସ, ଆଣ୍ଟିକ ସୁନା ଗହଣା, ପାରମ୍ପରିକ ସୁନା ଗହଣାର ବିସ୍ତୃତ ଭେରାଇଟି ଏବଂ ଆକର୍ଷଣୀୟ କଲେକ୍ସନ ପ୍ରଦାନ କରାଯାଉଥିବା ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।

## ନୂତନ ପରିସରରେ ଆଦିତ୍ୟ କେୟାର ହସ୍ପିଟାଲ

**ଭୁବନେଶ୍ୱର,୪-୧୧**




ଆଦିତ୍ୟ କେୟାର ହସ୍ପିଟାଲ ନୂଆ ପରିସରକୁ ସ୍ଥାନାନ୍ତରିତ ହୋଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀ ଏନ୍‌କ୍ଲେଭରେ ଥିବା କେୟାର ହସ୍ପିଟାଲକୁ ଏହା ସ୍ଥାନାନ୍ତର ହୋଇଛି। ନଭେମ୍ବର ପହିଲାଠାରୁ ଏହା ପ୍ରାଚୀ ଏନକ୍ଲେଭରେ ସେବା ଦେଉଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ଆଦିତ୍ୟ କେୟାର ୧୦୦ ଶଯ୍ୟା କ୍ଷମତା ସହ ସ୍ୱାସ୍ଥ୍ୟ ସେବା ଯୋଗାଉଛି। ଗୋଟିଏ ଛାତ ତଳେ ମଲ୍ଟି ସ୍ପେଶିଆଲିଟି ସେବା ଉପଲବ୍ଧ। ହସ୍ପିଟାଲରେ ବର୍ତ୍ତମାନ କାର୍ଡିଆକ ସାଇନ୍ସ, ନ୍ୟୁରୋ ସାଇନ୍ସ, ରେନାଲ ସାଇନ୍ସ, କ୍ୟାନସରକେୟାର, ମେଡିକାଲ ଆଣ୍ଡ ସର୍ଜିକାଲ ଗ୍ୟାଷ୍ଟ୍ରୋ, ଅର୍ଥୋପେଡିକ, ଆଡଭାନ୍ସ କ୍ରିଟିକାଲ କେୟାର, ୧୦୦ ବେଡ ଆଇସିୟୁ, ଆଡଭାନ୍ସ ଏମର୍ଜେନ୍ସି କେୟାର, ପ୍ଲାଷ୍ଟିକ ସର୍ଜରୀ ଭଳି ଅନ୍ୟାନ୍ୟ ବିଭାଗରେ ସେବା ଯୋଗାଣ ହେଉଛି। ନୂଆ ଫାସିଲିଟିରେ ମଧ୍ୟ ରୋଗୀ ସେବାକୁ ଧ୍ୟାନରେ ରଖାଯିବ ବୋଲି କେୟାର ହସ୍ପିଟାଲ ପକ୍ଷରୁ ସୂଚନା ରହିଛି।

## ୧୮ ଦିନରେ ପେଟ୍ରୋଲ ୪.୦୫, ଡିଜେଲ ୨.୩୩ଟଙ୍କା ଶସ୍ତା

**ନୂଆଦିଲ୍ଲୀ,୪-୧୧**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ପ୍ରଭାବ ଘରୋଇ ବଜାରରେ ଦେଖିବାକୁ ମିଳୁଛି। ରବିବାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଛି। ଫଳରେ ବିଗତ ୧୮ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୪.୦୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୩ଟଙ୍କା ହ୍ରାସ ପାଇଛି। ଅଗଷ୍ଟ ମଧ୍ୟଭାଗରେ ଏଭଳି ଦ୍ରୁତ ଗତିରେ ତେଲ ଦର ହ୍ରାସ ପାଇଥିଲା। ତେବେ ଚଳିତ ଥର ହ୍ରାସ ପାଇବାର ଗତି ଅତି ଦ୍ରୁତ ହୋଇଛି। ତୈଳ କମ୍ପାନୀଙ୍କ ପକ୍ଷରୁ ରବିବାର ଜାରି ତଥ୍ୟ ଅନୁଯାୟୀ ପେଟ୍ରୋଲ ଲିଟର ପିଛା ୨୧ ପଇସା ଏବଂ ଡିଜେଲ ୧୭ ପଇସା କମିଛି। ଦିଲ୍ଲୀରେ ରବିବାର ପେଟ୍ରୋଲ ଲିଟର ପିଛା ଦର ୭୮.୭୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ଦର ୭୩.୩୬ ଟଙ୍କା ରହିଛି। ଅଗଷ୍ଟ ୧୬ରୁ ଅକ୍ଟୋବର ୪ ମଧ୍ୟରେ ପେଟ୍ରୋଲ ୬.୮୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୬.୭୩ ଟଙ୍କା ବଢ଼ିଛି। ଏହାପରେ ଗ୍ରାହକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲା। ଅକ୍ଟୋବର ୧୭ରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୨.୮୩ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୫.୬୯ ଟଙ୍କା ରହିଥିଲା। ତେବେ ଅକ୍ଟୋବର ୧୮ରୁ ତେଲ ଦର କମିବା ଆରମ୍ଭ କରିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମୁଥିବାରୁ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ହ୍ରାସ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଟଙ୍କା ୭୬ ସ୍ତର ଛୁଇଁପାରେ

**ମୁମ୍ବାଇ,୪-୧୧**

ନିକଟ ଭବିଷ୍ୟତରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବା ସମ୍ଭାବନା ରହିଛି। ଫଳରେ ଭାରତୀୟ ମୁଦ୍ରା ଟଙ୍କା ଉପରେ ଏହାର ଚାପ ବଢ଼ିବ। ଆମେରିକା ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଭବିଷ୍ୟତରେ ୭୬ ସ୍ତର ଛୁଇଁବ ବୋଲି ଅନୁମାନ କରାଯାଇଛି। ଡଲାର ପ୍ରବାହ କମିଯିବା, ଡଲାର ମୂଲ୍ୟ ବଢ଼ିବା ଏବଂ ଅଶୋଧିତ ତେଲ ଦର ବୃଦ୍ଧି ପାଇବା କାରଣରୁ ଘରୋଇ ବଜାରରେ ଟଙ୍କାର ମୂଲ୍ୟ ଏକ ସମୟରେ ୭୪ ସ୍ତର ପାର୍ କରିଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଟଙ୍କାର ମୂଲ୍ୟ ୧୫% ହ୍ରାସ ପାଇଛି। ସୁଇଜରଲାଣ୍ଡର ବ୍ରୋକରେଜ କମ୍ପାନୀ ୟୁବିଏସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଛି।

## ସୌମିକ୍‌ରେ ସେନ୍‌କୋ ସୁନା ଶୋ'ରୁମ୍ ଉଦ୍‌ଘାଟିତ



**ଯାଜପୁରରୋଡ,୪।୧୧(ନି.ପ୍ର.)**

ବାଇକ୍ ଶୋ'ରୁମ୍ ଭାବେ ପରିଚିତ ସୌମିକ୍ ଏବେ ଗହଣା ବଜାରରେ ପ୍ରବେଶ କରିଛି। ପ୍ରମୁଖ ଗହଣା କମ୍ପାନୀ ସେନ୍‌କୋ ପକ୍ଷରୁ ଯାଜପୁରରୋଡ ଠାରେ ରବିବାର ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ସୌମିକର ପରାମର୍ଶଦାତା ବେଣୁଧର ସାମଲ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ବଲିଉଡ ଅଭିନେତ୍ରୀ ଅମିଷା ପଟେଲ ଯୋଗ ଦେଇଥିଲେ। ସେନ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଙ୍କର ସେନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶରେ ସେନ୍‌କୋର ୯୭ଟି ଶୋ'ରୁମ୍ ରହିଛି। ଏହି ନୂଆ ଆଉଟଲେଟ ସହ ଓଡିଶାରେ ମୋଟ ୬ ଟି ଶୋ'ରୁମ କମ୍ପାନୀ ସ୍ଥାପନ କରିଛି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ସେନ୍‌କୋର ଅଫର ଗ୍ରାହକ ଲାଭ କରି ପାରିବେ। ସେହିଭଳି ସୌମିକ୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଆସନ୍ତା ୩ ମାସ ପର୍ଯ୍ୟନ୍ତ ରହିବ। ସେନ୍‌କୋର ଅଫର୍ ଦ୍ୱାରା ପ୍ରତ୍ୟେକ ୧୦ ଗ୍ରାମ୍ ଗହଣା ଉପରେ ୧ ହଜାର ଟଙ୍କା ଛାଡ, ନିର୍ଦ୍ଧାରିତ ମୂଲ୍ୟରେ ଗହଣା କ୍ରୟରେ ସୁନା କଏନ୍, ଲକ୍ଷପତି ସ୍କିମ୍, ହୀରା ଗହଣା ଉପରେ ୨୦% ରିହାତି ଏବଂ ଗଢା ମଜୁରିରେ ୧୦% ରିହାତି ସୁବିଧା ରହିଛି। ସୌମିକ୍ ପକ୍ଷରୁ ଏକ ଲଟେରି ସ୍କିମ୍ ମଧ୍ୟ ରହିଛି। ସୌମିକର ବାଦଲ କୁମାର ସାମଲ, ବଇଜ କୁମାର ସାମଲ ଏଥିରେ ଉପସ୍ଥିତ ଥିଲେ।



ଠିକଣାରୂପେ ମାର୍କେଟିଂ କରାଯାଇ ପାରିଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଖେଳପ୍ରେମୀଙ୍କ ନିକଟରେ ଆଦୃତ ହୋଇପାରିବ।
**–ଡେଭିଡ ଗାୱାର, ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ**




# ଓଡ଼ିଶା ସହ ସମ୍ପର୍କ ମଧୁର: ଭେଙ୍ଗସରକାର

## ଲିଲିମା ପାଇଲେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୪।୧୧(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଦଳର ଅନ୍ୟତମ ନିର୍ଭରଯୋଗ୍ୟ ସଦସ୍ୟା ଲିଲିମା ମିଞ୍ଜ୍ ଏହି ପୁରସ୍କାର ପାଇଛନ୍ତି। ଏହି ଅବସରରେ ବ୍ୟାଡ୍‌ମିଣ୍ଟନ ପ୍ରତିଭା ରତ୍ନପର୍ଣ୍ଣା ପଣ୍ଡା ଓ ଭାରୋତ୍ତୋଳନକାରୀ ଝିଲି ଦଳବେହେରାଙ୍କୁ ସମ୍ମାନିତ କରାଯାଇଛି। ଲିଲିମାଙ୍କୁ ମାନପତ୍ର, ଫଳକ ସହ ୫,୦୦,୦୦୦ ଏବଂ ରତ୍ନପର୍ଣ୍ଣା ଓ ଝିଲିଙ୍କୁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ‘‘ଏପରି ପୁରସ୍କାର ପାଇବା ପାଇଁ ମୋର ସ୍ୱପ୍ନ ଥିଲା। କଠିନ ପରିଶ୍ରମ ଫଳରେ ଏହା ଏବେ ସାର୍ଥକ ହୋଇଛି। ଏହା ମୋତେ ଆଗାମୀ ଦିନରେ ଆହୁରି ଅଧିକ ଭଲ ଖେଳିବା ପାଇଁ ଉତ୍ସାହିତ କରିଛି’’ ବୋଲି ଲିଲିମା ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସରେ ଭାଗନେବାର ସ୍ମୃତି ଅଭୁଲା। ସେହିପରି ଓଡ଼ିଶାର ପ୍ରଥମ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବାରୁ ମୁଁ ଖୁବ୍ ଆନନ୍ଦିତ ବୋଲି ରତ୍ନପର୍ଣ୍ଣା ପ୍ରକାଶ କରିଥିଲେ। ଜାତୀୟ ସିନିୟର ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ଯୋଗୁ ଝିଲି ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ ପାଇଁ କୋଚ୍ ପି. ଧର୍ମାରାଓ ପୁରସ୍କାର ଗ୍ରହଣ କରିଥିଲେ।




ପୁରସ୍କାର ଗ୍ରହଣ ଉତ୍ସବରେ ଅତିଥିଙ୍କ ସହ ରତ୍ନପର୍ଣ୍ଣା ପଣ୍ଡା ଓ ଲିଲିମା ମିଞ୍ଜ (ବାମରୁ ତୃତୀୟ ଓ ଚତୁର୍ଥ) ।

ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବର ମୁଖ୍ୟଅତିଥି ତଥା ଆକର୍ଷଣ ଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର। ‘ଓଡ଼ିଶା ସହ ମୋର ସମ୍ପର୍କ ଅତି ମଧୁର। କଟକର ବାରବାଟୀ ଷ୍ଟାଡିୟମରେ ମୁଁ ମୋ ଟେଷ୍ଟ କ୍ୟାରିୟରର ସର୍ବାଧିକ ସ୍କୋର କରିଥିଲି। ୧୯୮୭ରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଏହି ଟେଷ୍ଟରେ ମୁଁ ୧୬୬ ରନ୍‌ର ଇନିଂସ୍ ଖେଳିଥିଲି। ତେଣୁ ସ୍ୱାଭାବିକ ଭାବେ ଏହା ମୋ ଜୀବନରେ ସବୁଦିନ ପାଇଁ ସ୍ମରଣୀୟ ଏବଂ ମଧୁର ସ୍ମୃତି ବହନ କରୁଛି। ଏହି ମ୍ୟାଚ୍‌କୁ ଭାରତ ୧ ଇନିଂସ୍ ଏବଂ ୮୭ ରନ୍‌ରେ ଜିତିଥିଲା। ଏହି ଟେଷ୍ଟରେ ୩୦୦ ଉଇକେଟ ପୂରଣ କରିଥିବାରୁ କପିଳ ଦେବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ମୋତେ ସାମାନ୍ୟ ନିରାଶ କରିଥିଲା’ ବୋଲି କହିଥିଲେ ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଦିଲୀପ। ସୁଯୋଗର ସଦ୍‌ବ୍ୟବହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ ଯେତେବେଳେ କ୍ୟାରିୟର ଆରମ୍ଭ କଲି, ସେତେବେଳେ ଦଳରେ ସୁନୀଲ ଗାଭାସ୍କର, ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ପରି ଅନେକ ନାମୀ ଖେଳାଳି ଥିଲେ। ମାତ୍ର ମୁଁ ସୁଯୋଗ ଅପେକ୍ଷାରେ ଥିଲି। ସୁଯୋଗ ପାଇଲା ମାତ୍ରେ ତାହାର ସଦ୍‌ବ୍ୟବହାର କଲି ଏବଂ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ହେବାର ଗୌରବ ମିଳିଲା। କ୍ରିକେଟ୍‌କୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ କଠିନ ପରିଶ୍ରମ କରିବା ଆବଶ୍ୟକ। କାରଣ ପରିଶ୍ରମ କେବେ ବ୍ୟର୍ଥ ହୁଏନି କିମ୍ବା ଏହାର ବିକଳ୍ପ ନାହିଁ। ସୁଯୋଗ ଯେତେବେଳେ ମିଳୁଛି ତା’ର ଶତପ୍ରତିଶତ ସଦ୍‌ବ୍ୟବହାର କର। ଏହା ବ୍ୟତୀତ ଖେଳ ପ୍ରତି ଉତ୍କଣ୍ଠା, ଜାଣିବାର ଇଚ୍ଛା, ଉତ୍ସର୍ଗୀକୃତ ମନୋଭାବ, ଶୃଙ୍ଖଳା ଏବଂ ଏକାଗ୍ର ମନୋଭାବ ରହିଲେ ନିଶ୍ଚିତ ସଫଳ ହେବ। ସାମ୍ପ୍ରତିକ ସମୟରେ ଶିକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ। ଖେଳିବା ସହିତ ଶିକ୍ଷିତ ହେବା ମଧ ଅତ୍ୟନ୍ତ ଜରୁରୀ ବୋଲି ଭେଙ୍ଗସରକାର ପ୍ରକାଶ କରିଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା, ଅର୍ଜୁନ ପୁରସ୍କାରପ୍ରାପ୍ତ ବଡିବିଲ୍ଡର ସୁନୀଲ ପାତ୍ର, ମକ୍‌ବୁଲ ଅଲ୍ଲୀ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

ଭୁବନେଶ୍ୱର, ୪।୧୧(ସ୍ପୋର୍ଟ୍ସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଲାଗି ସୋମବାରଠାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏ ସଂକ୍ରାନ୍ତରେ ରବିବାର ହକି ଇଣ୍ଡିଆ ଘୋଷଣା କରିଛି। ଏହି ଟିକେଟଗୁଡିକ କଳିଙ୍ଗ ଷ୍ଟାଡିୟମର ବକ୍ସ ଅଫିସ୍ ଓ ଭୁବନେଶ୍ୱରର ବିଭିନ୍ନ ଆଉଟଲେଟ୍ ତଥା ଦୋକାନରେ ଉପଲବ୍ଧ ହେବ। କଟକର ୨ଟି ଆଉଟ୍‌ଲେଟ୍‌ରେ ମଧ ଏହି ଟିକେଟଗୁଡିକ କ୍ରୟ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ୩ ସପ୍ତାହ ବାକିଥିବା ବେଳେ ଆୟୋଜକମାନେ ହକିପ୍ରେମୀଙ୍କ ସୁବିଧା ନିମନ୍ତରେ ସହରର ବିଭିନ୍ନ ସ୍ଥାନରେ ଟିକେଟ ଆଉଟଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମେଗା ଇଭେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଥିବା ବକ୍ସ ଅଫିସ୍‌ରେ ମଧ ଟିକେଟ ମିଳିପାରିବ। ପ୍ରତିଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକେଟ ବିକ୍ରି ଜାରି ରହିବ। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶ୍ୱ ର୍‍ୟାଙ୍କିଂର ୫ ନମ୍ବର ଦଳ ଭାରତ ପୁଲ୍ ସି’ରେ ଆଉ ଦୁଇଟି ମ୍ୟାଚ୍ ଖେଳିବ। ଡିସେମ୍ବର ୨ ତାରିଖରେ ଭାରତ ବେଲଜିୟମ୍ ଓ ୮ ତାରିଖରେ କାନାଡ଼ାକୁ ଭେଟିବ।

ଟିକେଟଗୁଡିକର ମୂଲ୍ୟ ବେଶ୍ ଶସ୍ତା ରଖାଯାଇଛି। ଇଷ୍ଟ ବା ପୂର୍ବ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି। ସେହିପରି ନର୍ଥ ବା ଉତ୍ତର ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୦୦ ଓ ସାଉଥ୍ ବା ଦକ୍ଷିଣ ଷ୍ଟାଣ୍ଡ ପାଇଁ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ତେବେ ଟିକେଟର ଏହି ମୂଲ୍ୟଗୁଡିକ ପୁଲ ପର୍ଯ୍ୟାୟ ଓ କ୍ରସ୍ ଓଭର ମ୍ୟାଚ୍ ପାଇଁ ଉଦ୍ଦିଷ୍ଟ। ତେବେ ନକ୍‌ଆଉଟ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିସବୁ ମ୍ୟାଚ୍ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୫୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ପୁଣି ଏହି ସାଧାରଣ ଟିକେଟଗୁଡିକ ମଧ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।




ହକି ଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ଦେଇଛନ୍ତି। ବିଶ୍ୱର ଏହି ଶ୍ରେଷ୍ଠ ହକି ଇଭେଣ୍ଟ ପାଇଁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ହେବ ବୋଲି ସେ ଘୋଷଣା କରିଥିଲେ। ଏହି ମେଗା ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ବହୁ ସଂଖ୍ୟାରେ ପ୍ରଶଂସକ ବିଶ୍ୱକପ୍ ଦେଖିବାକୁ ଆସି ହକିର ମଜା ନିଅନ୍ତୁ ଓ ନିଜ ଦେଶ ତଥା ହିରୋମାନଙ୍କୁ ଉତ୍ସାହିତ ତଥା ଚିୟର କରନ୍ତୁ ବୋଲି ସେ କହିଛନ୍ତି।

### ଟିକେଟ ଉପଲବ୍ଧ ହେବାକୁ ଥିବା ଆଉଟ୍‌ଲେଟ୍

**ଭୁବନେଶ୍ୱର**

୧– ସ୍ପୋର୍ଟ୍ସ ଏମ୍ପୋରିୟମ: ଅପୋଜିଟ୍ ପାଲ ହାଇଟ, ଜୟଦେବ ବିହାର
୨– ସିଷ୍ଟର ମୋବାଇଲ: ବିଏମ୍‌ସି ଭବାନୀ ମଲ, ଶହୀଦ ନଗର
୩–ସିଷ୍ଟର ମୋବାଇଲ: ପ୍ଲଟ ନଂ ୮୮/୭, ବାପୁଜୀ ନଗର
୪– ଏସ୍.ଏସ୍. ଫ୍ରୋଜେନ ୱାର୍ଲ୍ଡ: କାନନ ବିହାର, ଚନ୍ଦ୍ରଶେଖରପୁର
୫– ଭୂତନାଥ ମୋବାଇଲ ୱାର୍ଲ୍ଡ: ୮୭/୮, ବାପୁଜୀ ନଗର
୬–ବି ୨୧: ଇଣ୍ଡଷ୍ଟ୍ରିଆଲ ଏରିଆ, ଖାରବେଳ ନଗର
୭– ବି ୨୧: ଅପୋଜିଟ ବିଏମ୍‌ସି ଭବାନୀ ମଲ୍ ପ୍ରସ୍ଥାନ ଦ୍ୱାର, ଶହୀଦ ନଗର
୮– ଇନ୍ ଆଣ୍ଡ ଆଉଟ୍: ପ୍ଲଟ ନଂ. ୩୦୫, ଭାରତ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ, ଡିଷ୍ଟ୍ରିକ୍ଟ ସେଣ୍ଟର
୯– ବଡିଲାଇନ୍ ସ୍ପୋର୍ଟ୍ସ: ୫୦୧, ଖାରବେଳ ନଗର, ଜନପଥ, ଫ୍ଲୁଟ୍ସ ମାର୍କେଟ ସାମ୍ନା
୧୦– ସି ଡେକୋର୍ସ: ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର
୧୧–ବ୍ରିଉବେକ୍ସ ୭ ସ୍କାଏ ଆଇଟିଇଆର: ୧୧୯୯, ଜାଗମରା ସୁନ୍ଦରପଦା ରୋଡ ଖଣ୍ଡଗିରି
୧୨– ଏଫ୍‌ଏଚ୍୧୭ ସେଲୁନ: ୫୨୪– ୧୨୨, କାଳୀମନ୍ଦୀର ରୋଡ, ସତ୍ୟନଗର
୧୩– ଉଜଳା କାର ଫ୍ୟାସନ୍: ଖଣ୍ଡଗିରି ଛକ, ପାତ୍ରପଡ଼ା
୧୪– ଅଲିମ୍ପିକ ସ୍ପୋର୍ଟ୍ସ: ୪୨, ଜନପଥ ରୋଡ, ଶ୍ରୀଲେଦର ପାଖ, ଅଶୋକ ନଗର
୧୫– ରିଲାଏନ୍ସ ଫୁଡ୍ କୋର୍ଟ: ଶ୍ରୀୟା ଟକିଜ୍, ମାଷ୍ଟରକ୍ୟାଣ୍ଟିନ ଏରିଆ
୧୬– କ୍ଲାସିକ ବଟିକ୍ ଆଣ୍ଡ ବିଉଟି ସେଲୁନ: ଲକ୍ଷ୍ମୀ ନଗର
୧୭– ରିଲାଏନ୍ସ ଡିଜିଟାଲ: ରସୁଲଗଡ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ
୧୮– ଦି ହେୟାର ହାକର: ପ୍ଲଟ୍ ନଂ ୬୦୬/ ୩୭୫, ବମିଖାଲ, ଉତ୍କଳ ହୁଣ୍ଡାଇ ପାଖ

**କଟକ**

୧୯– ଅଲିମ୍ପିକ ସ୍ପୋର୍ଟ୍ସ: ରାଜାବଗିଚା
୨୦– ବ୍ଲାଷ୍ଟ: ରେକ୍ସ ପ୍ଲାଜା, ପଞ୍ଚମ ଫ୍ଲୋର, ଜୋବ୍ରା ରୋଡ, ଏଲ୍‌ଆଇସି କଲୋନୀ

## ଜୋକୋଭିଚ୍‌ଙ୍କଠାରୁ ହାରିଲେ ଫେଡେରର

**ପ୍ୟାରିସ,୪।୧୧:** କ୍ୟାରିୟରର ୧୦୦ତମ ଏଟିପି ଟାଇଟଲ ଲକ୍ଷ୍ୟରେ ଥିବା କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡେରର ଏଠାରେ ଚାଲିଥିବା ପ୍ୟାରିସ୍ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଏହି ଖେଳାଳିଙ୍କୁ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ନୋଭାକ ଜୋକୋଭିଚ୍ ପରାସ୍ତ କରିଛନ୍ତି। ଶନିବାର ମଧରାତ୍ରିରେ ଖେଳାଯାଇଥିବା ଐତିହାସିକ ମ୍ୟାଚ୍‌ରେ ଜୋକୋଭିଚ୍ ୭-୬(୮/୬), ୫-୭, ୭-୬(୭/୩) ସେଟ୍‌ରେ ଜିତି ନେଇଛନ୍ତି। ଏହା ସର୍ବିୟା ଖେଳାଳିଙ୍କ ଚଳିତ ସିଜନରେ କ୍ରମାଗତ ୨୨ତମ ବିଜୟ। ସେହିଭଳି ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିଥିବା ସୁଇଜରଲାଣ୍ଡ ଖେଳାଳି ଫେଡେରର (୨୦)ଙ୍କ ବିପକ୍ଷରେ ୱିମ୍ବେଲଡନ ଓପନ ଚାମ୍ପିୟନଙ୍କ କ୍ରମାଗତ ୪ର୍ଥ ବିଜୟ। ଗତ ୧୨ ବର୍ଷ ମଧରେ ଏହା ପ୍ରଥମ ଥର। ଦୁଇ କିମ୍ବଦନ୍ତୀ ଖେଳାଳିଙ୍କ ମଧରେ ଏହା ଥିଲା ୪୭ତମ ମ୍ୟାଚ୍। ଏଥିରୁ ଫେଡେରର ୨୨ଥର ବିଜୟ ହାସଲ କରିଛନ୍ତି। ଆସନ୍ତା ସପ୍ତାହରେ ଶୀର୍ଷ ର୍‍ୟାଙ୍କ ଅଧିକାର କରିବାକୁ ଥିବା ଜୋକୋଭିଚ୍ ଚଳିତ ପ୍ରତିଯୋଗିତା ଫାଇନାଲରେ କାରେନ ଖାଚନୋଭଙ୍କୁ ଭେଟିବେ।

## ସର୍ବଭାରତୀୟ କ୍ରିକେଟ୍ ଉଦ୍‌ଘାଟିତ

ଧର୍ମଶାଳା, ୪।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ୍ ଆନୁକୂଲ୍ୟରେ ନବମ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଧର୍ମଶାଳା ମହୋତ୍ସବ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏସ୍‌ପି ଚରଣ ସିଂ ମୀନା ଉଦ୍‌ଘାଟନ କରିଥିଲେ । କ୍ୱାଟର ଫାଇନାଲ ମ୍ୟାଚରେ ରାଇଜିଙ୍ଗ୍ ଷ୍ଟୁଡେଣ୍ଟ କଟକ ଓ ଝାଡଖଣ୍ଡର ଜାମ୍‌ସେଦପୁର ସୁପରକିଙ୍ଗ ମଧରେ ଖେଳାଯାଇଥିଲା। ରାଇଜିଙ୍ଗ ଷ୍ଟୁଡେଣ୍ଟ ବିଜୟୀ ହୋଇ ପ୍ରଥମ ସେମି ଫାଇନାଲରେ ପ୍ରବେଶ କରିଛି। ଜାମସେଦପୁର ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୩୦ଓଭର ମଧ୍ୟରୁ ୨୪.୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଉଜ୍ୱଳ ପାଳ ୪୨ ବଲରୁ ୮୩ରନ୍ ଓ ରାଜା ଗୁପ୍ତା ୩୦ ବଲ୍‌ରୁ ୩୫ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କଟକ ଦଳର ଅଭିଜିତ ଗଣା ଓ ସିଦ୍ଧାର୍ଥ ସିହ୍ନା ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ୨୬.୪ ଓଭରରେ ୪ ଉଇକେଟ୍ ହରାଇ ବିଜୟୀ ହୋଇଛି। ଦଳପକ୍ଷରୁ ସିଦୀପ ପାତ୍ର ୪୫ବଲ୍ ଖେଳି ୬୩ ଓ ପି ରୋଶନ୍ ରାଓ ୪୭ବଲରୁ ୪୬ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଜାମସେଦପୁର ଦଳରୁ ଅଶ୍ୱିନୀ ୨ଟି ଓ ବିକାଶ ପଟେଲ୍ ୧ଟି ଉଇକେଟ୍ ପାଇଥିଲେ। ଖଗେଶ୍ୱର ମଲ୍ଲିକ, ମାନସ ବେହୁରା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ସୁଦୀପ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସାମଲ, କାହ୍ନୁ ଚରଣ ସେଠୀ ଭାଷ୍ୟକାର ଭାବେ ଯୋଗ ଦେଇଥିଲେ। ସୋମବାର ଆଦ୍ରା ରେଲୱେ ଓ ଖଡ଼ଗପୁର ରେଲୱେ ମଧରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାନେଇ ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।



କ୍ରିକେଟ ଟୁର୍ନାମେଣ୍ଟକୁ ଯାଜପୁର ଏସ୍‌ପି ଚରଣ ସିଂ ମୀନା ଉଦ୍‌ଘାଟନ କରୁଛନ୍ତି ।

## ରେଡ୍ ବଲ କ୍ରିକେଟରୁ ରାୟୁଡୁଙ୍କ ଅବସର

**ହାଇଦ୍ରାବାଦ,୪।୧୧:** ମଧଭାଗର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ରେଡ୍ ବଲ କ୍ରିକେଟରୁ ଅବସର ନେଇଛନ୍ତି। ରେଡ୍ ବଲରେ ଖେଳାଯାଉଥିବା ପ୍ରଥମ ଶ୍ରେଣୀ ଓ ରଣଜୀ ଟ୍ରଫିରେ ସେ ଆଉ ଖେଳିବେ ନାହିଁ। ଏଭଳି ନିଷ୍ପତ୍ତି ନେଇ ସଭିଙ୍କୁ ଚକିତ କରି ଦେଇଛନ୍ତି। ଏ ସମ୍ପର୍କରେ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ପକ୍ଷରୁ ସୂଚନା ଦିଆଯାଇଛି। ୩୩ ବର୍ଷୀୟ ରାୟୁଡୁ ଏବେ ସୀମିତ ଓଭର କ୍ରିକେଟକୁ ଧ୍ୟାନ ଦେବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ‘‘ମୁଁ ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରେ ସୀମିତ ଓଭର କ୍ରିକେଟ ଖେଳିବି। ମୋତେ ବର୍ଷ ବର୍ଷ ଧରି ଖେଳିବାକୁ ସୁଯୋଗ ଦେଇଥିବାରୁ ବିସିସିଆଇ, ଏଚ୍‌ସିଏ, ଭଦୋଦରା କ୍ରିକେଟ ଆସୋସିଏଶନ ଓ ବିଦର୍ଭ କ୍ରିକେଟ ଆସୋସିଏଶନକୁ ଧନ୍ୟବାଦ ଜଣାଉଛି। ହାଇଦ୍ରାବାଦ ପାଇଁ ଖେଳିବା ମୋ ପାଇଁ ସମ୍ମାନର ବିଷୟ। ମୋତେ ସାଥୀ ଖେଳାଳି, କୋଚ୍ ଓ ଅଫିସିଆଲଙ୍କଠାରୁ ଯେଉଁଭଳି ସମର୍ଥନ ମିଳିଛି, ତାହାକୁ କଦାପି ଭୁଲିବି ନାହିଁ’’ ବୋଲି ସେ କହିଛନ୍ତି।

## କିଙ୍ଗ୍ସ ଏକାଦଶଠାରୁ ଅଲଗା ହେଲେ ବୀରୁ

**ଚଣ୍ଡିଗଡ,୪।୧୧:** ପୂର୍ବତନ ବିସ୍ଫୋରକ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ (ବୀରୁ) ଆଇପିଏଲ ଫ୍ରାଞ୍ଚାଇଜ୍ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି। ଏ ନେଇ କିଙ୍ଗ୍ସ ଏକାଦଶ ଦଳ ପକ୍ଷରୁ ଘୋଷଣା ହୋଇଯାଇଛି। ପୂର୍ବତନ ଭାରତୀୟ ଅଧିନାୟକ ଦଳ ସହ ମେଣ୍ଟର ଭାବେ ଯୋଡ଼ି ହୋଇଥିଲେ। ଚଳିତ ବର୍ଷ ଫ୍ରାଞ୍ଚାଇଜ ପକ୍ଷରୁ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ ଦୁଇ ବର୍ଷ ଲାଗି ନିଯୁକ୍ତ କରାଯିବା ପରେ ସେହ୍ୱାଗଙ୍କ ଭୂମିକା ଅସ୍ପଷ୍ଟ ହୋଇଯାଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆର ବ୍ରାଡ ହଜ ଦଳର କୋଚ୍ ଦାୟିତ୍ୱରେ ଥିଲେ। ‘‘ସବୁ କିଛିର ଅନ୍ତ ଅଛି। କିଙ୍ଗ୍ସ ଏକାଦଶ ସହ ଦୁଇ ସିଜନରେ ଖେଳାଳି ଭାବେ ଓ ୩ ସିଜନରେ ମେଣ୍ଟର ଭାବେ ମୋ ପାଇଁ ବହୁତ ଭଲ ଥିଲା। ମୁଁ ଏହି ଫ୍ରାଞ୍ଚାଇଜ୍‌ଠାରୁ ଅଲଗା ହେଉଛି। ମୋତେ ଦଳ ଜଡ଼ିତ ହେବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଆଗାମୀ ସିଜନରେ ଦଳ ଭଲ ପ୍ରଦର୍ଶନ କରୁ ବୋଲି ମୋର ଆଶା’’ ବୋଲି ଟୁଇଟର ଜରିଆରେ ସେହ୍ୱାଗ କହିଛନ୍ତି।

# ବିପ୍ଳବଙ୍କ ଶତକ, ମ୍ୟାଚ ଡ୍ର’

## ରଣଜୀ ଟ୍ରଫି : ଓଡ଼ିଶା-ହରିୟାଣା

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦୩) ଙ୍କ ଅପରାଜିତ ଶତକ ଯୋଗୁ ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ହରିୟାଣା ବିପକ୍ଷ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍–ସି’ର ଏକ ପ୍ରଥମ ରାଉଣ୍ଡ ମ୍ୟାଚକୁ ଓଡ଼ିଶା ଡ୍ର’ ରଖିପାରିଛି। ଏଥିଯୋଗୁ ପଏଣ୍ଟ ବଣ୍ଟୁଆରା ହୋଇଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ହରିୟାଣା ୩ ପଏଣ୍ଟ ଲାଭ କରିଥିବା ବେଳେ ଓଡ଼ିଶାକୁ ୧ ପଏଣ୍ଟ ମିଳିଛି। ରବିବାର ଥିଲା ମ୍ୟାଚର ଚତୁର୍ଥ ତଥା ଅନ୍ତିମ ଦିବସ। ପ୍ରଥମ ଇନିଂସରେ ୧୧୮ ରନରେ ପଛୁଆ ଥିବା ଘରୋଇ ଦଳ ସକାଳେ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୦/୧ରୁ ଏହାର ଖେଳ ଆରମ୍ଭ କରିଥିଲା। ଷ୍ଟମ୍ପ୍ସ ଅପସାରଣ ବେଳକୁ ଦଳ ୭ଉଇକେଟ ହରାଇ ୨୬୭ ରନ କରିଥିଲା। ବିପ୍ଳବଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧରେ ଶୁଭ୍ରାଂଶୁ ସେନାପତି ୪୫ ରନ କରିଥିଲେ। ଶୁଭ୍ରାଂଶୁ ତାଙ୍କ ଶତକୀୟ ଇନିଂସରେ ୨୧୦ ବଲ୍ ସାମ୍ନା କରିଥିଲେ। ସେ ୧୪ଟି ଚୌକା ଓ ୨ଟି ଛକା ଲଗାଇଥିଲେ। ହରିୟାଣା ପକ୍ଷରୁ ଟିନୁ କୁଣ୍ଡୁ ଓ ଜୟନ୍ତ ଯାଦବ ୨ଟି ଲେଖାଏଁ ଉଇକେଟ ନେଇଥିବାବେଳେ ହର୍ଷଲ ପଟେଲ, ମୋହିତ ଶର୍ମା ଓ ଚୈତନ୍ୟ ବିଶ୍ନୋଇ ଗୋଟିଏ ଲେଖାଏଁ ଉଇକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଓଡ଼ିଶା ପ୍ରଥମ ଇନିଂସ: ୩୨୪
- ହରିୟାଣା ପ୍ରଥମ ଇନିଂସ: ୪୪୨
- ଓଡ଼ିଶା ଦ୍ୱିତୀୟ ଇନିଂସ: ୨୬୭/୭ (ବିପ୍ଳବ ସାମନ୍ତରାୟ-୧୦୩*, ଶୁଭ୍ରାଂଶୁ ସେନାପତି-୪୫, ଅନୁରାଗ ଷଡ଼ଙ୍ଗୀ-୨୯, ସାନ୍ତନୁ ମିଶ୍ର-୨୪, ଗୋବିନ୍ଦ ପୋଦ୍ଦାର-୨୨; ଜୟନ୍ତ ଯାଦବ-୨/୪୫, ଟିନୁ କୁଣ୍ଡୁ-୨/୬୪)।





ଶତକ ହାସଲ ପରେ ବିପ୍ଳବ ସାମନ୍ତରାୟ । ରାକେଶ ମହାନ୍ତିଙ୍କୁ ଟିପ୍ସ ଦେଉଛନ୍ତି ହରିୟାଣା ଅଧିନାୟକ ମୋହିତ ଶର୍ମା । (ଫଟୋ–ମୌସମ)

## ଡେଲ୍ ପୋଟ୍ରୋଙ୍କ ସ୍ଥାନରେ ନିଶିକୋରି

ଲଣ୍ଡନ,୪।୧୧(ଏଏଫ୍‌ପି)

ଜାପାନର କେଇ ନିଶିକୋରି ଲଣ୍ଡନରେ ଖେଳାଯିବାକୁଥିବା ଏଟିପି ଫାଇନାଲ୍ସରେ ଅଂଶଗ୍ରହଣ କରିବେ। ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋଙ୍କ ଡାହାଣ ଆଣ୍ଠୁରେ ଆଘାତ ଲାଗିଥିବାରୁ ସେ ଏହି ପ୍ରତିଯୋଗିତାରୁ ଓହରିଯିବା ଫଳରେ ନିଶିକୋରୀଙ୍କୁ ସୁଯୋଗ ମିଳିଛି। ୮ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ନଭେମ୍ବର ୧୧ରୁ ଏଟିପି ଫାଇନାଲ୍ସ ଅନୁଷ୍ଠିତ ହେବ। ଏଥିରେ ନିଶିକୋରିଙ୍କ ବ୍ୟତୀତ ନୋଭାକ ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡେରର, ଆଲେକଜାଣ୍ଡର ଜେଭରେଭ, କେଭିନ ଆଣ୍ଡରସନ, ମାରିନ୍ ସିଲିକ୍ ଏବଂ ଡୋମିନିକ୍ ଥିମ୍ ପ୍ରମୁଖ ଭାଗ ନେବେ। ଡେଲ୍ ପୋଟ୍ରୋ ଏହି ସିଜନ ପ୍ରାରମ୍ଭରେ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ସ୍ଥାନ ଅଧିକାର କରିପାରିଥିଲେ। ଗତ ମାସରେ ସାଂଘାଇ ମାଷ୍ଟର୍ସରେ ଖେଳୁଥିବାବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ୨୮ ବର୍ଷୀୟ ନିଶିକୋରି ସିଜନ ଫାଇନାଲ୍ସରେ ଚତୁର୍ଥ ଥର ପାଇଁ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୧୪ ଓ ୨୦୧୬ରେ ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲେ।

DADLS-162

BhubaneswarMe WiFi ZONE

ଆଜି ଶୁଭାରମ୍ଭ କରୁଛନ୍ତି
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ପ୍ରଥମ ପର୍ଯ୍ୟାୟରେ
୧୦୦ ୱାଇ ଫାଇ ହଟ୍‌ସ୍ପଟ୍‌ର ଶୁଭାରମ୍ଭ
ଭୁବନେଶ୍ୱରର ସବୁ ପ୍ରମୁଖ ରାସ୍ତା ଯଥା
କିଟ୍ ଛକରୁ ଗଭର୍ଣ୍ଣର ହାଉସ୍ ଛକ,
ଆଚାର୍ଯ୍ୟ ବିହାରରୁ ଏଜି ଛକ, ଶିଶୁ ଭବନ
ଛକରୁ ବାଣୀ ବିହାର ଏବଂ ନାଲକୋ ଛକରୁ
ଆଚାର୍ଯ୍ୟ ବିହାର ରାସ୍ତାରେ ଉପଲବ୍ଧ
ପ୍ରତିଦିନ ୨୫୦ ଏମ୍.ବି ଫ୍ରି ଡାଟା ସହିତ
ଅତି ସ୍ୱଳ୍ପ ମୂଲ୍ୟର ଟପ୍ ଅପ୍ ପ୍ଲାନ

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର



@CMO_Odisha / CMO.Odisha / @Naveen_Odisha
15001/13/0366/1819

## ସଂକ୍ଷେପରେ

### ବିବାହ କଲେ ମୋର୍ଗାନ

**ଲଣ୍ଡନ,୪।୧୧:** ଇଂଲଣ୍ଡ ଦିନିକିଆ ଦଳର ଅଧିନାୟକ ଇଆନ ମୋର୍ଗାନ ଶନିବାର ଦୀର୍ଘଦିନର ବାନ୍ଧବୀ ତାରା ରିଡ୍‌ଗୱେଙ୍କୁ ବିବାହ କରିଛନ୍ତି। ଏହି ନୂଆ ଦମ୍ପତି ସମରସେଟ୍‌ସ୍ଥିତ ଐତିହାସିକ ବାବିଙ୍ଗଟନ ହାଉସଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇପ୍ରୋଫାଇଲ ବିବାହ ଉତ୍ସବରେ ନ୍ୟୁଜିଲାଣ୍ଡ ଦଳର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ, ନିକଟରେ ଅବସର ନେଇଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍, ଜାସୋନ ରୟ୍ ଓ ଜୋସ ବଟଲର ଯୋଗ ଦେଇଥିଲେ। ବିବାହ ସମ୍ପର୍କରେ ମୋର୍ଗାନଙ୍କ ବ୍ୟତୀତ ମ୍ୟାକୁଲମ ମଧ ଟୁଇଟ୍ କରି ସୂଚନା ଦେଇଛନ୍ତି। ପୂର୍ବରୁ ଆୟର୍ଲାଣ୍ଡ ପକ୍ଷରୁ ଖେଳିଥିବା ମୋର୍ଗାନ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୧୬ ଟେଷ୍ଟ, ୨୧୨ ଦିନିକିଆ ଓ ୭୭ ଟି୨୦ ଖେଳି ସାରିଛନ୍ତି। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଆଗାମୀ ବିଶ୍ୱକପ୍ ଖେଳିବ।

### ୬ ଉଇକେଟରେ ଜିତିଲା ଦ. ଆଫ୍ରିକା

**ପର୍ଥ,୪।୧୧(ଏଏଫ୍‌ପି):** ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଦକ୍ଷିଣ ଆଫ୍ରିକା ଦଳ ୬ ଉଇକେଟରେ ଜିତି ନେଇଛି। ପେସର ଡେଲ ଷ୍ଟେଇନ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଁ ବିବେଚିତ କରାଯାଇଛି। ମାତ୍ର ୧୫୩ ରନ୍‌ର ବିଜୟ ଲକ୍ଷ୍ୟକୁ ନେଇ ଓହ୍ଲାଇଥିବା ଦ. ଆଫ୍ରିକା ପକ୍ଷରୁ ଦୁଇ ଓପନର କୁଇଣ୍ଟନ ଡି'କକ୍ (୪୭) ଓ ରିଜା ହେଣ୍ଡ୍ରିକ୍ସ (୪୪) ଦଳ ପାଇଁ ୯୪ ରନ୍ ଯୋଗ କରିଥିଲେ। ଉଭୟ ଆଉଟ୍ ହେବା ପରେ ଆଡିଏମ ମାର୍କାମଙ୍କ ୩୬ ଓ ଅଧିନାୟକ ଫାଫ ଡୁ'ପ୍ଲେସ୍ଙ୍କ ଅପରାଜିତ ୧୦ ରନ୍ ଯୋଗୁ ଭ୍ରମଣକାରୀ ଦଳ ୨୯.୨ ଓଭରରେ ୧୫୩ ରନ୍ କରି ବିଜୟ ଲାଭ କରି ନେଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ୪୮ ରନ୍‌ରେ ୫ ଉଇକେଟ ହରାଇ ୧୦୦ ରନ୍ ମଧରେ ଅଲ୍‌ଆଉଟ୍ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା।

### ଟି୨୦ ସିରିଜ୍‌ରୁ ରସେଲ ଆଉଟ୍

**କୋଲକାତା,୪।୧୧:** ଟେଷ୍ଟ ଓ ଦିନିକିଆ ସିରିଜ୍ ପରାଜୟ ପରେ ଟି୨୦ ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିବା ୱେଷ୍ଟଇଣ୍ଡିଜ୍ ଦଳକୁ ରବିବାର ଶକ୍ତ ଧକ୍କା ଲାଗିଛି। ଦଳର ମୁଖ୍ୟ ଅଲରାଉଣ୍ଡର ଆଣ୍ଡ୍ରେ ରସେଲ ସିରିଜ୍‌ରୁ ଓହରି ଯାଇଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ତାଙ୍କ ବଦଳରେ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରେ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରିଥିବା ଶାଇ ହୋପଙ୍କୁ ଦଳରେ ସ୍ଥାନ ମିଳିବ।

# ଭାରତର ସହଜ ବିଜୟ

କୋଲକାତା,୪।୧୧ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଲୋ ସ୍କୋରିଂ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଘରୋଇ ଭାରତ ୧୩ଟି ବଲ ବାକି ଥାଇ ୫ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୧୦ ରନକରି ବିଜୟ ହାସଲ କରିଥିଲା। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ୧୩ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ସ୍ପିନର କୁଲଦୀପ ଯାଦବ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

## ପ୍ରଥମ ଟି୨୦

୧୧୦ରନ ଟାର୍ଗେଟର ପିଛା କରି ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ୬, ଶିଖର ଧାୱନ ୩, ରିଷଭ ପନ୍ତ ୧, ଲୋକେଶ ରାହୁଲ ୧୬, ମନୀଷ ପାଣ୍ଡେ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ କାର୍ତ୍ତିକ ଓ ପାଣ୍ଡେ ୩୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଷଷ୍ଠ ଉଇକେଟ ଯୋଡିରେ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଅପରାଜିତ ୨୭ ରନ କରି ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍‌ର ଓଶାନ ଥୋମାସ ଓ କ୍ରେଗ୍ ବ୍ରାଥୱେଟ୍ ଦୁଇଟି ଲେଖାଏ, ଖାରେ ପିଏର ଗୋଟିଏ ଉଇକେଟ ନେଇଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ଭ୍ରମଣକାରୀ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇ ନ ଥିଲେ। ୫୬ ରନରେ ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇଥିଲା। ନିମ୍ନକ୍ରମରେ ଫାବିଆନ ଆଲେନ୍ ୨୭ ଓ କିମୋ ପଲ ଅପରାଜିତ ୧୫, ଖାରି ପିଏର ଅପରାଜିତ ୯ ରନ କରି ଦଳର ସ୍କୋରକୁ ୧୦୦ ରନ ପାର କରାଇଥିଲେ। ୱେଷ୍ଟଇଣ୍ଡିଜ ଅଷ୍ଟମ ଉଇକେଟ ଯୋଡିରେ ୨୪ ଓ ନବମ ଉଇକେଟ ଯୋଡିରେ ଅପରାଜିତ ୨୨ ରନ ସଂଗ୍ରହ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ଶାଇ ହୋପ୍ ୧୪, ଶିମରନ ହେଟମେର ୧୦, କିରନ ପୋଲାର୍ଡ ୧୪ ରନ କରି ଆଉଟ ହୋଇଥିବା ବେଳେ ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ ରାମଦିନ ୨, ଡାରେନ ବ୍ରାଭୋ ୫, ରୋଭମ୍ୟାନ ପାୱେଲ ୪, ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଚାଇନାମ୍ୟାନ କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଉମେଶ ଯାଦବ, ଖଲିଲ ଅହମ୍ମଦ, ଯଶପ୍ରୀତ ବୁମ୍‌ରା ଓ ପଦାର୍ପଣ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭାଇ ତଥା ଆଇପିଏଲ୍ ତାରକା କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ଭାରତର କ୍ରୁନାଲ, ଖଲିଲଙ୍କ ସମେତ ୱେଷ୍ଟଇଣ୍ଡିଜର ୩ ଖେଳାଳି ପଦାର୍ପଣ କରିଥିଲେ।



ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଅବସରରେ ଦୀନେଶ କାର୍ତ୍ତିକ ଓ ମନୀଷ ପାଣ୍ଡେ ।

**ସଂକ୍ଷିପ୍ତ ସ୍କୋର :** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୦୯/୮ (ଆଲେନ- ୨୭, ପଲ- ୧୫*, ପୋଲାର୍ଡ- ୧୪, ହୋପ୍- ୧୪, ହେଟମେର- ୧୦, କୁଲଦୀପ- ୩/୧୩)। ଭାରତ ୧୭.୫ ଓଭରରେ ୧୧୦/୫ (କାର୍ତ୍ତିକ- ୩୧*, କ୍ରୁନାଲ- ୨୧*, ପାଣ୍ଡେ- ୧୯, ରାହୁଲ- ୧୬, ଥୋମାସ- ୨/୨୧, ବ୍ରାଥୱେଟ୍- ୨/୧୧)।

# ରାଜ୍ୟସ୍ତରୀୟ ମହିଳା ଚେସ: ସ୍ମାରକୀ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

କେନ୍ଦ୍ରାପଡା ଅଫିସ, ୪।୧୧

ଅଲ ଓଡ଼ିଶା ଚେସ ଆସୋସିଏଶନ ଓ କେନ୍ଦ୍ରାପଡା ଜିଲା ଚେସ ଆସୋସିଏଶନ ଆନୁକୂଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ସ୍ମାରକୀ ମହିଳା ଚେସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସ୍ମାରକୀ ମହାନ୍ତି ଚାମ୍ପିୟନ ହୋଇଛନ୍ତି । ଖୋର୍ଦ୍ଧାର ୟାଶିତା ରାଉତ ୨ୟ, କଟକର ପ୍ରକୃତି ରାଉତ ୩ୟ ଓ କଟକର ଐଶ୍ୱର୍ଯ୍ୟା ସାହୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ୪ କୃତି ପ୍ରତିଯୋଗୀ ରାଜସ୍ଥାନର ଜୟପୁରଠାରେ ନଭେମ୍ବର ୧୮ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ମହିଳା ଚେସ ଚାମ୍ପିୟନଶିପରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧାର ଅନନ୍ୟା ଅନାମିକା, କୃଷ୍ଣା ମିଶ୍ର, କଟକର ସୀମି ସୀକୃତି, ଦିବାଶ୍ରିତା ସ୍ୱାଇଁ, ସାଇ ସମ୍ପଦା ମହାନ୍ତି ଓ ଗଞ୍ଜାମର ରଶ୍ମିତା କୁମାରୀ ପାତ୍ର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ବୟସ ବର୍ଗ ମଧ୍ୟରୁ କଟକର ନୀତିଶା ସର ୭ ବର୍ଷରୁ କମ୍, କଟକର ଶ୍ରେୟା ପ୍ରିୟଦର୍ଶିନୀ ୯ ବର୍ଷରୁ କମ୍, ଖୋର୍ଦ୍ଧାର ନିୟତି ନିହାରିକା ମହାପାତ୍ର ୧୧ ବର୍ଷରୁ କମ୍ ଓ କେନ୍ଦ୍ରାପଡ଼ାର ଶ୍ରେୟାସିଂ ମଲ୍ଲ ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଜିଲା ଆସୋସିଏଶନ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ରାକେଶ ମହାନ୍ତି, ମନୋଜ ପରିଡ଼ା, ନାରାୟଣ ଦାସ, ଜିଲା ସଂଘ ସମ୍ପାଦକ ଭବେଶ ମହାନ୍ତି ଓ କୋଚ ସତ୍ୟନାରାୟଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଓଡ଼ିଶା ଏକାଦଶ ସିରିଜ ବିଜୟୀ

ରାଉରକେଲା ଅଫିସ, ୪।୧୧

ସ୍ଥାନୀୟ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଦର୍ଶନୀ ହକି ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ସଡନ୍ ଡେଥ୍ ମାଧ୍ୟମରେ ନ୍ୟୁ ସାଉଥ୍ ୱେଲ୍ସକୁ ୧-୦ରେ ପରାସ୍ତ କରିଛି। ଫଳରେ ଓଡ଼ିଶା ସିରିଜ ବିଜୟ ହାସଲ କରିଛି। ସୂଚନାଯୋଗ୍ୟ, ଗତ ୧ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡିଶା ଏକାଦଶ ୫-୧ ଗୋଲରେ ସାଉଥ୍‌କୁ ହରାଇଥିଲା। ପରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁ ସାଉଥ୍ ୱେଲ୍ସ ଓଡିଶାକୁ ୩-୨ରେ ହରାଇବାରୁ ସିରିଜ ଅମୀମାଂସିତ ରହିଲା। ଏଣୁ ପେନାଲ୍ଟି ଶୁଟ୍ ଆଉଟ୍‌ର ଆଶ୍ରୟ ନିଆଗଲା। ଏହା ମଧ ୪-୪ରେ ଅମୀମାଂସିତ ରହିବାରୁ ସଡନ ଡେଥ୍‌ର ଆଶ୍ରୟ ନିଆଯାଇଥିଲା। ଏଥିରେ ଓଡ଼ିଶା ଅଧିନାୟକ ରୋଶନ ମିଞ୍ଜ ଗୋଲସ୍କୋର କରି ଦଳକୁ ୫-୪ ଗୋଲରେ ଜିତାଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ଅଧିନାୟକ କର୍ଟ ଲୋଭେଟ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଓଡ଼ିଶା ଦଳର ଅଧିନାୟକ ରୋଶନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ଆର୍‌ଡିଏ ଅଧକ୍ଷ ସାରଦା ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପଦ୍ମଶ୍ରୀ ଦିଲୀପ ତିର୍କୀ, ଜିଲାପାଳ ସୁରେନ୍ଦ୍ର ମୀନା, ଏଡିଏମ୍ ମୋନିଷା ବାନାର୍ଜୀ, ଆରଏମ୍‌ସି ଅଧକ୍ଷା ରଶ୍ମିତା ପଣ୍ଡା, ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର, ଡିଆର୍‌ଡିଏ ପ୍ରକଳ୍ପ ସଂଯୋଜକ ଭୂମେଶ ବେହେରା ଓ ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ହକିକୁ ଜାତୀୟ ଖେଳର ମାନ୍ୟତା ପ୍ରଦାନ ନେଇ ତାଙ୍କ ଉଦ୍ୟମ ଅବ୍ୟାହତ ରହିଛି। ଓଡ଼ିଶା ଆଗାମୀ ଦିନରେ କ୍ରୀଡ଼ାର ଅନ୍ତର୍ଜାତୀୟ ହବ୍ ହେବାକୁ ଯାଉଛି। ଏ ନେଇ ସରକାର ଆନ୍ତରିକତାର ସହ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏବେ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବା ବେଳେ ଆଗାମୀ ଦିନରେ ଏଭଳି ଆହୁରି ଅନେକ ଖେଳ ଓ ପ୍ରତିଯୋଗିତା ଆୟୋଜନ କରିବାରେ ରାଜ୍ୟ ଅଗ୍ରଣୀ ଭୂମିକା ନିର୍ବାହ କରିବ। ସୁନ୍ଦରଗଡ଼ ଜିଲା ଆମ ଦେଶକୁ ବିଶ୍ୱସ୍ତରରେ ଗୌରବାନ୍ୱିତ କରିଛି। ଏଣୁ ହକିର ଉନ୍ନତି ନେଇ ସରକାର ଯୋଜନା କରିଛନ୍ତି। ରାଜ୍ୟରେ ଅଧିକ ଅଷ୍ଟ୍ରୋଟର୍ଫ ଖେଳପଡିଆ ନିର୍ମାଣ ଉପରେ ଦୃଷ୍ଟି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଡିଆକୁ ଆସି ଏକ ପେନାଲ୍ଟି ଶଟ୍ ମାରି ପଡିଆରେ ଉପସ୍ଥିତ ଭରପୂର ଗ୍ୟାଲେରି ଦର୍ଶକଙ୍କ ମନ ଜିଣିଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଖେଳ ସଂଘର୍ଷପୂର୍ଣ୍ଣ ରହିଥିଲା। ଆରମ୍ଭରୁ ଓଡ଼ିଶା ଏକାଦଶ ନ୍ୟୁ ସାଉଥ୍ ୱେଲ୍ସ ହକିଟିମ୍‌କୁ ଚାପରେ ରଖିବାକୁ ଉଦ୍ୟମ କରିଥିଲା। ଏହି ଖେଳ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଭୟ ଦଳକୁ କପ୍ ପ୍ରଦାନ କରିଥିଲେ।




ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ସିରିଜ ବିଜୟୀ ଓଡ଼ିଶା ଦଳ ଟ୍ରଫି ସହ ।

# ଭାରତୀୟ ଇଞ୍ଜିନିୟରଙ୍କୁ ୟୁଏସ୍ କ୍ରିକେଟ ଦଳର ନେତୃତ୍ୱ

ନୂଆଦିଲ୍ଲୀ,୪।୧୧

ଭାରତୀୟ ସଫ୍ଟୱେର ଇଞ୍ଜିନିୟର ସୌରଭ ନେତ୍ରାକାଲକରଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଯାଇଛି। ପୂର୍ବତନ ମୁମ୍ବାଇ ପେସର କର୍ନେଲ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ଅଧ୍ୟୟନ ଲାଗି ସେ ଖେଳି ଛାଡ଼ିଥିଲେ। ଏହି ୨୭ ବର୍ଷୀୟ ବୋଲରଙ୍କୁ ଆମେରିକାର ଜାତୀୟ କ୍ରିକେଟ ଦଳର ନେତୃତ୍ୱ ମିଳିଛି। ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ବୋଲର ଗତ ୧୯ ବର୍ଷରୁ କମ୍ ବିଶ୍ୱକପ୍, ୨୦୧୦ ଚାମ୍ପିୟନ ଭାରତୀୟ ଦଳ ଲାଗି ସର୍ବାଧିକ ଉଇକେଟ ନେଇଥିଲେ। ସେ ଏହି ସଂସ୍କରଣରେ ଇଂଲଣ୍ଡ ଦଳର ଭବିଷ୍ୟତ ଅଧିନାୟକ ଜୋ ରୁଟ ଓ ପାକିସ୍ତାନ ଓପନର ଅହମ୍ମଦ ଶେହଜାଦଙ୍କୁ ଆଉଟ କରିଥିଲେ। ଏହାର ୩ ବର୍ଷ ପରେ ସେ କ୍ୟାରିୟରର ଏକମାତ୍ର ରଣଜୀ ମ୍ୟାଚ୍ ମୁମ୍ବାଇ ପକ୍ଷରୁ ଖେଳିଥିଲେ। କର୍ନାଟକ ବିପକ୍ଷ ମ୍ୟାଚ୍‌ରେ ସେ ୩ ଉଇକେଟ ନେଇଥିଲେ। କିନ୍ତୁ ସେ ତାଙ୍କ ଭବିଷ୍ୟତ ନେଇ ସନ୍ତୁଷ୍ଟ ନ ଥିଲେ। "ମୁଁ କ୍ରିକେଟରେ କ୍ୟାରିୟର କରିବା ପାଇଁ ୨ ବର୍ଷ ଦେଇଥିଲି। ମାତ୍ର ପରବର୍ତ୍ତୀ ସ୍ତରକୁ ଯିବାରେ ବିଫଳ ହୋଇଥିଲି" ବୋଲି ଆମେରିକୀୟ ସହର ସାନ ଫ୍ରାନ୍ସିସ୍କୋରୁ ଫୋନ ଯୋଗେ କହିଛନ୍ତି। ମୁମ୍ବାଇସ୍ଥିତ ସର୍ଦ୍ଦାର ପଟେଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିଠାରେ ଇଞ୍ଜିନିୟରିଂ କରିଥିଲେ। ଏହାପରେ ଜିଆରଇ ଓ ଟୋଫେଲ ପରୀକ୍ଷା ଦେଇ କର୍ନେଲ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଇଥିଲେ। ସେଠାରେ ସେ ପୁଣି କ୍ରିକେଟ ଖେଳିବା ଆରମ୍ଭ କରିଥିଲେ।

ପୂର୍ବ ତଟ ରେଳପଥ
ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର
ଇ-କ୍ରୟ ପ୍ରଣାଳୀ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି। ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907 ଗୁଡ଼ିକର ବନ୍ଦ ହେବାର ତାରିଖ କ୍ରମଶଃ ତା.19.11.2018ରିଖ ଏବଂ ତା.26.11.2018ରିଖ ଅଟେ।
ଇଚ୍ଛୁକ ଟେଣ୍ଡରଦାତାମାନେ ଅଧିକ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ : http://www.ireps.gov.in ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।
PR-85/CB/-18-19
ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/TP/ଭୁବନେଶ୍ୱର

ଧରିତ୍ରୀ DHARITRI
Puja Quiz- 2018
Quiz No.22
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct
୧. ଜୈନ ଧର୍ମର ଆଦ୍ୟ ପ୍ରବର୍ତ୍ତକ କିଏ ?
କ. ମହାବୀର ☐ ଖ. ଋଷଭ ☐ ଗ. ସିଦ୍ଧାର୍ଥ ☐ ଘ. କେଉଁଟି ନୁହେଁ ☐
୨. ନନ୍ଦ ଶାସନ କିଏ ପ୍ରତିଷ୍ଠା କରିଥିଲେ ?
କ. ଅଶୋକ ନନ୍ଦ ☐ ଖ. ଧନ ନନ୍ଦ ☐ ଗ. ମହାପଦ୍ମ ନନ୍ଦ ☐ ଘ. କେଉଁଟି ନୁହେଁ ☐
୩. ବାବରଙ୍କ ପ୍ରକୃତ ନାମ କ'ଣ ଥିଲା ?
କ. ନାସିରୁଦ୍ଦିନ ମହମ୍ମଦ ☐ ଖ. ଜହିରୁଦ୍ଦିନ ମହମ୍ମଦ ☐ ଗ. କମରୁଦ୍ଦିନ ମହମ୍ମଦ ☐ ଘ. କେଉଁଟି ନୁହେଁ ☐
୪. ଭାରତର 'ବ୍ରଜଭୂମି' କେଉଁ ସ୍ଥାନକୁ ବୁଝାଯାଏ ?
କ. କାଶୀ ☐ ଖ. ମଥୁରା ☐ ଗ. ବୃନ୍ଦାବନ ☐ ଘ. କେଉଁଟି ନୁହେଁ ☐
୫. ଭାରତର କେଉଁ ମନ୍ଦିର ଛ' ମାସ ବନ୍ଦ ରହେ ?
କ. କେଦାରନାଥ ☐ ଖ. ବଦ୍ରିନାଥ ☐ ଗ. ରାମନାଥ ☐ ଘ. କେଉଁଟି ନୁହେଁ ☐
Participant's Name:
Address:
Education
Mobile ... Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 22
B-15, Industrial Estate, Rasulgarh, Bhubaneswar-10






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ


Nikon
At the heart of the image
I AM CELEBRATING FESTIVITIES
Wi-Fi
D750
24 MEGAPIXEL
6.5 FPS
51 AF POINTS
60p FULL HD MOVIE
8cm TILTING LCD
Body MRP: ₹ 1 31 950.00
Body + 24-120mm Lens MRP: ₹ 1 78 950.00
D5600
24 MEGAPIXEL
5 FPS
39 AF POINTS
60p FULL HD MOVIE
VARI ANGLE TOUCH LCD
Body + 18-55mm Lens MRP: ₹ 55 950.00 / OFFER PRICE: ₹ 51 950.00
Body + (18-55mm+70-300mm) D-Zoom Kit Lens MRP: ₹ 72 550.00 / OFFER PRICE: ₹ 62 950.00
DX D7500
20.9 MP
8 FPS
51 AF POINTS
Body MRP: ₹ 96 950.00
OFFER PRICE: ₹ 87 950.00
Body + 18-105mm Lens MRP: ₹ 1 15 450.00
OFFER PRICE: ₹ 1 07 450.00
DX Wi-Fi D5300
24.2 MP
5 FPS
39 AF POINTS
Body + 18-55mm Lens MRP: ₹ 45 450.00
OFFER PRICE: ₹ 43 950.00
Body + (18-55mm+70-300mm) D-Zoom Kit Lens
MRP: ₹ 55 950.00 OFFER PRICE: ₹ 54 950.00
DX D3500
24.2 MP
5 FPS
11 AF POINTS
Body MRP: ₹ 33 950.00
Body + 18-55mm Lens MRP: ₹ 39 450.00
Body + (18-55mm + 70-300mm) D-Zoom Kit Lens
MRP: ₹ 49 950.00
CONSUMER OFFER#
WITH D750
BAGPACK WORTH ₹ 4 990.00 INCLUDED
WITH D5600
Samsung Bluetooth Headset (Level U) Worth ₹ 2 999.00 INCLUDED
WITH D5300
Lee Cooper®
SLING BAG Worth ₹ 2 999.00 INCLUDED
Price quoted is for one unit of product. MRP inclusive of all taxes. | #Conditions Apply. Limited period offer. The Headset & bag model, design, specification & colour shown in the consumer offer may vary and is subject to availability | ##Available at select stores. Finance at the sole discretion of the financer | ^16GB (Class 10) SD Card available with DX models only (except D500). Carry Case available with DX models only | Premium SMS charges applicable | Accessories shown above are only for reference & not provided with the product | *Product bought on new MRP. For more details visit www.nikonoffers.com | For more information visit www.nikon.co.in
ATTRACTIVE CASH BACK OFFER
AVAILABLE ON D750 & D850
Easy EMI
2 Year Warranty
16GB+ (CLASS 10) SD CARD
CARRY CASE INCLUDED
Corporate/Registered Office & Service Centre: Nikon India Pvt Ltd, Plot No.71, Sector 32, Institutional area, Gurgaon-122001, Haryana, (CIN-U74999HR2007FTC036820). Ph.: 0124 4688500, Fax: 0124 4688527, Service Ph.: 0124 4688514, Service ID: nindsupport@nikon.com, Sales and Support ID: nindsales@nikon.com. AUTHORISED SERVICE CENTRE: Bhubaneshwar Service Centre: Osho Vision, Lane No-3, Plot No-44, In front of HDFC Bank, Bhubaneswar-751009, Orissa, Ph: 9583218461 / 2533986
NIKON EXPERIENCE ZONE: BHUBANESWAR: Spectra ET-8984636092/9668156185, Subham Digital Photo Shop-9437176862/7008497776. CUTTACK: Patra Electronics-8908179940, BERHAMPUR: IBC Systems-9861029805, SAMBALPUR: Nexgen Communications-7853065990. BOLANGIR: Vandana Digital-9437034170 AUTHORISED DEALERS: BHUBANESWAR: Shree Om Digital-9861250171, Spectra Vision-7978491789, Raj Electronics-9437756121, Great Eastern Appliances-9658887553, Mini Color Lab-9437056341, Camarena-9937803703, Patra Electronics-9438343402, Gupta Distributors-9040402534, Camera Point Hollywood-9040699304, CUTTACK: Mini Color Lab-9437056341, Patra Electronics-7381952276, Gupta Distributors-9338001570, PURI: Gupta Distributors-9583225554, BERHAMPUR: Padmalaya Studio-9938688118, Patra Electronics-9337490074, Sai Kiran-9861150619, ROURKELA: Patra Electronics-8908209959, National Electronics-7008332882 P C Island-9437041206, Madhukar Photo Studio-9040500763, JHARSUGUDA: Patra Electronics-8598834736, BALASORE: Patra Electronics-7809174764, Great Eastern Appliances-9078065989, BARIPADA: Patra Electronics-9439002979, Rainbow Color Lab-9337550001, JEYPORE: R N Digital-9777505675, RAYAGADA: Studio Bhanjaprabha-9437622370
TO LOCATE DEALERS IN YOUR AREA ▶ SMS NIKON <PINCODE> to 58888 ▶ CALL TOLL FREE NO.: 1800-102-7346 ▶ VISIT OUR WEBSITE: www.nikon.co.in
CAUTION: Please note that E-commerce websites/portals are not our authorized partners/ dealers in India for sale of Nikon products or accessories. We advise you to check the warranty entitlements of the products sold through e-commerce websites / portals under the brand name 'Nikon'.
Reliance digital
K&L Arms/11/18


HONDA
The Power of Dreams
सच कर देंगे सपने
HAPPY DHANTERAS
ONE LOOK IS ENOUGH
X-BLADE
ROBO-FACE LED HEADLAMP
AGGRESSIVE-SCULPTED TANK DESIGN
STREET-TECH DIGITAL METER
RAZOR EDGED LED TAIL LAMP
UP TO 95%# FINANCE ON ON-ROAD PRICE
0 PROCESSING & DOCUMENTATION CHARGES#
SAVING UP TO ₹ 7,500#
HDFC BANK We understand your world
L&T Financial Services
muthoot CAPITAL
IndusInd Bank
SHRIRAM City MONEY WHEN YOU NEED IT MOST
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.
BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Honda Exclusive Authorized Dealerships: JEYPORE: Kesar Honda - 06854-230492, 8895321212; MUNIGUDA: Laxmi Honda - 0958352467; NABRANGPUR: Vardhmaan Honda - 06858-223929, 8260020009; RAYGADA: Aditya Honda - 9938418969, 09692455111, 8093331029; SIMLIGUDA: SS Honda - 06853225397, 07799882597.
For Bulk/Institutional enquiries, please write us at: institutionalsales@honda2wheelersindia.com
Follow us on

■ ଅସ୍ତପଥେ ପତ୍ରସୌରାଙ୍କ ଧୁଡୁକି କଳା

## ପାଲ୍ଲିଗୁଡ଼ାରେ ଦିନ କାଟୁଛନ୍ତି ଅନ୍ତିମ ପିଢ଼ି

**ପତ୍ରରେ ଆବୃତ୍ତ ହୋଇ ରହୁଥିବାରୁ ପତ୍ରସୌରା ଭାବେ ପରିଚିତ ହୋଇଥିବା ଏହି ଆଦିବାସୀ ସମ୍ପ୍ରଦାୟ ଏବେ ସଙ୍କଟରେ। କୋରାପୁଟ ଜିଲାର ଏକମାତ୍ର ଗାଁ ପାଲ୍ଲିଗୁଡ଼ାରେ ଏବେ ଦିନ କାଟୁଛନ୍ତି ଏହି ସମ୍ପ୍ରଦାୟର ଅନ୍ତିମ ପିଢ଼ି। ରାଜ ଦରବାରରେ ଏକଦା ଆଦର ପାଉଥିବା ସେମାନଙ୍କର ଧୁଡୁକି କଳା ମଧ ଏବେ ଅସ୍ତପଥରେ।**

ବୈପାରୀଗୁଡ଼ାରୁ କଳ୍ପତରୁ ମହାନ୍ତିଙ୍କ ରିପୋର୍ଟ

ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲା। ଏଠାରେ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରନ୍ତି। ପ୍ରତ୍ୟେକ ଆଦିବାସୀ ସଂପ୍ରଦାୟର ନିଜସ୍ୱ ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ରହିଛି। ଭାଷା ଓ ସଂସ୍କୃତି ହିଁ ପ୍ରତ୍ୟେକ ଆଦିବାସୀ ସଂପ୍ରଦାୟର ପରିଚୟ ଦେଇଥାଏ। ତେବେ ପରିବର୍ତ୍ତିତ ପରିସ୍ଥିତି ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ବହୁ ଆଦିବାସୀ ସମ୍ପ୍ରଦାୟ ଓ ସଂସ୍କୃତି ବିଲୀନ ହେବାକୁ ଲାଗିଛି। ଏମିତି ଏକ ଆଦିବାସୀ ସଂପ୍ରଦାୟ ହେଲା କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ପାଲ୍ଲିଗୁଡା ଗ୍ରାମରେ ବସବାସ କରୁଥିବା ପତ୍ରସୌରା ଆଦିବାସୀ।

ବୈପାରୀଗୁଡ଼ା ବ୍ଲକ ସଦରରୁ ପ୍ରାୟ ୧୫ କିମି ଦୂରରେ ରହିଛି ପାଲ୍ଲିଗୁଡ଼ା। ଏହି ଗାଁରେ ରହନ୍ତି ପ୍ରାୟ ୨୦ ପତ୍ରସୌରା ଆଦିବାସୀ ପରିବାର। ଉକ୍ତ ସଂପ୍ରଦାୟର ଲୋକେ ଅତି ବିରଳ। କୋରାପୁଟ ଜିଲାର କେବଳ ଏହି ଗୋଟିଏ ଗାଁରେ ହିଁ ଏହି ସମ୍ପ୍ରଦାୟ ରହିଛନ୍ତି। ପାଲ୍ଲିଗୁଡ଼ା ବ୍ୟତୀତ ନବରଙ୍ଗପୁର ଜିଲା ଖୁଣ୍ଟିଆ ଗ୍ରାମରେ କେତେକ ପତ୍ରସୌରା ପରିବାର ରହିଛନ୍ତି ବୋଲି ଗ୍ରାମର ରାମଚନ୍ଦ୍ର ପତ୍ରସୌରା ଓ ମନୋହର ପତ୍ରସୌରା କହିଛନ୍ତି। ସେମାନେ ବିରଳ ହୋଇଥିବାରୁ ସେମାନଙ୍କ କନ୍ୟା ପାଇଁ ବର ଓ ବର ପାଇଁ କନ୍ୟା ଯୋଗାଡ଼ କରିବା ମଧ କଷ୍ଟକର। ତେଣୁ ସେମାନେ ଭୂମିଆ, ପାଇକ, ଗୌଡ଼ ଆଦି ସଂପ୍ରଦାୟର ଲୋକଙ୍କ ସହ ବନ୍ଧୁ ବାନ୍ଧିଥାନ୍ତି।

### ପତ୍ରସୌରା ଉତ୍ପତ୍ତି ପଛର ଜନଶ୍ରୁତି

ପତ୍ରସୌରା ସଂପ୍ରଦାୟ ଉତ୍ପତ୍ତି ପଛରେ ଏକ ସୁନ୍ଦର ଜନଶ୍ରୁତି ରହିଛି। ବହୁ ବର୍ଷ ତଳେ ଜୟପୁର ନିକଟସ୍ଥ ବାରିଣିପୁଟ ଜଙ୍ଗଲରେ ଦୁଇ ଭାଇ ଭଉଣୀ ରହୁଥିଲେ। ଭାଇଙ୍କ ନାମ ବାଘ ସିଂ ଓ ଭଉଣୀଙ୍କ ନାମ ତୁଳସୀ। ସେମାନେ ନିଜ ଶରୀରକୁ ବସ୍ତ୍ର ବଦଳରେ ପତ୍ରରେ ଆବରଣ କରି ରଖୁଥିଲେ। ପରବର୍ତ୍ତୀ କାଳରେ ସେମାନେ ପତ୍ରସୌରା ଭାବେ ପରିଚିତ ହେଲେ। ଉଭୟ ଗାନ୍ଧର୍ବ କଳାରେ ନିପୁଣ ଥିଲେ। ଜୟପୁର ରଜା ସେମାନଙ୍କୁ ଠାବକରି ନିଜ ଦରବାରରେ ନୃତ୍ୟଗୀତରେ ନିୟୋଜନ କରିଥିଲେ। ତେବେ ସେମାନଙ୍କ ବଂଶରକ୍ଷା ପାଇଁ ଉଭୟ ଭାଇ ଭଉଣୀଙ୍କୁ କିଛି ବର୍ଷ ଅଲଗା ରଖାଯାଇଥିଲା। ପରେ ସେମାନେ ପରସ୍ପରକୁ ଚିହ୍ନି ନପାରି ବିବାହ ବନ୍ଧନରେ ଯୋଡ଼ି ହୋଇଥିଲେ। ପତ୍ରସୌରା ସଂପ୍ରଦାୟ ପୂର୍ବଜଙ୍କୁ ରହିବା ପାଇଁ ରଜା ସ୍ଥାନ ଦେଇଥିଲେ। ଏହାର ପ୍ରତିବଦଳରେ ରଥଯାତ୍ରା ଓ ଦଶହରା ପୂଜା ସମୟରେ ସେଠାକୁ ଯାଇ ପତ୍ରସୌରାମାନେ ନାଚଗୀତ ପରିବେଷଣ କରୁଥିଲେ।

### ସମ୍ପ୍ରଦାୟର ଅନ୍ତିମ ପିଢ଼ି ଲବ-କୁଶ

ଏବେ ସେମାନଙ୍କ ଅନ୍ତିମ ପିଢ଼ି ଭାବେ ୨ ଭାଇ ଲବ ପତ୍ରସୌରା, କୁଶ ପତ୍ରସୌରା ଓ ତାଙ୍କ ବିଧବା ଭାଉଜ ସୁନି ପତ୍ରସୌରା ଗ୍ରାମରେ ରହିଛନ୍ତି। ସେଇମାନେ ହିଁ ଏହି କଳାକୁ ବଞ୍ଚାଇ ରଖିଥିଲେ। କିନ୍ତୁ ଜୀବନ ଜୀବିକା ସଂଘର୍ଷ ଭିତରେ ସେମାନେ ମଧ ଏହି ଅଭିଯାନରେ ହାର୍ ମାନିଥିଲେ। ଏବେ ଉଭୟ ଲବ ଓ କୁଶ ଗୁପ୍ତେଶ୍ୱର ଶୈବପୀଠରେ ଭିକ୍ଷାବୃତ୍ତି କରୁଥିବା ବେଳେ ସୁନି ନିଜ ଭାଗ୍ୟକୁ ଆଦରି ଗାଁରେ ପଡ଼ିରହିଛନ୍ତି। ଏହି ବିରଳ ପ୍ରଜାତିର ଆଦିବାସୀ ସଂପ୍ରଦାୟର ସାମାଜିକ ଓ ଆର୍ଥିକ ବିକାଶ ସାଙ୍ଗକୁ କଳା ସଂସ୍କୃତିକୁ ବଜାୟ ରଖିବା ପାଇଁ ସରକାରୀ ପ୍ରୋତ୍ସାହନ ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



୧୦ ବର୍ଷ ତଳେ କଳା ପ୍ରଦର୍ଶନ କରୁଥିବା କୁଶ ପତ୍ରସୌରା ଓ ତାଙ୍କ ଭାଉଜ ସୁନି ପତ୍ରସୌରା (ଫାଇଲ ଫଟୋ)

### ରାଜ ଦରବାରରେ ମନ ଜିଣୁଥିଲା ଧୁଡୁକି ଗୀତ-ନୃତ୍ୟ

ଧୁଡୁକି ବଜାଇ ଗୀତ ଗାଇବା ଓ ନୃତ୍ୟ କରିବା ସେମାନଙ୍କ କୌଳିକ ବୃତ୍ତି। ସେହି ବୃତ୍ତି ଉଜୁଡ଼ିଯିବା ପରେ ସେମାନେ ଗାଁ ଛାଡ଼ି ଏବେ ବାହାରେ ମୂଲ ଲାଗୁଛନ୍ତି। ଧୁଡୁକି ବାଦ୍ୟ ଏକ ନିଆରା ବାଦ୍ୟଯନ୍ତ୍ର। କିଆ କାଠର ଖୋଳ, ଗୋଧି କିମ୍ବା ଛେଳି ଚମଡ଼ା ଓ ସରୁ ତାରରେ ସେମାନେ ନିଜେ ଏହାକୁ ତିଆରି କରିଥାନ୍ତି। ପୁରୁଷମାନେ ଧୁଡୁକି ବାଦ୍ୟ ବଜାଇ ଗୀତ ଗାଇବା ବେଳେ ତାଙ୍କ ସହ ତାଳଦେଇ ମହିଳାମାନେ ଗୀତ ଗାଇ ନୃତ୍ୟ କରିଥାନ୍ତି। ଜୟପୁର ରାଜ ଦରବାରରେ ଏହି ଧୁଡୁକି ନୃତ୍ୟକଳାର ବିଶେଷ ଆଦର ଥିଲା। ପ୍ରତିବର୍ଷ ଦଶହରା ଓ ରଥଯାତ୍ରାରେ ଏହି ଧୁଡୁକି କଳାକାର ସେଠାକୁ ଯାଇ କଳା ପ୍ରଦର୍ଶନ କରିବାକୁ ରଜାଙ୍କଠାରୁ ସେମାନଙ୍କୁ ନିମନ୍ତ୍ରଣ ଆସୁଥିଲା। ରାଜାରାଜୁଡ଼ା ପରେ ବି ଏହି ପରମ୍ପରା ଚାଲୁଥିଲା। କିନ୍ତୁ ପରେ ଜୟପୁର ଦେବୋତ୍ତର ବିଭାଗ ସେମାନଙ୍କୁ ଅଣଦେଖା କରିବାରୁ ପରମ୍ପରା ବନ୍ଦ ହୋଇଗଲା।

■ ଜୟପୁର ରାଜମହଲ

## ରାଜତନ୍ତ୍ରର ସାକ୍ଷୀ ଦରବାର ହଲ

**ଜୟପୁର ରାଜପ୍ରାସାଦର ଦରବାର ହଲ୍ ଏକ ପ୍ରସିଦ୍ଧ ସ୍ଥାନ। ଏହାର ନିର୍ମାଣ ଶୈଳୀରେ ରହିଛି ମୋଗଲ ଓ ସୁଫି କାରୁକାର୍ଯ୍ୟ ସ୍ଥାପତ୍ୟର ନିଦର୍ଶନ, ଯେଉଁଥିପାଇଁ ଏହାକୁ ମହେନ୍ଦ୍ର ଭବନ କିମ୍ବା କୁବେରର ଗନ୍ତାଘର ସହ ତୁଳନା କରାଯାଏ। ଏହିଠାରେ ମହାରାଜା ନିଜ ପାରିଷଦଙ୍କ ସହ ରାଜତନ୍ତ୍ରର ଚର୍ଚ୍ଚା କରୁଥିଲା, ଯାହା ଏବେ ମୂକସାକ୍ଷୀ।**

ଜୟପୁରରୁ ସୁପ୍ରୀତ ପୂଜାରୀଙ୍କ ରିପୋର୍ଟ

୧୯୦୦ରେ ବୀର ବିକ୍ରମ ଦେବ ଦ୍ୱିତୀୟଙ୍କ ସମୟରେ ଜୟପୁର ରାଜମହଲର ଦରବାର ହଲ ନିର୍ମାଣ ହୋଇଥିଲା। କିନ୍ତୁ ଏହାର ମରାମତି ଓ ପୁନଃ ନିର୍ମାଣ ୧୯୩୨ରୁ ଆରମ୍ଭ ହୋଇ ତତ୍କାଳୀନ ଜୟପୁର ମହାରାଜାଙ୍କ ଦିୱାନ ଏମ.ଭି. ରାମଚନ୍ଦ୍ରନଙ୍କ ଦ୍ୱାରା ମୂଳଦୁଆ ପକାଯାଇଥିଲା। ୧୯୩୬ରେ ଓଡ଼ିଶାର ତତ୍କାଳୀନ ଗଭର୍ଣ୍ଣର ଜନ ଅଷ୍ଟିନ ହବାକ ଏହାକୁ ଉଦ୍‌ଘାଟନ କରିଥିଲେ। ପୁନଃ ନିର୍ମାଣର ସମସ୍ତ ଦାୟିତ୍ୱ ମହାରାଣୀ ସୀତ ପାଟମହାଦେଈଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଥିଲା। ସ୍ଥାନୀୟ ଐତିହାସିକଙ୍କ ଅନୁଯାୟୀ, ସେତେବେଳେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଜାବ ଅଞ୍ଚଳର ଶ୍ରମିକ ଓ ଠିକାଦାର ଏହାକୁ ତିଆରି କରିଥିଲେ। ଦରବାର ହଲର ଚଟାଣ ମାର୍ବଲ ପଥରରେ ହୋଇଛି। ସୁନ୍ଦର ଲାଲରଙ୍ଗର ଗାଲିଚା ସାଙ୍ଗକୁ କାନ୍ଥରେ ପୂର୍ବତନ ମହାରାଜମାନଙ୍କର ତୈଳଚିତ୍ର, ମହାବଳ ବାଘର ଦୁଇଟି ଚମଡ଼ା ଘୋଡ଼ାଇ ହୋଇ ରହିଥିବା ଅବିକଳ ପ୍ରତିମୂର୍ତ୍ତି ଥିଲା। ସେଠାରେ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ହାତୀଦାନ୍ତ ନିର୍ମିତ ଛତ୍ର, ସିଂହାସନ, ଚାମର, ରାଜଦଣ୍ଡ, ବିମାନ, ପାଲିଙ୍କି, ଚୌକି ରହିଥିଲା। ସେହି ଦରବାର ହଲରେ ମହାରାଜ ତାଙ୍କର ପଣ୍ଡିତ, ପରାମର୍ଶଦାତା ଏବଂ ଦିୱାନଙ୍କ ସହିତ ରାଜତନ୍ତ୍ର ଚର୍ଚ୍ଚା କରୁଥିଲେ। ଦଶହରା ସମୟରେ ଷଷ୍ଠୀରୁ ଅଷ୍ଟମୀ ପର୍ଯ୍ୟନ୍ତ ରାଜା ନଅର ପରିସରସ୍ଥ ଇଷ୍ଟଦେବୀ କନକଦୁର୍ଗାଙ୍କ ଚଳନ୍ତି ପ୍ରତିମାଙ୍କୁ ଦରବାର ହଲ ଭିତରେ ପ୍ରବେଶ କରାଯିବା ସହ ତାଙ୍କର ପୂଜାର୍ଚ୍ଚନା କରାଯାଉଥିଲା। ସେହିପରି ଦରବାର ହଲ ପାଖ ବଡ଼ କୋଠରିରେ ରାଜାଙ୍କ ଅସ୍ତ୍ରାଗାର ରହିଥିଲା। ଏହାକୁ ଅଷ୍ଟମୀ ତିଥିରେ ପୂଜାର୍ଚ୍ଚନା କରାଯାଉଥିଲା। ୧୯୫୪ରେ ରାଜତନ୍ତ୍ର ଉଚ୍ଛେଦ ପରେ ଏଠାକୁ ସମସ୍ତଙ୍କର ପ୍ରବେଶ ବନ୍ଦ କରିଦିଆ ଯାଇଥିଲା। ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଦରବାର ହଲରୁ ଅନେକ ସାମଗ୍ରୀ ଚୋରି ହୋଇଯାଇଛି। ଆଉ କିଛି ରାଜ ପରିବାର ଏବଂ ସରକାରଙ୍କ ନିକଟରେ ରହିଛି। ଚଳିତ ବର୍ଷ ମହାରାଜା ବିକ୍ରମଦେବ ବର୍ମାଙ୍କ ପୁଅ ମହାରାଜ ରାମଚନ୍ଦ୍ର ଦେବଙ୍କ ସାନବୋହୂ ସାରିକା ଦେବୀଙ୍କ ପ୍ରଚେଷ୍ଟାରେ ଦରବାର ହଲକୁ ପୁଣିଥରେ ଦେଖିବାର ସୁଯୋଗ ପାଇଥିଲେ ଦର୍ଶକ।



## ନୂଆବର୍ଷରେ ଜୟପୁରରୁ ଉଡ଼ିବ ବିମାନ

ଜୟପୁର(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ଉଡ଼ାଜାହାଜ ପଡ଼ିଆକୁ କେନ୍ଦ୍ର ସରକାରଙ୍କ ଉଡ଼ାଣ ଯୋଜନାରେ ସାମିଲ କରାଯାଇ ଏହାର ସମ୍ପ୍ରସାରଣ କରାଯିବା ପାଇଁ ନିର୍ମାଣ କାର୍ଯ୍ୟ ଜୋରଦାର ହୋଇଛି। ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ହେବା ନେଇ ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅନୁମାନ କରିଛି।

### ରାଜ୍ୟର ୩ୟ ବେସାମରିକ ବିମାନ ପଡ଼ିଆ

ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ପରେ ଜୟପୁର ତୃତୀୟ ବେସାମରିକ ଉଡ଼ାଜାହାଜ ପଡ଼ିଆ ଭାବେ ମାନ୍ୟତା ପାଇବାକୁ ଯାଉଛି। ଏହାଦ୍ୱାରା ଅବିଭକ୍ତ କୋରାପୁଟ ଜିଲାର ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ରାଜ୍ୟ ବାହାରର ପର୍ଯ୍ୟଟକ ଏଠାକୁ ଆସିବାର ସୁବିଧା ପାଇପାରିବେ। ଜୟପୁରରୁ ବିମାନ ସେବା ଭୁବନେଶ୍ୱର, ବିଶାଖପାଟଣା, ରାୟପୁର ଏବଂ ହାଇଦ୍ରାବାଦକୁ ସଂଯୋଗ କରିବ।

### ଷାଠିଏ ଦଶକ ବେଳର ଏୟାରଷ୍ଟ୍ରିପ୍

୬୦ ଦଶକରେ ଏହି ଏୟାରଷ୍ଟ୍ରିପ ନିର୍ମାଣ ହୋଇଥିଲେ ସୁଦ୍ଧା କେବଳ ସରକାରୀ ଗସ୍ତରେ ଆସୁଥିବା ମନ୍ତ୍ରୀ ଓ ଅଧିକାରୀଙ୍କ ପାଇଁ ବ୍ୟବହୃତ ହେଉଥିଲା। ୮୦ ଦଶକରେ ବାୟୁଦୂତ ନାମକ ଏକ ଘରୋଇ ବିମାନ ଚଳାଚଳ ସଂସ୍ଥା ଜୟପୁରରୁ ବିଶାଖପାଟଣା ଏବଂ ଭୁବନେଶ୍ୱରକୁ ବିମାନ ଚଳାଉଥିଲା। କିନ୍ତୁ ଉକ୍ତ ବିମାନ ଦୁର୍ଘଟଣା ଯୋଗୁଁ ଚଳାଚଳ ବନ୍ଦ ହୋଇଯାଇଥିଲା। ପୁଣି ୨୦୧୬ରେ ଓଡ଼ିଶା ଏୟାରୱେ ନାମକ ସଂସ୍ଥା ପକ୍ଷରୁ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। କିନ୍ତୁ କୌଣସି କାରଣରୁ ଏହା ବନ୍ଦ ହୋଇଯାଇଥିଲା। କିନ୍ତୁ ଉଭୟ ସଂସ୍ଥା ପକ୍ଷରୁ ଗୋଟିଏ ଇଞ୍ଜିନ ବିଶିଷ୍ଟ ଛୋଟ ବିମାନ ଚଳାଚଳ କରୁଥିଲା। ତେଣୁ ରାଜ୍ୟ ସରକାରଙ୍କ ସୁପାରିଶ କ୍ରମେ କେନ୍ଦ୍ର ସରକାର ଉଡ଼ାଣ ଯୋଜନାରେ ଜୟପୁର ବିମାନ ବନ୍ଦରକୁ ସାମିଲ କରିଥିଲେ।

### ଜୟପୁରବାସୀଙ୍କ ଉତ୍କଣ୍ଠା ବଢୁଛି

ବିମାନ ବନ୍ଦର ରନୱେର ଲମ୍ବ ୯୧୫ ମିଟର ଏବଂ ଓସାର ୧୫ରୁ ବୃଦ୍ଧି କରାଯାଇ ୨୪ ମିଟର କରାଯାଇଛି। ୨.୫ କିଲୋମିଟର ସିମେଣ୍ଟ ଇଟି ପାଚେରି ନିର୍ମିତ ହୋଇଛି। ସେହିପରି ୪୦୦ ମିଟର ଲୁହାତାର ପାଚେରି ନିର୍ମାଣ କରାଯାଇଛି। ଏଥିପାଇଁ ୭ କୋଟି ୭୩ ଲକ୍ଷର ଅଟକଳ କରାଯାଇ ଟେଣ୍ଡର ମାଧ୍ୟମରେ ନିର୍ମାଣ କାର୍ଯ୍ୟ ଚାଲିଛି। ଗତ ଅକ୍ଟୋବରରେ ଝାରସୁଗୁଡ଼ା ବିମାନ ବନ୍ଦରକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ପରେ ଏବେ ଜୟପୁରରୁ ବିମାନ ଉଡ଼ିବା ନେଇ ଉତ୍କଣ୍ଠିତ ହୋଇପଡ଼ିଛନ୍ତି ଜୟପୁରବାସୀ।

## ସ୍ୱାଭିମାନୀ-ସ୍ୱାବଲମ୍ବୀ କରିଛି ବାଉଁଶ କାରିଗରି



**ବାଉଁଶ ତିଆରି ସୂକ୍ଷ୍ମ କାରୁକାର୍ଯ୍ୟକୁ ଯିଏ ଦେଖିଛି, ସେ ହିଁ ଜାଣିଛି ତାଙ୍କ ହାତର ଯାଦୁକରୀ କଳାର କଥା। ବୁଦୁରା ହରିଜନ। ଜନ୍ମରୁ ବାମଗୋଡ଼ଟି ସିନା ତାଙ୍କୁ ସମାଜରେ ଭିନ୍ନକ୍ଷମ ସଜେଇଦେଲା, କିନ୍ତୁ ଭାଙ୍ଗିପାରିଲା ନାହିଁ ତାଙ୍କ ଜୀବନକୁ ଜିତିବାର ଦମ୍ଭ। ଗୁଜୁରାଣ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇନାହାନ୍ତି। ବରଂ ବାଉଁଶ କାରିଗରୀରେ ସେ ନିଜକୁ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ କରିପାରିଛନ୍ତି।**


ଜୟପୁରରୁ ପବନ ପାଣିଗ୍ରାହୀଙ୍କ ରିପୋର୍ଟ

ଜୟପୁର ସହରର ରାସ୍ତାରେ ଯେତେବେଳେ ଗଳିକନ୍ଦି ବୁଲୁଥିଲେ ବୁଦୁରା, ତାଙ୍କ ହାତରେ ବିକ୍ରି ପାଇଁ ରହିଥିଲା ୨ ଫୁଟ ଉଚ୍ଚର ଫୁଲଦାନି। ବାଉଁଶ ତିଆରି ଏହି ଫୁଲଦାନିର ଦର ଥିଲା ଏକ ହଜାର ଟଙ୍କା। ବୁଦୁରା ଜଣେ ବାଉଁଶ କାରିଗର। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବଡ଼ ପିଣ୍ଡାପଦର ଗ୍ରାମରେ ବୁଦୁରା ହରିଜନଙ୍କ ଘର। ସେ ଜଣେ ଭିନ୍ନକ୍ଷମ ହୋଇ ମଧ ଜୀବନରେ କେବେ ବି ହାର ମାନିନାହାନ୍ତି। ଜନ୍ମରୁ ତାଙ୍କର ବାମ ଗୋଡ଼ଟି ତାଙ୍କୁ ସମାଜରେ ଭିନ୍ନକ୍ଷମ ଭାବେ ଛିଡ଼ା କରାଇଦିଏ। କିନ୍ତୁ ଅନ୍ୟ ଉପରେ ନିର୍ଭର ନ କରି ସେ ନିଜକୁ ସ୍ୱାବଲମ୍ବୀ କରିଛନ୍ତି। ଜୀବନର ଅପରାହ୍ନରେ ବି ଚାଲିଛି ଜୀବନ ଜୀବିକାର ସଂଗ୍ରାମ।

ବୁଦୁରା ଗାଁ ନିକଟସ୍ଥ ଜଙ୍ଗଲରୁ ବାଉଁଶ ସଂଗ୍ରହ କରି ବିଭିନ୍ନ ସୌଖୀନ ସାମଗ୍ରୀ ତିଆରି କରନ୍ତି। ଏଇ ଯେପରି ଫୁଲଦାନି, ଡଙ୍ଗା, ମୟୂର, ଫୁଲ, ଘର, ମୋବାଇଲ ଷ୍ଟାଣ୍ଡ, ପେନ୍ ଷ୍ଟାଣ୍ଡ, ଘର ସଜେଇବା ଭଳି ଅନେକ ଉପକରଣ ତାଙ୍କ ହାତରୁ ରୂପ ନିଏ। ଏସବୁ ତିଆରି କରିବା ପରେ ସେ କାଠ ପଲିସି ଓ ପରେ ରଙ୍ଗ ଦେଇ ଏହାକୁ ଅଧିକ ଆକର୍ଷଣୀୟ କରିଦିଅନ୍ତି। ଏସବୁ କାମରେ ସ୍ତ୍ରୀ ସହଯୋଗ କରିଥାନ୍ତି। ଗୋଟିଏ ଫୁଲଦାନି ତିଆରି କରିବାକୁ ତାଙ୍କୁ ୮ ଦିନ ସମୟ ଲାଗେ। ଆଉ ଏହା ମାତ୍ର ହଜାରେ ଟଙ୍କାରେ ବିକ୍ରି ହୁଏ। କେବଳ ଜୟପୁର ନୁହେଁ, ବୁଦୁରା ନିଜ ହାତ ତିଆରି ସାମଗ୍ରୀ କୋରାପୁଟ, ଉମରକୋଟ, ମାଲକାନଗିରି, ନବରଙ୍ଗପୁର ଏପରିକି ପଡ଼ୋଶୀ ଛତିଶଗଡ଼ର ଜଗଦଲପୁରରେ ମଧ ବିକ୍ରି କରନ୍ତି। କେବଳ ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରିବା ତାଙ୍କ ଜୀବନ ଜୀବିକା ପାଲଟିଛି। ତାଙ୍କ ଉତ୍ପାଦିତ ସାମଗ୍ରୀର ଚାହିଦା ଥିଲେ ମଧ ବଜାର ସୁବିଧା ନ ଥିବାରୁ ଏହାର ଭଲ ବିକ୍ରିବଟା ଓ ଦର ମିଳିପାରୁ ନାହିଁ ବୋଲି ବୁଦୁରା କହିଛନ୍ତି।

### ଫୁଟ୍‌ବଲ ଟିମ୍ ଜରିଆରେ ଅଭିନବ ଅଭିଯାନ

## ଖେଳ ବିରତିରେ ଗାଁ ବିକାଶ ଚିନ୍ତା



ଖେଳ ମଝିରେ ଆଲୋଚନା କରୁଛନ୍ତି କୋଚ୍ ସଞ୍ଜିବ।



**ଫୁଟବଲ୍ ଖେଳ ଚାଲିଥିବା ହଠାତ୍ ମଝିରେ ବିରତି ଆସିବ। ଆଉ ସେହି ସମୟରେ ପଡ଼ିଆରେ ପଡ଼ିବ ଗାଁର ବିକାଶ କଥା। ଖେଳାଳିମାନେ ଆଲୋଚନା କରିବେ ସ୍ଥାନୀୟ ସମସ୍ୟା ଓ ଏହାର ସମାଧାନ ପନ୍ଥା। ଏଭଳି ଅଭିନବ ଯୋଜନା ଜରିଆରେ ଗାଁର ବିକାଶ କଥା ଚିନ୍ତାକରି କାର୍ଯ୍ୟ କରୁଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'।**

କୋରାପୁଟରୁ ଅମିତାଭ ବେହେରାଙ୍କ ରିପୋର୍ଟ

ଫୁଟବଲ ଖେଳିବାକୁ କିମ୍ବା ଅନ୍ୟମାନେ ଖେଳୁଥିଲେ ଦେଖିବାକୁ ସମସ୍ତେ ଭଲ ପାଆନ୍ତି। କିନ୍ତୁ ଫୁଟବଲ ଖେଳ ମାଧ୍ୟମରେ ଯେ ଅତି ସହଜରେ ସାମାଜିକ ସମସ୍ୟା ସମାଧାନ କଥା ଚିନ୍ତା କରାଯାଇପାରେ, ସେଭଳି ଏକ ଅଭିଯାନ ଆରମ୍ଭ କରିଛି କୋରାପୁଟରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'।

ଯୁବଗୋଷ୍ଠୀ ମଧ୍ୟରେ ଉନ୍ନତ ଜୀବନର ବିଭିନ୍ନ ଉପାଦାନ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ହେଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଖେଳ ଖେଳରେ ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟ ରଖି କୋରାପୁଟରେ ଆରମ୍ଭ ହୋଇଥିଲା ଏକ ଉଦ୍ୟମ। ଖେଳ ଖେଳରେ ଗାଁ ଓ ଅଞ୍ଚଳର ସମସ୍ୟା ସମାଧାନ କରିବାର ଉଦ୍ୟମ ବା ଅଭିଯାନ। ଏହି ଅଭିଯାନ କୋରାପୁଟ ଜିଲାର କୋଟପାଡ଼ ବ୍ଲକ ଗାଁ ଗଣ୍ଡାରେ ଏବେ ବ୍ୟାପ୍ତ ହେବାରେ ଲାଗିଛି। ତାଲିମପ୍ରାପ୍ତ କୋରାପୁଟ ବ୍ଲକ ଉମୁରି ଗ୍ରାମର ସଂଜିବ ବାଖ୍ୟା ଏବେ ଜଣେ ଦକ୍ଷ ଫୁଟବଲ ତାଲିମଦାତା। ସେ ବର୍ତ୍ତମାନ କୋଟପାଡ଼ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଯୁବକମାନଙ୍କୁ ଏକ ସ୍ୱତନ୍ତ୍ର ଫୁଟବଲ ଖେଳ ସଂପର୍କରେ ତାଲିମ ଦେଉଛନ୍ତି। ଯାହାରି ମାଧ୍ୟମରେ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଭଲ ଭାବେ ବୁଝି ସମାଧାନର ପନ୍ଥା ଖୋଲିହେବ।

### ୧୦୦ ଗାଁରେ ଗଢ଼ାଯିବ ୧୦୦ ଫୁଟବଲ୍ ଟିମ୍

ଏହି ଅଭିଯାନରେ ଗାଁର ଯୁବକମାନଙ୍କୁ ନେଇ ଫୁଟବଲ ଟିମ୍ ଗଢ଼ାଯିବା ସହ ମ୍ୟାଚ୍ ଖେଳାଯାଏ। ଖେଳ ମଝିରେ ଗୋଟିଏ ଲେଖାଏଁ ବିରତି ନେଇ ସେହି ସମୟରେ ଗାଁର ସମସ୍ୟା ବିଷୟରେ ଆଲୋଚନା ହୁଏ। ସେଠାରୁ ସମସ୍ୟା ସମାଧାନ ପାଇଁ ଫୁଟବଲ ଟିମ୍ ପ୍ରଶାସନ ପାଖରେ ତାହାକୁ ଉପସ୍ଥାପନ କରେ। ପ୍ରଥମେ କୋରାପୁଟର ୧୦ଟି ଗ୍ରାମରେ ୧୦ଟି ଫୁଟବଲ ଦଳ କରାଯାଇ ଗ୍ରାମର ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ସମାଧାନ ପନ୍ଥା ଆପଣାଉଛନ୍ତି ଯୁବକମାନେ। ଏହା ସଫଳ ହେବା ପରେ ଭବିଷ୍ୟତରେ ଜିଲାର ୧୦୦ଟି ଗ୍ରାମରେ ୧୦୦ଟି ଫୁଟବଲ ଦଳ ଗଠନ କରାଯାଇ ତାହାର ମାଧ୍ୟମରେ ଗ୍ରାମ, ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ସହିତ ଲୋକଙ୍କୁ ଏକ ପ୍ରକାର ସୁରକ୍ଷାର ବାର୍ତ୍ତା ଦେବ ବୋଲି 'ଶୋଭା'ର ସଂପାଦକ ସଂଜିତ ପଟ୍ଟନାୟକ କହିଛନ୍ତି। ଏହି ଫୁଟବଲ ଖେଳ ସଂପର୍କରେ ଉମୁରି ଗ୍ରାମର ସଞ୍ଜିବ ବାଖ୍ୟାଙ୍କୁ ପଚାରିବାରୁ ସେ କହିଛନ୍ତି, କୋଟପାଡ଼ ବ୍ଲକର ବିଭିନ୍ନ ଗ୍ରାମର ଯୁବକମାନଙ୍କୁ ନେଇ ଏହି ଫୁଟବଲ ଖେଳ କରାଯାଇ ଏହାରି ମାଧ୍ୟମରେ ଗ୍ରାମର ବିକାଶ ଚିନ୍ତା କରାଯାଉଛି।

## ସଂକ୍ଷେପରେ



## ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

**ରାୟଗଡା ଅଫିସ୍, ୪।୧୧:** ରାୟଗଡ଼ା ସହରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନ୍ୟୁକଲୋନୀରେ ୨୩ତମ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଥିଲା । ଏଥିରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ସହଦେବ ଚୌଧୁରୀ, ଉପସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଏନ୍.ତ୍ରିନାଥ ରାଓ, ସହକାରୀ ସମ୍ପାଦକ ଅଶୋକ କୁମାର ସାହୁ, ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜ, ସବ୍ୟସାଚୀ ସାହୁ, ଅର୍ଜୁନ ମହାନ୍ତି, ଦିଲୀପ କୁମାର ସାହୁ, ଲକ୍ଷ୍ମୀକାନ୍ତ ଦାସ ଏବଂ ଅନ୍ୟ ସଦସ୍ୟମାନେ ନେତୃତ୍ୱ ନେଇଥିଲେ । ରବିବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି । ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଏକ ଗାଡିରେ ସଜାଇ ହଜାର ହଜାର ଭକ୍ତଙ୍କ ଗ୍ରହଣରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ରାୟଗଡା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ । ଏହି ଭସାଣି ଉତ୍ସବ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା । ମା'ଙ୍କ ଭଷାଣୀ ଶୋଭାଯାତ୍ରାରେ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଲୋକବାଦ୍ୟ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ହୋଇଥିବା ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ରାୟଗଡା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

# ଦୈନିକ ମଜୁରିରେ କାମ କରିବେ ସଫେଇ କର୍ମଚାରୀ

**ରାୟଗଡା ଅଫିସ୍, ୪।୧୧**

୪ ଦିନ ଧରି ଆନ୍ଦୋଳନ ଚଳାଇଥିବା ରାୟଗଡା ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ରବିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସଫେଇ କର୍ମଚାରୀଙ୍କ ସମସ୍ୟା ନେଇ ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଟେଣ୍ଡର କମିଟି ଗଠନ କରିବା ନେଇ ନିଷ୍ପତ୍ତି ହୋଇଛି । ପୌର ପରିଷଦ ପକ୍ଷରୁ ନୂତନ ଟେଣ୍ଡର ପ୍ରକ୍ରିୟା କରାଯିବ । ତେବେ ପୌର ପରିଷଦ ପକ୍ଷରୁ ସଫେଇ ନିମନ୍ତେ ନୂତନ ଟେଣ୍ଡର ଆହ୍ୱାନ କରାଯିବା ପର୍ଯ୍ୟନ୍ତ ପୌର ପରିଷଦରେ କାର୍ଯ୍ୟରତ ଥିବା ପରିମଳ ନିରୀକ୍ଷକଙ୍କ ଅଧିନରେ ସଫେଇ କାର୍ଯ୍ୟ ଜାରି ରହିବ । ରାୟଗଡା ପୌର ପରିଷଦ ଅଧିନରେ ପ୍ରାୟ ୫୮ଜଣ ସଫେଇ କର୍ମଚାରୀ ପୂର୍ବଭଳି ୮ଟି ୱାର୍ଡରେ ସଫେଇ କରିବେ । ବଳକା ୧୬ଟି ୱାର୍ଡରେ ବାହାରୁ ସଫେଇ କର୍ମଚାରୀଙ୍କୁ ଦୈନିକ ମଜୁରୀ ପ୍ରଦାନ କରି କାର୍ଯ୍ୟ ତୁଲାଯିବା ନେଇ ନିଷ୍ପତ୍ତି ହେବା ପରେ କର୍ମଚାରୀମାନେ ରବିବାର କାର୍ଯ୍ୟ କରିଛନ୍ତି ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ମାଙ୍ଗେଲାଲ ଜୈନ କହିଛନ୍ତି । ପୂର୍ବରୁ ସେମାନେ ସଫେଇ ଦାୟୀତ୍ୱ ନେଇଥିବା ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଥିଲେ । ଠିକାଦାର ତାଙ୍କୁ ଦୈନିକ ୨୫୦ଟଙ୍କା ମଜୁରୀ ପ୍ରଦାନ କରୁଥିଲେ। କିନ୍ତୁ ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ଯେ, କର୍ମଚାରୀମାନଙ୍କୁ ୨୫୦ଟଙ୍କା ବଦଳରେ ୨୮୦ଟଙ୍କା ଦୈନିକ ବେତନ ପ୍ରଦାନ କରାଯିବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧ ତାରିଖରୁ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସହରର ବିଭିନ୍ନ ସ୍ଥାନରେ କୁଢ କୁଢ ଆବର୍ଜନା ଜମି ରହିଥିଲା । ଏମିତି କି ବିଭିନ୍ନ ୱାର୍ଡରେ ଥିବା ଡ୍ରେନ୍‌ଗୁଡିକ ସଫା କରା ନ ଯିବାରୁ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଦୁର୍ଗନ୍ଧ ବାହାରୁଥିଲା । ପୌର କର୍ତ୍ତୃପକ୍ଷ ଏବଂ ପ୍ରଶାସନିକ ତ୍ରୁଟି ଯୋଗୁ ଏଭଳି ଅଚଳାବସ୍ଥା ଦୀର୍ଘ ୪ଦିନ ଧରି ଲାଗି ରହିଥିବା ଯୋଗୁ ସହରବାସୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ୨୪ଟି ୱାର୍ଡ ମଧ୍ୟରୁ ୧୬ଟି ୱାର୍ଡର ସଫେଇ ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି ।



କ୍ଷତିଗ୍ରସ୍ତଙ୍କୁ ବିଧାୟକ ତ୍ରିନାଥ ଗମାଙ୍ଗ ସହାୟତା ସମ୍ପର୍କିତ ପ୍ରମାଣପତ୍ର ଦେଉଛନ୍ତି।

## ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ

**ଗୁଣପୁର, ୪।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଟାଉନ ହଲଠାରେ ରବିବାର ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ରାୟଗଡା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଲାଲବିହାରୀ ହିମିରିକା, ଗୁଣପୁର ଉପଜିଲାପାଳ ବିଏସ.ବଳିରାମ ପ୍ରମୁଖ ଯୋଗଦେଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୃହ ନିର୍ମାଣ ତଥା ମରାମତି ବାବଦରେ କ୍ଷତିପୂରଣ ଦେଇଥିଲେ । ଏହିକ୍ରମରେ ଗୁଣପୁର ବ୍ଲକର ୩୬ ଏବଂ ରାମନାଗୁଡା ବ୍ଲକର ୫୬ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ଚାଷ ଜମି କ୍ଷତିଗ୍ରସ୍ତ ସମ୍ପର୍କରେ ରାଜସ୍ୱ ବିଭାଗ ଏବଂ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ ହୋଇଛି । ଏହି ବାବଦରେ ମଧ୍ୟ ସହାୟତା ଆସିଲେ ପ୍ରଦାନ କରାଯିବ ବୋଲି ଅତିଥିମାନେ କହିଥିଲେ । ସହାୟତା ରାଶିଗୁଡିକ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ ବୋଲି କହିଥିଲେ । ଗୁଣପୁର ତହସିଲଦାର ନମ୍ରତା ମୋଦି, ବିଡିଓ ଗାୟତ୍ରୀ ଦେବୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ରାମନାଗୁଡା, ୪।୧୧(ଡ଼ି.ଏନ.ଏ)**

ରାମନାଗୁଡା ବ୍ଲକ ସଦରମହୁକମା ଉଚ୍ଚ ବିଦ୍ୟାଳୟ ଚଇତି ମଣ୍ଡପଠାରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଇଜ, ପ୍ରବନ୍ଧ ଲିଖନ, ବକ୍ତୃତା,ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ସୃଜନଶୀଳଲିଖନ, ମଧ୍ୟାହ୍ନଭୋଜନ ଉପରେ ସନ୍ଦର୍ଭ ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୨ଟି ଦଳ ନୃତ୍ୟ ପରିବେଷଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ । ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସୁରଭିର ଏହି ପ୍ରୟାସକୁ ସବୁଦିଗରେ ପ୍ରଶଂସା କରାଯାଇଛି।




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ବିଡିଓ ସୁଧାକର ରଇତ, ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗୀ, ବ୍ଲକ ଶିକ୍ଷାଧିକାରୀ ସୃଜନ ମଲ୍ଲିକ, ଏବିଇଓ ଦାମୋଦର ହିମିରିକା, ପ୍ରଧାନଶିକ୍ଷକ ବିପିନ ବିହାରୀ ବିଶୋୟୀ, ଉପାଧକ୍ଷ ସୂର୍ଯ୍ୟରାଓ କୁମ୍ବିରିକା, ଭିନ୍ନକ୍ଷମ ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁ ମଞ୍ଚାସୀନ ଥିଲେ। ସିଆରସିସି ସତ୍ୟନାରାୟଣ ପାତ୍ର, କେ. ଶ୍ରୀନିବାସ ରାଓ, ବି. ପରମେଶ୍ୱର, ଶିଶିର କୁମାର ପଣ୍ଡା, ଗୌରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଦାୟିତ୍ୱରେ ଶରତ ନେମାଳପୁରୀ, ଗୋବିନ୍ଦ ମାଣ୍ଡାଙ୍ଗୀ ରହିଥିଲେ । ପ୍ରମୋଦ ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ସମାଜସେବୀ ଗଗନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ସତର୍କତା ସଚେତନତା ସପ୍ତାହ ପାଳିତ

**ଜେକେପୁର, ୪।୧୧(ଡି.ଏନ୍.ଏ)**

ରାୟଗଡା ଜିଲା ଅନ୍ତର୍ଗତ ଜେକେପୁରର ଶ୍ରୀ ଗୁରୁଜୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ତରଫରୁ ସତର୍କତା ସଚେତନତା ସପ୍ତାହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ନୀତି ମୁକ୍ତ ଭାରତ ବିଷୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିଚାଳକ ରବିନ୍ଦ୍ରନାଥ ମାଣ୍ଡୀ, ପରିଚାଳକ ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସତର୍କତା ସଚେତନତା ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆମ ବିଦ୍ୟାଳୟର ସମ୍ପାଦକ ଭବାନୀଶଙ୍କର ଦାଶ ଉପସ୍ଥିତ ଥିଲେ। ଆମ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁବାସ କୁମାର ଲେଙ୍କା ଓ ଅର୍ଚ୍ଚନା କୁମାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ ଗୁରୁଜୀଗୁରୁମା ଓ ସେବିବାସେବକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଏବିଭିପିର ନଗର ସମ୍ମିଳନୀ

**ଗୁଣପୁର,୪।୧୧(ଡି.ଏନ.ଏ)**

ଗୁଣପୁର ଏବିଭିପିର ନଗର ସମ୍ମିଳନୀ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବ ତୋଟାଠାରେ ଅନୁଷ୍ଠିତ ହୋଇଯାଇଛି । ନଗର ସମ୍ମିଳନୀରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା । ଏହିକ୍ରମରେ ସଭାପତି ଭାବେ ଅଧାପକ ପ୍ରଣବକଲ୍ପ ପଟ୍ଟନାୟକ ମନୋନିତ ହୋଇଥିବାବେଳେ ଉପସଭାପତି ଅଧାପିକା ସସ୍ମିତା ବାଉରି, ଶିକ୍ଷକ ପ୍ରଫୁଲ୍ଲ ଶତପଥୀ,ସଂପାଦକ ଏ.ସନ୍ତୋଷ, ଯୁଗ୍ମସଂପାଦକ ଚନ୍ଦନ କଣ୍ଡାଗିରି, ବିଶ୍ୱବିହାରି ଚୌଧୁରୀ, କାର୍ଯ୍ୟାଳୟ ସଂପାଦକ ଅସିତ ଚାଫଲ, ପାଠଚକ୍ର ପ୍ରମୁଖ ଶ୍ରୀଧର ପାତ୍ର ଖସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ସେହିପରି ଅନ୍ୟାନ୍ୟ ବିଭାଗ ପାଇଁ ମଧ ପ୍ରମୁଖମାନଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଂପାଦକ ଜଗନ୍ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ତଥା ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗ ପ୍ରମୁଖ ଉମାଶଙ୍କର ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପୂର୍ବତନ ସଭାପତି ପ୍ରଶାନ୍ତ ହୋତା ଏବଂ ସଂପାଦକ ରୁପେଶ ସାହୁଙ୍କ ସମେତ ଅନ୍ୟ ଅଧିକାରୀଙ୍କଠାରୁ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଥିଲେ। ଲକ୍ଷ୍ମୀ ନାରାୟଣ ମହାକୁଡ ଧନ୍ୟବାଦ ଦେଇଥିଲେ । ବି.ସତିଶ କୁମାର, ଶେଷସାଇ ସେନାପତି, ଏସ.ଶିବାଜୀ, ବି.କିରନ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଟି.ରାଜେଶ, ଚିନ୍ମୟ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗାୟତ୍ରୀ ମହାଯଜ୍ଞ ନେଇ କଳସ ଯାତ୍ରା

**ପଦ୍ମପୁର,୪।୧୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ପଦ୍ମପୁର ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ତରଫରୁ ୪ ଦିନ ଧରି ହେବାକୁ ଥିବା ଶକ୍ତି ସମ୍ବର୍ଦ୍ଧନ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମି ପୂଜନ ଓ କଳସ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଭାକର ପଣ୍ଡା, ବଳରାମ ସାହୁ, ବାଳକୃଷ୍ଣ ପଣ୍ଡା, ଶୁଶାନ୍ତ ପଣ୍ଡା, ଅସିମା ରାଓ, ଲକ୍ଷ୍ମୀ ନାରାୟଣ କଂସବେହେରା, ପ୍ରଶାନ୍ତ କୁମାର ଶତପଥୀ, ଅରୁଣ ପାତ୍ର ଯୋଗ ଦେଇଥିଲେ । ଏଥିରେ ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପୁତ୍ରମାନେ ସାମୂହିକ ଯଜ୍ଞ,ଜପ, ସଂସ୍କାର ଆଦି କାର୍ଯ୍ୟରେ ପୌରୋହିତ୍ୟ କରିବେ ।











# ସ୍ୱଚ୍ଛତା ନେଇ ସଚେତନତା ଶୋଭାଯାତ୍ରା

**ଟିକିରି,୪।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଜିପୁର ବ୍ଲକ ଦୋରାଗୁଡାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟୁରୋ ଅଫ ମାଇନ୍ସ ଭୁବନେଶ୍ୱର ଦ୍ୱାରା ଗତ ୧୬ ରୁ ୩୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଖଣି ଅଞ୍ଚଳରେ ସଫାସୁତରା ଓ ପରିମଳକୁ ଗୁରୁତ୍ୱ ଦେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ବାଫଲାମାଳି ମାଇନ୍ସର ଉପସଭାପତି ବିଶ୍ୱରଞ୍ଜନ କୁମାର ପାଢ଼ୀ, ଭୂତତ୍ତ୍ୱ ବିଭାଗର ପରିଚାଳକ ବି. ମିଶ୍ର, ଏଜିଏମ୍ କୃଷ୍ଣଚନ୍ଦ୍ର ଜ୍ୟୋତିପି, ସୁକାନ୍ତ ମହାପାତ୍ର, ଡେପୁଟି ମ୍ୟାନେଜର ସିଏସ୍‌ଆର ସୁଶାନ୍ତ ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ମାଇନ୍ସ ପରିଚାଳକ ମୁକେଶ ଝା ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରି ନିଜ ଅଞ୍ଚଳର ସବୁବେଳେ ପରିମଳକୁ ସଫା ସୁତରା ରଖିବା ସହ ନିଜେ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ କହିଥିଲେ। ପରେ ସମସ୍ତେ ଶପଥ ପାଠ ମଧ୍ୟ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ସେହିପରି ପଥପ୍ରାନ୍ତ ନାଟକ ସହ ପାଇକୁପାଖାଲଠାରେ ଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଅଣ୍ଡିରାକଞ୍ଚ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ଦାଣ୍ଡିଆ, ପ୍ରଦ୍ୟୁମ୍ନ ଦାସ, ପୂର୍ଣ୍ଣ ସାହୁ, ବିନୋଦ ପୂଜାରୀ, ଶିଶିର ଖାଡାଙ୍ଗା, ନିରୁପମା ବାରିକ ସହଯୋଗ କରିଥିଲେ ।






## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ପ୍ରଦାନ

**ଜେକେପୁର, ୪।୧୧(ଡି.ଏନ୍.ଏ)**

ରାୟଗଡା ବ୍ଲକ୍‌ର ପେଣ୍ଟା ଗ୍ରାମ ପଞ୍ଚାୟତରେ ଶୁକ୍ରବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ଯୋଗଦେଇ ୯୬ଜଣଙ୍କୁ କାର୍ଡ ପ୍ରଦାନ କରିଥିଲେ । ରାୟଗଡା ବ୍ଲକ୍ ଅଧ୍ୟକ୍ଷ ରାମୁଲୁ ପେଦେଣ୍ଟି ଓ ରାୟଗଡା ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର ଓ ବିଡିଓ ରାଜେନ୍ଦ୍ର ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାୟଗଡା ଏବିଡିଓ ନୃସିଂହ ପଟ୍ଟନାୟକ ଓ ବ୍ଲକ୍ ସହକାରୀ କୃଷି ଅଧିକାରୀ କେ.ଧର୍ମାରାଜୁ ଓ ଦୁଷ୍ମନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏହାକୁ ପେଣ୍ଟା ପଞ୍ଚାୟତ ନିର୍ବାହୀ ଅଧିକାରୀ ଏସ୍.କେ ପାତ୍ର ଓ ପେଣ୍ଟା ପଞ୍ଚାୟତ କୃଷି ଅଧିକାରୀ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବ୍ଲକ୍‌ର ଅନ୍ୟାନ୍ୟ ପଞ୍ଚାୟତର କୃଷି ଅଧିକାରୀ ସହଯୋଗ କରିଥିଲେ । ଶେଷରେ କୃଷି ସହକାରୀ ଅଧିକାରୀ କେ.ଧର୍ମାରାଜୁ ଧନ୍ୟବାଦ ଦେଇଥିଲେ ।
























**ସଂକ୍ଷେପରେ**

## ପାଣିରେ ବୁଡ଼ି ବାଳିକା ମୃତ

ରାଇଘର,୪।୧୧(ଡି.ଏନ.ଏ)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ଯୋଡିଙ୍ଗା ଗ୍ରାମ ପଞ୍ଚାୟତର ନୂଆପାରା ଗ୍ରାମରେ ରବିବାର ଚୂଆରେ ବୁଡି ପୂର୍ଣ୍ଣିମା ଗଣ୍ଡ (୧୪)ଙ୍କ ମୃତ୍ୟୁ ଘଟିଛି। ପୂର୍ଣ୍ଣିମା ଏକ ଚୂଆକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ପାଣିରେ ବୁଡି ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ତାଙ୍କ ମାମୁଁ ସବାଡି ଗଣ୍ଡ ଚୂଆ ନିକଟକୁ ଖୋଜିବାକୁ ଯାଇଥିଲେ। ଚୂଆରେ ପୂର୍ଣ୍ଣିମାଙ୍କ ମୃତଦେହ ଭାସୁଥିବା ସେ ଦେଖିଥିଲେ। ଏ ସମ୍ପର୍କରେ ସେ ରାଇଘର ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପୂର୍ଣ୍ଣିମା ପିଲା ବେଳୁ ତାଙ୍କ ମାମୁଁ ଘରେ ରହି ଆସୁଥିଲେ।

## ୨୬ରେ ଉଦ୍‌ଘାଟନ ହେବ ଭିଜିଲାନ୍ସ ସର୍କିଟ କୋର୍ଟ

ନବରଙ୍ଗପୁର,୪।୧୧(ବି.ପ୍ର.)- ନବରଙ୍ଗପୁର ଜିଲା ଓକିଲ ସଂଘର ଦୀର୍ଘ ଦିନର ଦାବି ସାକାର ହେବାକୁ ଯାଉଛି। ଆସନ୍ତା ୨୬ ରେ ଆରମ୍ଭ ହେବାକୁ ଯାଉଛି ଭିଜିଲାନ୍ସ ସର୍କିଟ କୋର୍ଟ । ସ୍ଥାନୀୟ ଜିଲା ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ଏହି କୋର୍ଟ ସ୍ଥାପିତ ହେବ। ପ୍ରତିମାସରେ ୨ ଦିନ ଏହି ଅଦାଲତ କାର୍ଯ୍ୟ କରିବ। ଅଦାଲତର ଉଦଘାଟନୀ ଦିବସ ନିର୍ଦ୍ଧାରଣ ପାଇଁ ନବରଙ୍ଗପୁର ଜିଲା ଆଇନଜୀବୀ ସଂଘର ଏକ ୪ ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ଜୟପୁର ଗସ୍ତ କରି ଭିଜିଲାନ୍ସ ଜଜ୍‌ଙ୍କୁ ସାକ୍ଷାତ କରିଥିଲେ। ଏହି ପ୍ରତିନିଧି ଦଳରେ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ର, ବରିଷ୍ଠ ଆଇନଜୀବୀ ସମରେଶ ଗନ୍ତାୟତ ଓ ଦେବୀ ପ୍ରସାଦ ସିଂ ରହିଥିଲେ । ଆଗାମୀ ଦିନରେ ଭିଜିଲାନ୍ସ କୋର୍ଟର ଏକ ନିୟମିତ ସ୍ଥାୟୀ ବେଞ୍ଚ ନବରଙ୍ଗପୁରଠାରେ ସ୍ଥାପିତ ହେବ ବୋଲି ସଂପାଦକ ପାତ୍ର ସୂଚନା ଦେଇଛନ୍ତି।

■ମଣ୍ଡେଇ ନିମନ୍ତେ ସବ କମିଟି ଅଧକ୍ଷଙ୍କ ବୈଠକ

# ୫ ବର୍ଷ ପରେ ପ୍ରକାଶ ପାଇବ ସ୍ମରଣିକା

ନବରଙ୍ଗପୁର,୪।୧୧( ଡି.ଏନ.ଏ.)



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ନବରଙ୍ଗପୁର ଜିଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ସ୍ଥାନୀୟ ପୋଲିସ ପଡିଆଠାରେ ଡିସେମ୍ବର ୭,୮ଓ ୯ ତିନିଦିନ ଧରି ଅନୁଷ୍ଠିତ ହେବ । ୧୦ ଓ ୧୧ ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା ରହିବ । ଚଳିତ ମାସ ୧୮ ତାରିଖରେ ପାପଡାହାଣ୍ଡି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରୁ ମଣ୍ଡେଇ ଶୁଭାରମ୍ଭ ହେବ । ଏହି ମହୋତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ବିଭିନ୍ନ ସବ କମିଟି ଗଠନ କରାଯାଇଛି । ସମସ୍ତ କମିଟିର ଅଧକ୍ଷଙ୍କୁ ନେଇ ଜିଲାପାଳ ଡଃ. ଅଜିତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଠାରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇ ଯାଇଛି। ସମସ୍ତ କମିଟିର ଅଧକ୍ଷ ନିଜ ନିଜ କମିଟିର କାର୍ଯ୍ୟସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମଣ୍ଡେଇ ମହୋତ୍ସବ ପାଳନ ପାଇଁ ଆବଶ୍ୟକ ପାଣ୍ଠି ଗଚ୍ଛିତ ନଥିବାରୁ ଏନେଇ ଆବଶ୍ୟକ ପାଣ୍ଠି ସଂଗ୍ରହରେ ସରକାରୀ, ବେସରକାରୀ ଅନୁଷ୍ଠାନ ମାନଙ୍କ ସହଯୋଗ କାମନା କରିଥିଲେ। ସୀମିତ ବଜେଟ ମଧ୍ୟରେ ସମସ୍ତ କମିଟି ନିଜ ନିଜ ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଦୀର୍ଘ ୫ ବର୍ଷ ହେବ ପ୍ରକାଶ ପାଉନଥିବା ମଣ୍ଡେଇ ସ୍ମରଣୀକା ଚଳିତ ବର୍ଷ ପ୍ରକାଶ ପାଇବ । ଲେଖକ ଲେଖିକା ମାନେ ଡିଟିପି କରି ଜିଲାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଭାଷା, ସାହିତ୍ୟ , ଆଦିବାସୀ ଜନଜୀବନ, ପର୍ଯ୍ୟଟନ ସ୍ଥଳି ଆଧାତ୍ମିକ ବିଭୋବ, ଜିଲାଗଠନ ଓ ପରବର୍ତ୍ତି ବିକାଶ, ସ୍ୱାଧିନତା ସଂଗ୍ରାମ, ପ୍ରକୃତିକ ବିଭୋବ ପ୍ରମୁଖ ତଥ୍ୟ ଭିତ୍ତିକ ପ୍ରବନ୍ଧ ଓ କବିତା କମିଟି ନିକଟରେ ଦାଖଲ କରିବେ । ପାଠୋତ୍ସବ ଓ ସ୍ମରଣିକା କମିଟିର ଅଧକ୍ଷ ସାହିତ୍ୟିକ ଲଳିତ ମୋହନ ପଟ୍ଟନାୟକଙ୍କ ମୋବାଇଲ ନମ୍ବର ୯୪୩୮୦୩୩୫୦୫/୬୩୭୦୧୦୨୦୪ ୦/୮୦୯୩୩୪୬୮୯କୁ ଯୋଗ ଯୋଗ କରିବେ । ନଚେତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳଙ୍କ ଠିକଣାରେ ଲେଖା ପଠାଇପାରିବେ । ମଣ୍ଡେଇ କବିତା ପାଠୋତ୍ସବ ବ୍ଲକ ଶିକ୍ଷା ଶିକ୍ଷକ ପ୍ରତିଷ୍ଠାନ ଉମରକୋଟ ଠାରେ ଚଳିତ ମାସ ୨୫ ତାରିଖ ପୂର୍ବାହ୍ନ ୧୦ଟାରେ ଡାବୁଗାଁ ଉମରକୋଟ, ଝରିଗାଁ, ରାଇଘର, ଚନ୍ଦାହାଣ୍ଡି ବ୍ଲକର କବିୟତ୍ରୀ, କବି ମାନଙ୍କୁ ନେଇ ଅନୁଷ୍ଠିତ ହେବ । ଡିସେମ୍ବର ୯ ତାରିଖରେ ପୂର୍ବାହ୍ନ ୧୦ଟାରେ ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ ଠାରେ ନବରଙ୍ଗପୁର, କୋଷାଗୁମୁଡା , ପାପଡାହାଣ୍ଡି, ନନ୍ଦାହାଣ୍ଡି, ତେନ୍ତୁଲିଖୁଣ୍ଟି ବ୍ଲକର କବିୟତ୍ରୀ ଓ କବି ମାନେ ଅଂଶ ଗ୍ରହଣ କରିବେ ।

# ବିଶ୍ୱ ସଣ୍ଡେ ସ୍କୁଲ ଦିବସ ପାଳିତ

ଡାବୁଗାଁ,୪।୧୧(ଡି.ଏନ.ଏ.)



ଅତିଥିମାନଙ୍କ ସହ ଅନ୍ୟମାନେ ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ରେଭିନ୍ୟୁ ନୂଆଗୁଡା ସ୍ଥିତ ମିନି ଷ୍ଟାଡିୟମରେ ଡାବୁଗାଁ ଜେ.ଇ.ଏଲ.ସି ଚର୍ଚ୍ଚ ତରଫରୁ ସେମଲା ତାଲୁକ ମଣ୍ଡଳ ଅଧୀନ ୧୩ ଟି ଚର୍ଚ୍ଚର ଛୋଟ ଛୋଟ ପିଲାମାନଙ୍କୁ ନେଇ ବିଶ୍ୱ ସଣ୍ଡେ ସ୍କୁଲ ଦିବସ ରବିବାର ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ସମ୍ମାନୀୟ ଅତିଥି ଭାବେ ପ୍ରଧାନ ମଣ୍ଡଳୀ, ସଭାପତି ଫ୍ରାନ୍ସିସ ନାଗ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଉପାଧକ୍ଷା ନିବେଦିତା ମହାନ୍ତି, ଡାବୁଗାଁ ସରପଞ୍ଚ ଯଶୋଦା ସୌରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡାବୁଗାଁ ଜେ.ଇ.ଏଲ.ସି ଚର୍ଚ୍ଚର ପ୍ରଶାନ୍ତ ଗରଡା ପରିଚାଳନା କରିଥିଲେ ।

## ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ବୈଠକ

ଚନ୍ଦାହାଣ୍ଡି,୪।୧୧(ଡି.ଏନ.ଏ)- ଚନ୍ଦାହାଣ୍ଡି ବ୍ଲକ ସରକାରୀ ନୂତନ ପାନାବେଡା ହାଇସ୍କୁଲର ୫୦ ବର୍ଷ ପୂର୍ତ୍ତି କିପରି ମହାଆଡମ୍ବରରେ ପାଳନ ହେବ ସେ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ପାରୀ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ପ୍ରକାଶ ମାଝି, ଦିଲୀପ ଦାସ, ତିର୍ଜନ ନାୟକ, ଉମରସି ନାୟକ, ଦୃଦୀବାହନ ଖମାରୀ, ପଦ୍ମଲୋଚନ ସାହୁ, ଅଶାନ୍ତ ପଟେଲ, ଲକ୍ଷ୍ମଣ ସାହୁ, ପ୍ରେମଚାନ୍ଦ ବିଶି, ବିଜୟ କୁମାର ଶୋରୀ, ଜତିନ୍ଦ୍ର ଶୋରୀ, ଚନ୍ଦ୍ରଧ୍ୱଜ ଡଙ୍ଗରୀ, ପଙ୍କଜ ସ୍ୱାଇଁ, ରମେଶ ମହାରଣୀ, ପିତାମ୍ବର ଶୋରା, ନୀଳକଣ୍ଠ ଦାସ, ରୁଦ୍ରାଶ ନାୟକ, ବଳଭଦ୍ର ବିଶୋଇ, ବିରଞ୍ଚି ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ସ୍ମରଣିକା ପ୍ରକାଶ ପାଇବ। ତେଣୁ ସମସ୍ତେ ଆସନ୍ତା ୧୦ ତାରିଖ ସୁଦ୍ଧା ନିଜର ଲେଖା ଦେବା ପାଇଁ କୁହାଯାଇଥିଲା।

## ରକ୍ତଦାନ ଶିବିର

ଝରିଗାଁ,୪।୧୧(ସ୍ୱ.ପ୍ର)- ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିକ୍ଷକ ସ୍ୱର୍ଗତ ପେଣ୍ଡ୍ରା ପଟ୍ଟନାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର ଆୟୋଜନ କରା ଯାଇଥିଲା। ଶିକ୍ଷକ ସଂଘ, ବିଏସଏଫ, ପୋଲିସ, ବିଜେଡି, ଛାତ୍ରୀଛାତ୍ର ତଥା ସାଧାରଣ ନାଗରିକ ପ୍ରମୁଖ ରକ୍ତ ଦାନ କରିଥିଲେ। ମୋଟ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସିଡିଏମଓ ସରୋଜ କୁମାର ନାୟକ, ତହସିଲଦାର କ୍ଷମାନିଧି ଭୋଇ, ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଆଶୁତୋଷ ମିଶ୍ର,ଡାକ୍ତର ଜିତେନ୍ଦ୍ର ନାୟକ, ବିପିଇଓ ଜଗନ୍ନାଥ ମିଶ୍ର, କରୋବି ଶର୍ମା, ଆକାଉଣ୍ଟ ମ୍ୟାନେଜର କେ. ଅନୁସାୟା, ରାକେଶ ବେହୁରିଆ, ଗୋପାଳକୃଷ୍ଣ ପାଢ଼ୀ, ବିଭୁ ସାନ୍ତା, ଶିକ୍ଷକ ଲକ୍ଷ୍ମୀକାନ୍ତ ବାହିନିପତି, ମୁରଲିଧର ନାୟକ, ଲଛମନ ପନକା, ମାର୍କଣ୍ଡ ମାଳି ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଡଟେମରା ପଞ୍ଚାୟତରେ ବିଜେଡିର ପଦଯାତ୍ରା



ପଦଯାତ୍ରାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ସହ ଅନ୍ୟମାନେ ।

ଝରିଗାଁ,୪।୧୧(ସ୍ୱ.ପ୍ର)

■ରାମପୁରିଆଗୁଡା- କନକି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

■ଶୀଘ୍ର ଆରମ୍ଭ ହେବ ତାରାବେଡା -ଚନ୍ଦନଧାରା ରାସ୍ତା କାମ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତର ସାନଟେମରା ଗ୍ରାମରେ ବିଜେଡି ପଦଯାତ୍ରା ଅନୁଷ୍ଠିତ ହୋଇଛି। ଅନୁସୂଚୀତ ଜାତି ଓ ଜନଜାତି, ପଛୁଆ ବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଏଥିରେ ଯୋଗ ଦେଇଥିଲେ। ବିଜେଡି ବ୍ଲକ ସଭାପତି ତଥା ଏମପିଙ୍କ ବ୍ଲକ ପ୍ରତିନିଧି ଉଦୟନାଥ ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଂଜନ ଦାସ, ପଞ୍ଚାୟତ ସମିତି ଅଧକ୍ଷା ରମୁଲା ଗଣ୍ଡ, ଜିଲ୍ଲା ସଂପାଦକ ରଜନୀକାନ୍ତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝୀ. ଟୁନା ଦାସ, ବଡଟେମରା ସମିତି ସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପଞ୍ଚାୟତର ଢେପଗୁଡା, ଡଙ୍ଗରୀଗୁଡା, ବଡଟେମରା, ନୂଆଗୁଡା, ଟାଙ୍ଗଣି, କନକି, ମୁଣ୍ଡାପଦର ଏବଂ ଚେପଟିଆମ୍ବା ଆଦି ଗ୍ରାମରେ ବିଜେଡି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ ଯୋଜନା କିପରି ଠିକ୍ ସମୟରେ ପ୍ରକୃତ ହିତାଧିକାରୀଙ୍କ ନିକଟକୁ ପହଞ୍ଚାଇବା ସେଥିନେଇ ସରକାର ତଥା ବିଜୁ ଜନତା ଦଳ ସର୍ବଦା ଗୁରୁତ୍ୱ ଦେଇ ଅଞ୍ଚଳର ବିକାଶରେ ସହାୟକ ହୋଇଥିବା ନେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ତାରାବେଡା ଗ୍ରାମ ନିକଟରୁ ଚନ୍ଦନଧାରା ପର୍ଯ୍ୟନ୍ତ ୪ କୋଟି ଟଙ୍କା ଅଟକଳ ମୂଲ୍ୟର ପକ୍କା ରାସ୍ତା ଅତି ନିକଟରେ ତିଆରି କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ରାମପୁରିଆଗୁଡା ଠାରୁ କନକି ପର୍ଯ୍ୟ' ମୁଖ୍ୟମନ୍ତ୍ରୀ ସଡକ ଯୋଜନା ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ସାନଟେମରା ଗ୍ରାମ ଠାରେ କମ୍ୟୁନିଟ୍ ହଲ, ଚେପଟିଆମ୍ବା ଏବଂ ଟାଙ୍ଗିଣି ଗ୍ରାମ ଠାରେ ଅଙ୍ଗନବାଡି କେନ୍ଦ୍ର ଗୃହର ଭିତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ପଞ୍ଚାୟତରେ ରହିଥିବା ସମସ୍ୟା ନେଇ ମନ୍ତ୍ରୀ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।






























## ସଂକ୍ଷେପରେ

### ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ବନଦୁର୍ଗା ଦଳ ଚାମ୍ପିୟନ

ମାଥିଲି, ୪।୧୧ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଥାନା ସମ୍ମୁଖ ତଳସାହି ଭଲିବଲ ଖେଳପଡିଆ ଠାରେ ରବିବାର ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ ଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, ସରପଞ୍ଚ ଗୌରୀ ବଟେ, କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ରେଡ୍ଡି ପ୍ରମୁଖ ଯୋଗ ଦେଇଥିଲେ । ମାଲକାନଗିରି ନେହୁରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ତଳସାହି ବନ ଦୁର୍ଗା କ୍ଲବ ପକ୍ଷରୁ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବ୍ଲକର ବିଭିନ୍ନ ଗ୍ରାମରୁ ୮ଟି ଦଳ ଅଂଶ


ଦିନିକିଆ ଟୁର୍ଣ୍ଣାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ମା' ବନଦୁର୍ଗା କ୍ଲବ ଦଳ ଏବଂ ସୁଗ୍ରୀଗୁଡା ଶହୀଦ ଲକ୍ଷ୍ମଣ ନାୟକ ଦଳ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ୨୭-୭ ସ୍କୋର କରି ବନ ଦୁର୍ଗା ଦଳ ଚାମ୍ପିୟନ ହୋଇଥିଲା । ସେହିପରି ଶ୍ରେଷ୍ଠ ଖେଳାଳି ଭାବେ ବନଦୁର୍ଗା ଦଳର ସନ୍ୟା ପାଙ୍ଗି, ଶ୍ରେଷ୍ଠ ନେଟର ଭାବେ ସୁଗ୍ରୀଗୁଡା ଦଳର ମହେଶ୍ୱର ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ହୋଇଥିବା ଉଦଯାପନୀ କାର୍ଯ୍ୟକ୍ରମରେ ଶିକ୍ଷକ ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ନାରାୟଣ ଖିଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ବନ ଦୁର୍ଗା ଦଳ ଏବଂ ରନର୍ସ ଅଫ ଦଳକୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ସନ୍ତୋଷ କୁମାର ପାତ୍ର , ବାସୁଦେବ ଫଟକା, ବନଦୁର୍ଗା କ୍ଲବ ସଭାପତି ଶ୍ୟାମ ପଟ୍ଟନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

### ନୂତନ ବୋର୍ଡ କମିଟି ସଦସ୍ୟଙ୍କ ଶପଥପାଠ

# କଲେଜକୁ ଦୁର୍ନୀତିମୁକ୍ତ କରିବୁ

ମାଥିଲି, ୪।୧୧ (ଡି.ଏନ୍.ଏ)

ମାଲକାନଗିରି ଜିଲା ମାଥିଲି ଉତ୍କଳମଣି ଗୋପବନ୍ଧୁ ଜୁନିୟର କଲେଜକୁ ଦୁର୍ନୀତି ମୁକ୍ତ କରିବୁ। କୌଣସି ଅନିୟମିତତା କାର୍ଯ୍ୟରେ ଲିପ୍ତ ରହିବୁ ନାହିଁ । ସଦସ୍ୟ କିମ୍ବା କଲେଜ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନେଇ ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ କଲେଜର ନୂତନ ବୋର୍ଡ କମିଟି ସଦସ୍ୟ ଏବଂ


କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

କଲେଜ କର୍ମଚାରୀମାନେ ମିଶି ରବିବାର ଏପରି ଶପଥ ପାଠ କରିଛନ୍ତି। ଜୁନିୟର କଲେଜ ପରିଚାଳନା ପରିଷଦ ବୋର୍ଡ କମିଟି ପରିବର୍ତ୍ତନ କରାଯାଇ ଏବେ ନୂତନ ଭାବେ ବୋର୍ଡ ଗଠନ କରାଯାଇଛି। ନୂତନ କମିଟିକୁ ସ୍ୱାଗତ ପାଇଁ ରବିବାର କଲେଜ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। କଲେଜ ଅଧକ୍ଷ ପ୍ରଦୀପ୍ତ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କଲେଜ ପରିଚାଳନା କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କ ଚିଠି ନଂ (୮୬୯୬/୧୫/୧୦/୧୮) ଅନୁଯାୟୀ ୧୫ ଜଣିଆ ଏକ ନୂତନ କମିଟି ଗଠନ କରାଯାଇଛି। ପୂର୍ବରୁ ସଭାପତି ଥିବା ଉଦୟନାଥ ମାଦ୍ରୀଙ୍କୁ ପୁଣି ଥରେ ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ଭାବେ ଜୀବନ ସାହୁ , ସଦସ୍ୟ ରଜନୀକାନ୍ତ ଶଙ୍ଖୁଆ, କାବେରି ପରିଡା, ନରେନ୍ଦ୍ର କୁମାର ବେହେରା, ବିଦ୍ୟାଧର ପୂଜାରୀ,ବି.ଭି. ଗଣେଶ , ପ୍ରଦୀପ୍ତ କୁମାର ଦାଶ, ସରସ୍ୱତୀ ଗରଡା, ସୁକାନ୍ତୀ ବୁଡୁବାଡେ, ସୁଧାଂଶୁ ନାୟକ, ଏସ୍. ମୁରଲି, ଏସ୍ . କୁତୁବଜାନ, ଭାଗ୍ୟଲକ୍ଷ୍ମୀ ଚୌଧୁରୀ, ଲକ୍ଷ୍ମୀ ପୂଜାରୀଙ୍କୁ ନେଇ ନୂତନ କମିଟି ଗଠିତ ହୋଇଛି। କିଛି ମାସ ତଳେ କଲେଜରେ ବ୍ୟାପକ ଅନିୟମିତତା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଲକ୍ଷ ଲକ୍ଷ ଟଙ୍କା ହେରଫେର ହୋଇଥିବା ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥ ହେରଫେର ହୋଇଥିବା ଘଟଣାକୁ ନେଇ ନିଜେ ବୋର୍ଡ କମିଟି ସ୍ୱୀକାର କରିଥିଲା। ଥାନା ପର୍ଯ୍ୟନ୍ତ ଏହି ଘଟଣା ଯାଇଥିଲା। ହେରଫେର ଅର୍ଥ ଫେରସ୍ତ ଆସିଥିଲା। ଆଗାମୀ ଦିନରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଅର୍ଥକୁ ନେଇ ହୋଇଥିବା ଦୁର୍ନୀତ ଲୋକଲୋଚନକୁ ଆଣିବେ ବୋଲି ସଭାପତି ମାଦ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାଜ କିଶୋର ଜେନା, ସୁବ୍ରତ ଭଦ୍ର, ପ୍ରଭାତ ସେନ୍, ସୁଶାନ୍ତ ବେହେରା, ସୁବ୍ରତ ଖୁଣ୍ଟିଆ, ଲଳିତା ପଟ୍ଟନାୟକ, ସାଗରିକା ମିଶ୍ର, ମାନସ କୁମାର ଦାଶ, ପାର୍ବତୀ ପୂଜାରୀ, ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ

ରାୟଗଡା ଅଫିସ୍, ୪।୧୧

ରାୟଗଡା ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଜିଲା କଂଗ୍ରେସ କମିଟିର ସ୍ୱତନ୍ତ୍ର ବୈଠକ ମଧ ଆୟୋଜିତ ହୋଇଥିଲା । ସ୍ଥାନୀୟ ଲାୟନ୍ସ କ୍ଲବ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସଦନ ନାୟକ ଓ ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକା ଯୋଗ ଦେଇଥିଲେ । ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନକୁ ମଜବୁତ କରିବା ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷଣ ଶିବିରରେ ସଂଯୋଜକ ଚିନ୍ମୟ ମହାପାତ୍ର ଓ ଟୁନା ମହାପାତ୍ର ଯୋଗ ଦେଇଥିଲେ । ସୋସିଆଲ ମିଡିଆକୁ ବ୍ୟାପକ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଅବସରରେ ଦୁଇ ପୂର୍ବତନ ବିଧାୟକ ଆଗାମୀ ସାଧାରଣ ନିର୍ବାଚନର ପ୍ରସ୍ତୁତି ସମ୍ପର୍କରେ ଉପସ୍ଥିତ ନେତା ଓ କର୍ମୀଙ୍କୁ କହିଥିଲେ । ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ଆପ୍ପୁଲସ୍ୱାମୀ କାଡ୍ରାକା, ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ପାତ୍ର, ଯୁବ କଂଗ୍ରେସ ସଭାପତି ଭବାନୀଶଙ୍କର ଜେନାଙ୍କ ସମେତ ଜିଲାର ସମସ୍ତ ବ୍ଲକ୍ ଅଧ୍ୟକ୍ଷାଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ ଓ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତାମାନେ ।

# ସହରରେ ଗଦା ହୋଇଛି କୁଢକୁଢ ଅଳିଆ

## ସଫା କରିବାକୁ କାହାର ନଜର ନାହିଁ


ଗଦା ହୋଇଥିବା ଅଳିଆ ସଫା ହେଉନି ।

ମାଲକାନଗିରି, ୪।୧୧ (ଡି.ଏନ୍.ଏ.)

ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ପରିମଳ ଏବଂ ସ୍ୱଚ୍ଛ ଭାରତ ସମ୍ପର୍କରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଞ୍ଚାୟତ ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ନିକଟରେ ରାଜ୍ୟ ସରକାର ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ଅନେକ ସ୍ଥାନରେ ପଲିଥିନ୍ ବ୍ୟବହାର ପ୍ରାୟତଃ କମିଥିବା ବେଳେ କାଳିମେଳା ଅଞ୍ଚଳରେ ପଡିଥିବା ଆବର୍ଜନା ଦେଖିଲେ ଏଠାରେ ସ୍ୱଚ୍ଛ ଭାରତ ଅଭିଯାନ ଯେ ଦିଗହରା ହୋଇଛି ତାହା ସହଜରେ ଅନୁମେୟ। ସେହି ସ୍ଥାନରେ ପଡିଥିବା କୁଢ କୁଢ ଅଳିଆ ଆବର୍ଜନା ପ୍ରତି କାହାର ଦୃଷ୍ଟି ନାହିଁ। ଏହି ସ୍ଥାନଠାରୁ ମାତ୍ର ୫୦୦ ମିଟର ମଧ୍ୟରେ ବନ ବିଭାଗ, ଥାନା, ୨ଟି ଉଚ୍ଚ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ମାତ୍ର ଏହି କାର୍ଯ୍ୟାଳୟର ଅଧିକାରୀମାନଙ୍କ ଦୃଷ୍ଟି ଏଥିପ୍ରତି ପଡୁନାହିଁ। ଫଳରେ ଏହି ସ୍ଥାନଟି ଦିନକୁ ଦିନ ଅତ୍ୟଧିକ ଆବର୍ଜନା ସ୍ଥଳରେ ପରିଣତ ହେଉଛି। ଏହା ଆଗାମୀ ଦିନରେ ବିଭିନ୍ନ ରୋଗର କାରଣ ପାଲଟିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶେଷ

ପଡିଆ,୪।୧୧-

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷ ଦେବା ମାଡକାମି ଉଦ୍‌ଘାଟନ କରିଥିଲେ । ବ୍ଲକର ସମସ୍ତ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୧୬୨ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ କବାଡି, ଖୋଖୋ , ଲମ୍ଫଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକ, ଏବିଓ ସତ୍ୟ ନାରାୟଣ ରାଓ, ଏମ. ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ମାନେ ପାଠପଢା ସହ କ୍ରୀଡା ଅଭ୍ୟାସ ରଖିବା ପାଇଁ ପରାମର୍ଶ ଦେଇ କ୍ରୀଡା ଶରୀର ସୁସ୍ଥ ରଖିବା ସହ ମାନସିକ ବିକାଶ ଘଟାଇଥାଏ ବୋଲି କହିଥିଲେ। ଆଜିର ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ଜିଲା ସ୍ତରକୁ ମନୋନୀତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ପଡିଆ ବ୍ଲକର ୪ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ରୀଡାକୁ ଶିକ୍ଷୟତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଅଭାବ, ରୋଗୀ ହନ୍ତସନ୍ତ

ମାଲକାନଗିରି/ଏମ.ଭି-୭୯ ୪।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ.ଭି-୭୯ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ଅଭାବ ଦେଖାଦେଇଛି । ଫଳରେ ରୋଗୀ ଏବଂ ସମ୍ପର୍କୀୟ ମାନେ ପାନୀୟ ଜଳ ଅଭାବ ପାଇଁ ହଇରାଣ ହେଉଛନ୍ତି। ଡାକ୍ତରଖାନା ପରିସରରେ ଥିବା ଏକମାତ୍ର ନଳକୂପରେ ଯେଉଁ ପାଣି ଆସୁଛି ତାହା ଲୌହ ଯୁକ୍ତ ହୋଇଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ତୁରନ୍ତ ଜିଲା ପ୍ରଶାସନ ଏଥି ପ୍ରତିଦୃଷ୍ଟି ଦେବାକୁ ଏମ.ଭି-୭୯ ଗ୍ରାମବାସୀ ଦାବି କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ | ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୁରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଜାଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଗ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra